


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-178 ◆BHUBANESWAR ◆TUESDAY ◆24 DECEMBER 2024 ◆PAGE-14 ◆₹ 6.00
◆ବର୍ଷ-୪୨ ◆ସଂଖ୍ୟା-୧୭୮ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୪ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦

### ଓଡ଼ିଶାର ୫୦ ନିର୍ବାଚନମଣ୍ଡଳୀରେ ମତଦାନ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ

# ଭୋଟ ବ୍ୟବଧାନକୁ ନେଇ ଉଠିଲା ପ୍ରଶ୍ନ

**୨୦ ବର୍ଷରେ ସର୍ବାଧିକ ତାରତମ୍ୟ ● କେନ୍ଦୁଝରରେ ୩୦.୬୪% ● କନ୍ଧମାଳରେ ୨୮.୬୯%**

- ନିର୍ବାଚନ କମିସନଙ୍କୁ ଭେଟି ଆପତ୍ତି ଜଣାଇଲା ବିଜେଡି
- ନିର୍ବାଚନ ଅଧିକାରୀଙ୍କ ରିପୋର୍ଟରେ ବିଭ୍ରାଟ କାହିଁକି?
- ତ୍ରୁଟି ସୁଧାରିବାକୁ ଦାବିକଲା ଦଳ
- ଆବଶ୍ୟକ ପଦକ୍ଷେପ ନେବାକୁ କମିସନଙ୍କ ପ୍ରତିଶ୍ରୁତି



■ **ଭୁବନେଶ୍ୱର, ୨୩।୧୨ (ସମିସ):** ଗତ ଲୋକସଭା ଏବଂ ବିଧାନସଭା ନିର୍ବାଚନ ବେଳେ ମତଦାନ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମଦଦାନ ସଂଖ୍ୟାକୁ ନେଇ ପ୍ରିଜାଇଡିଂ ଅଫିସର ଏବଂ ରିଟର୍ଣ୍ଣିଂ ଅଫିସର ଭିନ୍ନଭିନ୍ନ ତଥ୍ୟ ଦେଇଥିଲେ। ପୁଣି କେତେକ ନିର୍ବାଚନମଣ୍ଡଳୀରେ ଯେତେ ଭୋଟ୍ ପଡ଼ିଥିଲା, ଗଣତି ବେଳେ ଏହି ସଂଖ୍ୟା ଆହୁରି ବଢ଼ିଯାଇଥିଲା। ସବୁଠାରୁ ସୁରକ୍ଷିତ ଓ ସ୍ୱଚ୍ଛ କୁହାଯାଉଥିବା ଇଭିଏମ୍‌ରେ ମତଦାନ ସତ୍ତ୍ୱେ ଭୋଟ ସଂଖ୍ୟାରେ ଏଭଳି ବ୍ୟବଧାନ କାହିଁକି ଦେଖାଦେଲା ବୋଲି ପ୍ରଶ୍ନ ଉଠାଇଛି ବିଜେଡି। ଏହା ସମଗ୍ର ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଲଗାଇ ଦେଇଛି। ବିଜେଡିର ଏକ ପ୍ରତିନିଧି ଦଳ ଆଜି ଭାରତର ନିର୍ବାଚନ କମିସନଙ୍କୁ ଭେଟି ଏସଂପର୍କରେ ଆପତ୍ତି ଜଣାଇବା ସହିତ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଦାବି କରିଛି। ନିର୍ବାଚନ କମିସନ ମଧ ଏସଂପର୍କରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବିଜେଡିର ପୂର୍ବତନ ସାଂସଦ ଡ. ଅମର ପଟ୍ଟନାୟକଙ୍କ ନେତୃତ୍ୱରେ ଯାଇଥିବା ସାଂସଦଙ୍କ ପ୍ରତିନିଧି ଦଳ ସହିତ ନିର୍ବାଚନ କମିସନ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଛନ୍ତି। ତଥ୍ୟରେ ଏଭଳି ତାରତମ୍ୟ କାହିଁକି ରହିଲା? ଏସଂପର୍କରେ କୌଣସି ତଥ୍ୟ ସ୍ଥାନୀୟ ନିର୍ବାଚନ ଅଧିକାରୀ ଦେଉ ନାହାନ୍ତି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଥିଲେ। ଆରଟିଆଇ ଏବଂ ଲୋକପ୍ରତିନିଧି ଆଇନ ଅନୁସାରେ ଫର୍ମ-୧୭-ସିର କପି ପାଇଁ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରାଯାଇଥିଲେ ମଧ ସେମାନେ ତଥ୍ୟ ଦେଉ ନହାନ୍ତି। ଏଭଳି ପରିସ୍ଥିତିରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଭବିଷ୍ୟତରେ ଏଭଳି ତ୍ରୁଟିର ଯେପରି ପୁନରାବୃତି ନହେଉ ସେଥିଲାଗି ପଦକ୍ଷେପ ନିଆଯାଉ। ନିର୍ବାଚନକୁ ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଏବଂ ନିର୍ବିବାଦୀୟ କରିବା ଲାଗି ସେମାନେ କମିସନଙ୍କ ନିକଟରେ ଦାବି କରିଥିଲେ। ଏକ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଆଲୋଚନା ବେଳେ ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାରଙ୍କ ସହିତ ଅନ୍ୟ ଦୁଇ ଜଣ କମିସନର ଜ୍ଞାନେଶ କୁମାର ଏବଂ ସୁଖବିର ସିଂହ ସନ୍ଧୁ ମଧ ଉପସ୍ଥିତ ଥିଲେ। ରାଜୀବ କୁମାର କହିଥିଲେ, ବିଜେଡି ଉଠାଇଥିବା ପ୍ରସଙ୍ଗ ଉପରେ ତର୍ଜମା କରାଯିବ। ଆବଶ୍ୟକ ପଡ଼ିଲେ ବିଜେଡି ପ୍ରତିନିଧିଙ୍କୁ ଡାକି ଏହା ଉପରେ ଅଧିକ ଆଲୋଚନା କରାଯିବ। ଦଳ ଯେଉଁ ଯେଉଁ ପ୍ରସଙ୍ଗ ଉଠାଇଛି, ତାହାର ଲିଖିତ ଆକାରରେ ମଧ ଜବାବ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

କମିସନଙ୍କୁ ଭେଟିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିନିଧି ଦଳର ନେତା ଡ. ପଟ୍ଟନାୟକ କହିଥିଲେ ଯେ ଓଡ଼ିଶାର ପ୍ରାୟ ୫୦ଟି ନିର୍ବାଚନମଣ୍ଡଳୀରେ ଭୋଟଦାନ ହାର ଏବଂ ଗଣତି ହୋଇଥିବା ଭୋଟ ସଂଖ୍ୟାରେ ତାଳମେଳ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝରରେ ଭୋଟ ବ୍ୟବଧାନ ସର୍ବାଧିକ ୩୦.୬୪% ରହିଛି। ଖୋଦ୍ ନିର୍ବାଚନ ଆୟୋଗଙ୍କ ତଥ୍ୟରୁ ଏପରି ଚାଞ୍ଚଲ୍ୟକର ସୂଚନା ମିଳିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ପ୍ରତିନିଧି ଦଳ ▶ପୃଷ୍ଠା-୭

### ଭାରତକୁ ପତ୍ର ଲେଖିଲା ବାଂଲାଦେଶ

# ହସିନାଙ୍କୁ ପ୍ରତ୍ୟର୍ପଣ କର


■ **ଢାକା, ୨୩।୧୨ (ଏଜେନ୍ସି):** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦ ଏବେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ବେଳେ ତାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଦାବି କରିଛି ବାଂଲାଦେଶ ସରକାର। ବଡ଼ ଧରଣର ଛାତ୍ର ଆନ୍ଦୋଳନ ପରେ ୭୭ ବର୍ଷୀୟ ହସିନା ଗତ ଅଗଷ୍ଟ ମାସରେ ଦେଶ ଛାଡ଼ି ଭାରତରେ ଆଶ୍ରୟ ନେଇଛନ୍ତି। ସେ ଗାଦିଚ୍ୟୁତ ହେବା ପରେ ଭାରତ ଓ ବାଂଲାଦେଶ ମଧ୍ୟ।ରେ ସଂପର୍କ ତିକ୍ତ ହୋଇଛି। ଏଭଳି ପରିସ୍ଥିତିରେ ତାଙ୍କୁ ହସ୍ତାନ୍ତର ପାଇଁ ବାଂଲାଦେଶରେ କାମଚଳା ସରକାରର ଦାବି ଦୁଇ ଦେଶ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି।



ବାଂଲାଦେଶର ବୈଦେଶିକ ବିଭାଗ ଉପଦେଷ୍ଟା (ବିଦେଶ ମନ୍ତ୍ରୀ) ତୌହିଦ ହୁସେନ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ହସିନାଙ୍କ ବିରୋଧରେ ୬୦ରୁ ଅଧିକ ଅପରାଧିକ ମାମଲା ରହିଥିବାରୁ ଏବେ ବିଚାର ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ତେଣୁ ଭାରତ ସରକାର ଏ ଦିଗରେ ସହଯୋଗ କରିବାକୁ ସେ କହିଛନ୍ତି। ଏସଂପର୍କରେ ଏକ ପତ୍ର ଭାରତ ସରକାରଙ୍କୁ ପଠାଯାଇଛି। ସେହିଭଳି ସେଠାର ▶ପୃଷ୍ଠା-୭

## ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମ ବେନେଗଲଙ୍କ ପରଲୋକ

■ **ମୁମ୍ବାଇ, ୨୩।୧୨ (ଏଜେନ୍ସି):** ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମ ବେନେଗଲଙ୍କ ୯୦ ବର୍ଷ ବୟସରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।



ଉଲ୍ଲେଖଯୋଗ୍ୟ, ଶ୍ୟାମ ବେନେଗଲଙ୍କୁ ୧୮ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିବା ସହ 'ଦାଦା ସାହେବ ଫାଲକେ'ରେ ସମ୍ମାନିତ ହୋଇଛନ୍ତି। ଏହାଛଡ଼ା ସେ ପଦ୍ମଶ୍ରୀ ଓ ପଦ୍ମଭୂଷଣ ସମ୍ମାନ ମଧ ଲାଭ କରିଥିଲେ। ସେ ଜୁବେଇଦା, ଦ ମେକିଂ ଅଫ୍ ଦି ମହାତ୍ମା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ: ଦି ଫରଗଟେନ ହିରୋ, ମଣ୍ଡି, ଆରୋହଣ, ୱେଲକମ୍ ଟୁ ସଜ୍ଜନପୁର ଭଳି ବହୁ ରୋମାଞ୍ଚକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ତେବେ ମନ୍ଥନ ଓ ଅଙ୍କୁର ଭଳି ଚମତ୍କାର କଳାତ୍ମକ ସିନେମା ପାଇଁ ଶ୍ୟାମ ଦର୍ଶକ ମହଲରେ ବେଶ୍ ଜଣାଶୁଣା।

### ରୁବେନ୍ ବାନାର୍ଜୀଙ୍କ ପୁସ୍ତକକୁ ବିଜେଡିର ଶାଣିତ କଟାକ୍ଷ

# ଗୁଲିଖଟିର ଆଳଙ୍କାରିକ ବ୍ୟାଖ୍ୟା



- ବିରୋଧୀଙ୍କ ଚର୍ଚ୍ଚାକୁ ପୁଟ ଦେଇ ପୁସ୍ତକ ରଚନା କରାଯାଇଛି
- ଦୀର୍ଘ ବର୍ଷ ହେଲା ନବୀନଙ୍କୁ ନ ଭେଟି ମନଗଢ଼ା କାହାଣୀ ଲେଖାଯାଇଛି
- ସତ୍‌ସାହସ ଥିଲେ ବିଜେପି ବିରୋଧରେ ବହି ଲେଖି ଦେଖାନ୍ତୁ



■ **ଭୁବନେଶ୍ୱର, ୨୩।୧୨ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନେଇ ଲେଖାଯାଇଥିବା ତଥାକଥିତ ଜୀବନୀ ପୁସ୍ତକ ଏବଂ ଏହାର ଲେଖକ ରୁବେନ ବାନାର୍ଜୀଙ୍କୁ ଶାଣିତ କଟାକ୍ଷ କରିଛି ବିଜେଡି। ରୁବେନ୍ ବାନାର୍ଜୀଙ୍କ କାର୍ଯ୍ୟ ପ୍ରଶଂସନୀୟ ନୁହେଁ; ବରଂ ନିନ୍ଦନୀୟ। ବିଜେଡି ରୁବେନଙ୍କ ଏହି ପୁସ୍ତକକୁ ପ୍ରତ୍ୟାଖ୍ୟାନ କରୁଛି, ଆଉ ଓଡ଼ିଶାର ଲୋକ ବି ଏହି ବହିକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ବିଜେଡି କହିଛି। ଅପରପକ୍ଷେ ସତ୍‌ସାହସ ଥିଲେ ରୁବେନ୍ ବିଜେପିର ୪୦୦ ପାର୍ ସ୍ଲୋଗାନ୍ ଉପରେ ବହି ଲେଖି ଦେଖାନ୍ତୁ ବୋଲି ବିଜେଡି ଆହ୍ୱାନ ଜଣାଇଛି।

ବିଜେଡିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁ କହିଛନ୍ତି, ନବୀନ ପଟ୍ଟନାୟକଙ୍କୁ ନେଇ ରଚିତ ପୁସ୍ତକରେ ତଥ୍ୟ ନୁହେଁ; ବରଂ ଏହା ରୁବେନ ବାନାର୍ଜୀଙ୍କ କଳ୍ପନା ପ୍ରସୂତ ଉପନ୍ୟାସ। ଏହା ଏକ ଅବାସ୍ତବଧର୍ମୀ ଆଲେଖ୍ୟ ଏବଂ ଗୁଲିଖଟିର ଆଳଙ୍କାରିକ ବ୍ୟାଖ୍ୟା। ନିର୍ବାଚନ ପୂର୍ବରୁ ଏବଂ ପରେ ନବୀନଙ୍କ ବିଷୟରେ ବିପକ୍ଷ ଦଳ ଏବଂ ବିରୋଧୀମାନଙ୍କ ଚର୍ଚ୍ଚାକୁ ଆଳଙ୍କାରିକ ପୁଟ ଦେଇ ରୁବେନ୍ ଏହି ପୁସ୍ତକ ରଚନା କରିଛନ୍ତି ବୋଲି ଡଃ ସାହୁ କହିଛନ୍ତି।

ପୁସ୍ତକ ରଚୟିତା ରୁବେନ୍‌ଙ୍କୁ ସମାଲୋଚନା କରି ଡଃ ସାହୁ ଦର୍ଶାଇଛନ୍ତି, କାହା ▶ପୃଷ୍ଠା-୭





### ୨୦୦୦-୨୦୨୪ ଓଡ଼ିଶା ପାଇଁ ସ୍ୱର୍ଣ୍ଣିମ ଯୁଗ

# ନବୀନଙ୍କ ବିତ୍ତୀୟ ପରିଚାଳନା ଦେଶରେ ନମ୍ବର -୧



- ଦୁର୍ବଳ ଓଡ଼ିଶାକୁ ସବଳ କରିଛି ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ
- ୨୦୦୫ର ଟିକସ ସଂସ୍କାର ପଦକ୍ଷେପ ଅର୍ଥନୀତିରେ ଆଣିଲା ନୂଆ ମୋଡ଼
- ୨୦୨୩-୨୪ରେ ଜିଏସ୍‌ଡିପି ଅନୁପାତରେ ଋଣ ୧୬%କୁ ହ୍ରାସ

■ **ଭୁବନେଶ୍ୱର, ୨୩।୧୨ (ସମିସ):** ବିଭିନ୍ନ କାରଣରୁ ଏବେ ଚାପଗ୍ରସ୍ତ ଦେଶର ଅର୍ଥନୀତି। ସେୟାର ବଜାରଠାରୁ ଖୁଚୁରା ବଜାର ସବୁଠି କାରବାର ମାନ୍ଦା। ହେଲେ ଏ କ୍ଷେତ୍ରରେ ଓଡ଼ିଶା ଏକ ବ୍ୟତିକ୍ରମ। ଆଜି ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ଦେଶର ଏକ ସୁଦୃଢ଼ ରାଜ୍ୟ। ଦୁର୍ବଳ ଓଡ଼ିଶାକୁ ସବଳ କରିଛି ନବୀନଙ୍କ ଦୂରଦର୍ଶୀ ଆର୍ଥିକ ପରିଚାଳନା। ୨୦୦୦-୨୦୨୪ ଓଡ଼ିଶା ପାଇଁ ସ୍ୱର୍ଣ୍ଣିମ ଯୁଗ। କାରଣ ଏହି ସମୟରେ ମୁଖ୍ୟମନ୍ତ୍ରୀ ଭାବେ ନୀବନ୍ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱ ରାଜ୍ୟ ଅର୍ଥନୀତିକୁ ଦେଇଛି ଏକ ନୂଆ ଦିଶା ଆଉ ରୂପ। ନବୀନ ଶାସନରେ ବିତ୍ତୀୟ ପରିଚାଳନାରେ ଓଡ଼ିଶା ହୋଇଛି ଦେଶର ଏକ ନମ୍ବର ରାଜ୍ୟ। ୨୦୦୦ ମସିହାରେ ଦେଶର ସବୁଠାରୁ ଆର୍ଥିକ ଚାପଗ୍ରସ୍ତ ରାଜ୍ୟ ୨୦୨୪ ବେଳକୁ ଦେଶର ସବୁଠାରୁ କମ୍ ଋଣକାରୀ ରାଜ୍ୟରେ ପରିଣତ ହୋଇଛି। ୨୦୨୩-୨୪ରେ



ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁପାତରେ ଋଣ ୧୬%କୁ ହ୍ରାସ ଘଟିଛି। ଯାହାକି ଦେଶର ରାଜ୍ୟଗୁଡିକ ମଧ୍ୟରେ ସର୍ବନିମ୍ନ ରହିଥିବା ଖୋଦ୍ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କହିଛି। ୨୦୦୫ରେ ଓଡ଼ିଶା ସରକାର ଗ୍ରହଣ କରିଥିବା ଟିକସ ▶ପୃଷ୍ଠା-୭

## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାରକରଜରୁ ଦୂରେଇ ରହିବେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ସମ୍ପତ୍ତି ବିବାଦ ସମାଧାନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ହେବ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଇତିହାସ

- ୧୮୯୪- କଲିକତାରେ ପ୍ରଥମ ଥର ପାଇଁ ମେଡିକାଲ୍ କନ୍‌ଫରେନ୍ସର ଆୟୋଜନ କରାଗଲା।
- ୧୯୮୬- ଦିଲ୍ଲୀସ୍ଥିତ ଲୋଟସ୍ ଟେମ୍ପୁଲକୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା।
- ୧୯୮୯- ଦେଶର ପ୍ରଥମ ଆମ୍ୟୁଜ୍‌ମେଣ୍ଟ ପାର୍କ 'ଏସ୍‌ଏଲ୍ ୱାର୍ଲଡ' ମୁମ୍ବାଇରେ ଖୋଲିଲା।
- ୨୦୦୦-ବିଶ୍ୱନାଥନ୍ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ୍ ହେଲେ।



## ପ୍ରତିବର୍ଷ ପେଟକୁ ଯାଉଛି ୨୬୦ ଗ୍ରାମ୍ ମାଇକ୍ରୋପ୍ଲାଷ୍ଟିକ୍

ଆମେ ଦୈନନ୍ଦିନ ଜୀବନରେ ଅନେକ ପ୍ରକାର ପ୍ଲାଷ୍ଟିକ୍ ଜିନିଷର ବ୍ୟବହାର କରୁଛେ। ଏଥିଯୋଗୁଁ ଦିନକୁ ଦିନ ଏହାର ମାରାତ୍ମକ ପରିଣାମ ସାମ୍ନାକୁ ଆସୁଛି। ବିଶେଷକରି ମାଇକ୍ରୋପ୍ଲାଷ୍ଟିକ୍ ମଣିଷ ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଛି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଜଣେ ମଣିଷ ବର୍ଷକୁ ଅତି କମ୍‌ରେ ୫.୨ ଗ୍ରାମ୍ ଏବଂ ଅଧିକରୁ ଅଧିକ ୨୬୦ ଗ୍ରାମ୍ ମାଇକ୍ରୋପ୍ଲାଷ୍ଟିକ୍ ଖାଉଛି। କହିବାକୁ ଗଲେ, ପ୍ରତି ସପ୍ତାହରେ କିଛି ପରିମାଣର ମାଇକ୍ରୋପ୍ଲାଷ୍ଟିକ୍ ମଣିଷ ଅଜାଣତରେ ତା'ର ଶରୀରରେ ପ୍ରବେଶ କରୁଛି। ଏହି ଅଧ୍ୟୟନ ଅଷ୍ଟ୍ରେଲିଆର ନ୍ୟୁକେସଲ ୟୁନିଭର୍ସିଟିର ପ୍ରଫେସର ଧାବା ପଲାନୀସାମୀ କରିଛନ୍ତି। ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ଅତି କ୍ଷୁଦ୍ରାକୃତି ପ୍ଲାଷ୍ଟିକ୍ କଣିକା। ଯାହାକି ଖାଦ୍ୟପାନୀୟ, ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ପ୍ରବେଶ କରିଥାଏ। ପାଇପ୍ ପାଣି, ବୋତଲ ପାଣି, ଲୁଣରୁ ମଧ୍ୟ ଏହା ମିଳିଥାଏ। ସାମୁଦ୍ରିକ ଖାଦ୍ୟରେ ଏହି ସମସ୍ୟା ଅଧିକ ମାରାତ୍ମକ ହୋଇଥାଏ। ମହାସାଗରରେ ଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ସାମୁଦ୍ରିକ ପ୍ରାଣୀଙ୍କ ମାଧ୍ୟମରେ ମଣିଷ ଶରୀରରେ ପହଞ୍ଚି ଥାଏ। ଏହାବାଦ୍ ପବନରେ ଥିବା ମାଇକ୍ରୋପ୍ଲାଷ୍ଟିକ୍ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ପ୍ରବେଶ କରେ। ଏହି ମାଇକ୍ରୋପ୍ଲାଷ୍ଟିକ୍ ମଣିଷର ରୋଗ ପ୍ରତିରୋଧକ କ୍ଷମତାକୁ ଦୁର୍ବଳ କରିଥାଏ। ଏହାଦ୍ୱାରା ମଧୁମେହ, ଥାଇରଏଡ୍, ନ୍ୟୁରୋଲୋଜିକାଲ ଡିଜ୍‌ଅର୍ଡର ଏବଂ କର୍କଟ ଭଳି ଗମ୍ଭୀର ରୋଗର ଆଶଙ୍କା ବୃଦ୍ଧି ପାଏ। କେବଳ ସେତିକି ନୁହେଁ, ଏହା ବନ୍ଧ୍ୟାଦୋଷର କାରଣ ମଧ୍ୟ ହୋଇଥାଏ। ତେବେ ସବୁଠୁ ଅଧିକ ମାଇକ୍ରୋପ୍ଲାଷ୍ଟିକ୍ ନଳପାଣି ଏବଂ ବୋତଲ ବନ୍ଦ ପାଣିରୁ ମିଳିଥାଏ। ବିଶେଷକରି ବୋତଲ ପାଣିରେ ପ୍ଲାଷ୍ଟିକ୍ ମାତ୍ରା ଅଧିକ ହୋଇଥାଏ। ଏହାବାଦ୍ ଲୁଣ, ମହୁ, ଚିନି ଭଳି ଜିନିଷ ମଧ୍ୟ ପ୍ଲାଷ୍ଟିକ୍ ଦ୍ୱାରା ଦୂଷିତ ହେଉଛି। ଅନ୍ୟପଟେ ମାଇକ୍ରୋପ୍ଲାଷ୍ଟିକ୍ ବିପଦରୁ ରକ୍ଷା ପାଇବା ପାଇଁ ପ୍ଲାଷ୍ଟିକ୍ ଉତ୍ପାଦର ବ୍ୟବହାର କମ୍ କରିବା ଉଚିତ।

## 'ଭୂତ୍ ବଙ୍ଗଲା'ରେ ତବୁଙ୍କ ଏଣ୍ଟ୍ରି



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବେ ଯେଉଁ ଫିଲ୍ମକୁ ନେଇ ବେଶୀ ଚର୍ଚ୍ଚିତ, ତାହା ହେଉଛି 'ଭୂତ୍ ବଙ୍ଗଲା'। ଏହାର ସୁଟିଂରେ ଅକ୍ଷୟ ଏବେ ବ୍ୟସ୍ତ ଅଛନ୍ତି। ଇତିମଧ୍ୟରେ ନିର୍ଦ୍ଦେଶକ ପ୍ରିୟଦର୍ଶନ୍ ଏହି ହରର୍ କମେଡି ଫିଲ୍ମରେ ଅକ୍ଷୟଙ୍କ ବିପକ୍ଷରେ ନାୟିକା ଭାବେ ତବୁଙ୍କୁ ନେବା ପାଇଁ ଫାଇନାଲ କରିଥିବା ଜଣାପଡ଼ିଛି। ଏହାପୂର୍ବରୁ ଅକ୍ଷୟ ଓ ତବୁ ୨୦୦୦ ମସିହାରେ 'ହେରାଫେରି'ରେ କାମ କରିଥିଲେ। ତବୁଙ୍କୁ ଫିଲ୍ମରେ ତାଙ୍କ ଭୂମିକା ବେଶ୍ ପସନ୍ଦ ଆସିଛି। ସେ ଏଥିରେ କାମ କରିବାକୁ ରାଜି ହୋଇଯାଇଛନ୍ତି। ଏହା ୨୦୨୬ରେ ପରଦାକୁ ଆସିବ। ଏହି ଫିଲ୍ମରେ ଅକ୍ଷୟ, ତବୁଙ୍କ ବ୍ୟତୀତ ପରେଶ ରାୱଲ, ବାମିକା ଗବ୍ବି, ରାଜପାଳ ଯାଦବ, ଅଶାରାନି ପ୍ରମୁଖ ନଜର ଆସିବେ। ଫିଲ୍ମ ନିର୍ମାତା ଏହାର ସୁଟିଂ ଅପ୍ରେଲ୍, ୨୦୨୫ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଇତିମଧ୍ୟରେ ଏହାର ଦୁଇଟି ପୋଷ୍ଟର୍ ସାମ୍ନାକୁ ଆସିଛି।



## ନିରାଶ କଲା ୟୁଟ୍ୟୁବ୍
## ୮ ଲକ୍ଷ ନିବେଶ ପରେ ବି ମିଳିଲାନି ଲାଭ

ସମ୍ପ୍ରତି ୟୁଟ୍ୟୁବ୍‌ରୁ ଲୋକମାନେ ସମାଜରେ ପ୍ରତିଷ୍ଠିତ ହେବା ସହ ଏଥିରୁ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ହେଲେ ଜଣେ ଭାରତୀୟ ୟୁଟ୍ୟୁବ୍‌ର ନଳିନୀ ଉନାଗର ତିନିବର୍ଷ ପରେ ଏହି ପ୍ଲାଟ୍‌ଫର୍ମରୁ ଓହରି ଯାଇଛନ୍ତି। କାରଣ ସେ ନିଜ ୟୁଟ୍ୟୁବ୍ ଚ୍ୟାନେଲ ପାଇଁ ୮ ଲକ୍ଷ ଟଙ୍କା ନିବେଶ କରିଥିଲେ। ହେଲେ ତାଙ୍କୁ ଆଦୌ ଲାଭ ମିଳି ନ ଥିଲା। ଶେଷରେ ସେ ଏଥିରୁ ଓହରି ଯିବା କଥା ସାମାଜିକ ଗଣମାଧ୍ୟମରେ କହିଛନ୍ତି। କେବଳ ସେତିକି ନୁହେଁ, ସେ ତାଙ୍କ କିଚେନ ଓ ଷ୍ଟୁଡିଓ ସାମଗ୍ରୀ ବିକ୍ରି କରିବା ଉଲ୍ଲେଖ କରିଛନ୍ତି। ଏହାବାଦ୍ ନଳିନୀ ନିଜର ତିନି ବର୍ଷର ସଂଘର୍ଷ କଥା କହିବା ସହ ୟୁଟ୍ୟୁବ୍ ଆଲଗରଦିମ୍‌ର ସମାଲୋଚନା ମଧ୍ୟ କରିଛନ୍ତି। ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲର ନାଁ ଥିଲା 'ନଳିନୀ କିଚେନ୍ ରେସିପି'। ତେବେ ତାଙ୍କ ଚ୍ୟାନେଲରେ ତିନି ବର୍ଷ ମଧ୍ୟରେ ମାତ୍ର ୨୪୫୦ ସବ୍‌ସ୍କ୍ରାଇବର ହେବାରୁ ସେ ୟୁଟ୍ୟୁବ୍‌କୁ ବନ୍ଦ କରିଛନ୍ତି। ୟୁଟ୍ୟୁବ୍ କ୍ୟାରିୟର ତାଙ୍କର ସଫଳ ହେଲା ନାହିଁ। ତେଣୁ ସେ ତାଙ୍କ କିଚେନ ଓ ଷ୍ଟୁଡିଓ ସାମଗ୍ରୀ ବିକ୍ରି କରୁଥିବା କହିଛନ୍ତି। ଯଦି କେହି ବି ତାଙ୍କ ଜିନିଷ କିଣିବାକୁ ଆଗ୍ରହୀ ଅଛନ୍ତି, ତାଙ୍କ ସହ ଯୋଗାଯୋଗ କରିବାକୁ ସେ କହିଛନ୍ତି। ଅନ୍ୟପଟେ ତାଙ୍କ ଚ୍ୟାନେଲର ପ୍ରତ୍ୟେକ ଭିଡିଓକୁ ଡିଲିଟ୍ କରି କଣ୍ଟେଣ୍ଟ କ୍ରିଏଟର ଭାବେ ତାଙ୍କ ଯାତ୍ରା ଶେଷ କରୁଥିବା କହିଛନ୍ତି। କେବଳ ସେତିକି ନୁହେଁ, ସେ ୟୁଟ୍ୟୁବ୍‌ରେ ଉପରେ ଖୁବ୍ ରାଗିଥିବା କହିଛନ୍ତି। ଏହାସହ ସେ ତାଙ୍କ ଅର୍ଥ, ସମୟ ନଷ୍ଟ କରିଥିବା କହନ୍ତି। କିନ୍ତୁ ପ୍ରତିବଦଳରେ ତାଙ୍କୁ କିଛି ମିଳି ନ ଥିବା ସେ କହିଛନ୍ତି।

## ସୁବର୍ଣ୍ଣା

## ଅଦିନିଆ ବର୍ଷାପରେ ଫସଲ ପରିଚାଳନା

ଆମ ରାଜ୍ୟର ଏବେ ଏବେ କେତେକ ଜିଲ୍ଲାରେ ଲଘୁଚାପ ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଫଳରେ କ୍ଷେତରେ ବର୍ଷା ପାଣି ଜମି ରହିଛି। ଘନକୁହୁଡ଼ି ସାଙ୍ଗକୁ ଫସଲରେ ବର୍ଷା ପାଣି ଜମିବା ଏବେ ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା। ଫସଲରେ ପାଣି ଜମିଲେ, କେବଳ ଅମଳରେ ବାଧା ସୃଷ୍ଟି ହେବ ତାହା ନୁହେଁ, ବରଂ ରୋଗପୋକ ଲାଗିବାର ଆଶଙ୍କା ରହିଛି। ଏହିପରିପ୍ରେକ୍ଷୀରେ ଫସଲର ଯତ୍ନ କିପରି ନେବେ, ଜାଣିରଖନ୍ତୁ।





ଧାନ ଜମିରୁ ବଳକା ପାଣି ନିଷ୍କାସନ ପାଇଁ ନାଳୀ ମୁହଁକୁ ଖୋଲା ରଖନ୍ତୁ। ଅମଳ ଧାନକୁ ଖଳାରେ ରଖି ବର୍ଷାରୁ ରକ୍ଷା କରିବା ପାଇଁ ପଲିଥିନ୍ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ। ଓଦା ଧାନକୁ ଶୁଖିଲା ପାଗରେ ଶୁଖାଇବା ଦରକାର। ପନିପରିବା ଓ ଫୁଲଗଛରେ ଫିମ୍ପିଜନିତ ରୋଗ ଲାଗିବାର ସମ୍ଭାବନା ରହିଛି। ଏହି ରୋଗରେ ଗଛ ଛୋଟ ହେବା ସହ ପତ୍ର ହଳଦିଆ ହୁଏ, ଏଥିପାଇଁ କପର ଅକଜିକ୍ଲୁରାଇଡ କିମ୍ବା କାର୍ବେଣ୍ଡାଜିମ୍ + ମାଙ୍କୋଜେବକୁ ପ୍ରତି ଲିଟର ପାଣିରେ ୨ରୁ ୩ ଗ୍ରାମ୍ ମିଶାଇ ସିଞ୍ଚନ କରିବା ଜରୁରି। ଫସଲରେ ଶୋଷକ ଓ ଉଡ଼ାପୋକ ଲାଗିପାରନ୍ତି। ସେଥିପାଇଁ ଥାୟୋମିଥୋକ୍ସାମ, ଇମିଡାକ୍ଲୋରୋପ୍ରିଡ୍ ୧୫ ଲିଟରରେ ୫ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରିବା ଭଲ।

ଲଙ୍କା, ଆଳୁ, ସହଳ ସୋରିଷ ଓ ଫୁଲଗଛରେ ଜଉପୋକ ଓ ଶୋଷକ କୀଟ ସଂକ୍ରମଣ ଦେଖାଦେଲେ, ଥାୟୋମିଥୋଜାମ୍ ୨୦୦ ଲିଟର ପାଣିରେ ୮୦ ଗ୍ରାମ୍ ମିଶାଇ ପତ୍ରସିଞ୍ଚନ କରନ୍ତୁ। ସୋରିଷ ଫସଲରେ ପାଉଁଶିଆ ରୋଗ ଦେଖିଲେ, ସଲଫରସେଚିତ ଗୁଣ୍ଡ ଏକର ପ୍ରତି ଏକ କିଗ୍ରା ୨୦୦ ଲିଟର ପାଣିରେ ଦ୍ରବଣ କରି ସିଞ୍ଚନ କରିବେ। କୋହଲା ପାଗ ଯୋଗୁଁ ଆଳୁରେ ପତ୍ରପୋଡ଼ା ରୋଗ ହୁଏ। ଏଥିପାଇଁ କାର୍ବେଣ୍ଡାଜିମ୍ +ମାଙ୍କୋଜେବକୁ ୨ ଗ୍ରାମ୍ ପ୍ରତି ଲିଟର ସିଞ୍ଚନ କରନ୍ତି। ଫସଲରେ ପାଣି ଜମିଲେ, ଝାଉଁଳା ରୋଗ ହେବାର ଆଶଙ୍କା ରହିଛି।

ଝାଉଁଳା ଓ ମୂଳଶଢ଼ା ଦେଖାଦେଲେ, ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ୍ ଓ ୧.୫ ଗ୍ରାମ୍ ଷ୍ଟ୍ରେପଟୋସାଇକ୍ଲିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ। ଟମାଟୋରେ ଧଳାମାଛିର ପ୍ରାଦୁର୍ଭାବ କମାଇବା ପାଇଁ ଥାୟୋମିଥୋକ୍ସାମ ୨୫% ଡବ୍ଲୁଜି ୪୦ ଗ୍ରାମ/ ଏକର କିମ୍ବା ପାଇରିପ୍ରୋଜିଫେନ୍ ୧୦%ଇସି @ ୨୦୦ ମିଲି/ଏକରକୁ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**କୋବିଜାତୀୟ ଫସଲ:** କୋବି ଜାତୀୟ ପରିବାରେ ଉକୁଣିଆ ପୋକ, ଜଉପୋକ ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ ୦.୩ ମିଲି/ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଗଛକୁ କ୍ଷତି କଞ୍ଚା ଗୋବର




ସମ୍ପ୍ରତି ଅଧିକାଂଶ ଲୋକ ଜୈବିକ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ଯଦିଓ ଜୈବିକ ଚାଷ ପାଇଁ ଅଧିକ ଗୋବର ଖତର ଆବଶ୍ୟକତା ରହିଥାଏ। ହେଲେ କଞ୍ଚା ଜୈବିକ ଜିନିଷ ଯଥା- ଗୋବର, ବତକ, କୁକୁଡ଼ା, ଛେଳି ମଳ ଆଦି ଫସଲ ପାଇଁ କ୍ଷତି ପହଞ୍ଚାଇପାରେ।

ଜମିରେ ସିଧାସଳଖ କଞ୍ଚା ଜୈବିକ ପ୍ରୟୋଗ କରିବା ଦ୍ୱାରା ମାଟିରେ ଜୈବ ଯବକ୍ଷାରଜାନର ପରିମାଣ ବଢ଼େ। ମାଟିରେ ଥିବା ଜୀବାଣୁମାନଙ୍କୁ ଖାଦ୍ୟ ମିଳେ। ଏହା ଦ୍ୱାରା ମାଟି ଉପରେ ପ୍ରଭାବ ପଡ଼େ। କେବଳ ସେତିକି ନୁହେଁ, ଶୁଖିଲା ବଦଳରେ ଜଣେ ଯଦି ଫସଲରେ କଞ୍ଚା ଗୋବର ପ୍ରୟୋଗ କରୁଛନ୍ତି, ଏହାଦ୍ୱାରା ଜମିରେ ପୋକ ଲାଗିବାର ଆଶଙ୍କା ଅଧିକ ବଢ଼ିଯାଇଥାଏ। ଯେହେତୁ ଗୋବରରେ ମିଥେନ୍ ଗ୍ୟାସ୍ ରହିଥାଏ, ଏହାକୁ କଞ୍ଚା ଫସଲରେ ବ୍ୟବହାର କରିବା ଦ୍ୱାରା ଗଛ ପାଇଁ ଏହା କ୍ଷତିକାରକ ପାଲଟିଥାଏ। ତେଣୁ ଫସଲର ବୃଦ୍ଧି ପାଇଁ କେବେ ବି ଜମିରେ କଞ୍ଚା ଗୋବର ପ୍ରୟୋଗ କରନ୍ତୁନି। ଏଥିପାଇଁ କଞ୍ଚା ଗୋବରକୁ ଛାଇ ସ୍ଥାନରେ ପ୍ରାୟ ୧୫ ଦିନ ରଖି ଏଥିରେ ଅଳ୍ପ ଅଳ୍ପ ପାଣି ସିଞ୍ଚି ଗୋବରକୁ ଖତରେ ବଦଳାଇପାରିବେ। ଏହାକୁ ଜମିରେ ପ୍ରୟୋଗ କରିପାରିବେ।

## ଡାଲିଜାତୀୟ ଫସଲ ଅମଳଯନ୍ତ୍ର

ଆମ ରାଜ୍ୟରେ ବିଭିନ୍ନ ଋତୁରେ ମୁଗ, ବିରି, କୋଳଥ, ହରଡ଼, ମଟର, ବୁଟ ଆଦି ଅନେକ ଡାଲିଜାତୀୟ ଫସଲ ଚାଷ କରାଯାଇଥାଏ। ଆଭ୍ୟନ୍ତରୀଣ ଜିଲ୍ଲାମାନଙ୍କରେ ଏହି ଫସଲ ମୁଖ୍ୟତଃ ଖରିଫ ଋତୁରେ ଏବଂ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ରବି ଋତୁରେ ଚାଷ କରାଯାଏ। ସର୍ଭେରୁ ଜଣାଯାଇଛି ଯେ, ଡାଲି ଜାତୀୟ ଫସଲ ଅମଳ ସମୟରେ ପ୍ରାୟ ଶତକଡ଼ା ୬ରୁ ୯ ଭାଗ ପର୍ଯ୍ୟନ୍ତ କ୍ଷତି ଚାଷଜମିରେ, ଖଳାରେ ପ୍ରକ୍ରିୟାକରଣ ସମୟରେ ହୋଇଥାଏ। ବିଳମ୍ବରେ ଅମଳ, ଅନୁପଯୁକ୍ତ ଥ୍ରେସରର ବ୍ୟବହାର ଏବଂ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ପଦ୍ଧତି ଏହି କ୍ଷତିର କାରଣ ହୋଇପାରେ।



ଚାଷୀମାନେ ମୁଗ ଓ ବିରିକୁ ଖଳାରେ ଶୁଖାଇ ଏକ ବାଡ଼ି ସାହାଯ୍ୟରେ ବାଡ଼େଇ ଡାଲି ମଞ୍ଜିକୁ ଛୁଇଁରୁ ଅଲଗା କରିଥାନ୍ତି। ଏବେ କିନ୍ତୁ 'ସର୍ବଭାରତୀୟ ସମନ୍ୱିତ କୃଷି ଯନ୍ତ୍ରପାତି ଗବେଷଣା ପ୍ରକଳ୍ପ, ଓୟୁଏଟି ତରଫରୁ ବିଦ୍ୟୁତ୍ ମୋଟର ଚାଳିତ ଅମଳଯନ୍ତ୍ର ବ୍ୟବହାର କରି ମୁଗ ଓ ବିରି ଜାତୀୟ ଫସଲ ଅମଳ କରାଯାଉଛି। ଏହି ଥ୍ରେସରରେ ଏକ ଅଶ୍ୱଶକ୍ତି ବିଶିଷ୍ଟ ବିଦ୍ୟୁତ୍ ମୋଟର ବ୍ୟବହାର ହୋଇଥାଏ। ମୁଗ ଓ ବିରି ଉପାଡ଼ି ୨ରୁ ୩ ଦିନ ଶୁଖାଇବା ପରେ ତାକୁ ଥ୍ରେସରରେ ପୂରାଇ ଅମଳ କରାଯାଏ। କାରଣ ଗଛଗୁଡ଼ିକ ଶୁଖି ନ ଥିଲେ ଥ୍ରେସିଂ ସମୟରେ ସିଲିଣ୍ଡରରେ ଗୁଡ଼ାଇ ହୋଇ ଜାମ୍ କରିଦିଏ। ଏହାକୁ ସଫା କରିବାକୁ ସମୟ ନଷ୍ଟ ହୋଇଥାଏ। ତେବେ ଏହି ଯନ୍ତ୍ର ସାହାଯ୍ୟରେ ମୁଗ ବିରି ଆଦି ମଞ୍ଜି ଛୁଇଁରୁ ଅଲଗା ହୋଇ ଗୋଟିଏ ପାର୍ଶ୍ୱରୁ ବାହାରେ। ଅନ୍ୟାନ୍ୟ ଅଂଶ ଖଣ୍ଡ ଖଣ୍ଡ ହୋଇ ଅନ୍ୟପାର୍ଶ୍ୱରୁ ବାହାରିଥାଏ। ଯାହା ଗୋଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଏହି ଥ୍ରେସରକୁ ଘରେ ଉପଲବ୍ଧ ଥିବା ସିଙ୍ଗଲ୍ ଫେଜ୍ ବିଦ୍ୟୁତ୍ ସରବରାହରେ ଚଳାଯାଇଥାଏ। ଏଥିପାଇଁ ୩ ଫେଜ୍ ବିଦ୍ୟୁତ୍ ସରବରାହ ଦରକାର ହୋଇନଥାଏ। ଏହି ଥ୍ରେସରରେ ଚାରୋଟି ଚକ ଲାଗିଥିବାରୁ ଏହାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବାରେ ଅସୁବିଧା ହୋଇନଥାଏ। ଏହି ଥ୍ରେସର ସାହାଯ୍ୟରେ ଏକ ଘଣ୍ଟାରେ ୨ରୁ ୩ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମୁଗ ଓ ବିରି ଅମଳ କରାଯାଇପାରିବ। ଏକ କ୍ୱିଣ୍ଟାଲ ମୁଗ ଓ ବିରି ଅମଳ କରିବାକୁ ୪୦ରୁ ୫୦ ଟଙ୍କା ଖର୍ଚ୍ଚ ହୋଇଥାଏ। କିନ୍ତୁ ହାତରେ ବାଡ଼େଇକି ଅମଳ ହେବା ଦ୍ୱାରା ଏକ କ୍ୱିଣ୍ଟାଲକୁ ପ୍ରାୟ ୩୦୦ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ଅମଳଯନ୍ତ୍ରଟି ଓଡ଼ିଶା ସରକାରଙ୍କର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ରିହାତି ମୂଲ୍ୟରେ ମିଳିପାରୁଛି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଟମାଟୋ, ଲଙ୍କା, ବାଇଗଣ ଆଦି ଚାରାକୁ ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ଦ୍ୱାରା ଆଚ୍ଛାଦନ କରି ରଖନ୍ତୁ।
- ଫୁଲକୋବି ଫସଲରେ ବୋରନ ଅଣୁସାର ଜନିତ ସମସ୍ୟାର ସମାଧାନ ପାଇଁ ପ୍ରତି ୪ କିଗ୍ରା ବୋରକ୍ସକୁ ଶେଷ ଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ।
- ଛେଳି ମହାମାରୀ 'ପିପିଆର୍' ଭାବରେ ଜଣାଶୁଣା। ଏହି ଭୂତାଣୁ ଜ୍ୱର ଛେଳି ଓ ମେଣ୍ଢାକୁ ପ୍ରଭାବିତ କରି ନିମୋନିଆ ଓ କାଶ ସୃଷ୍ଟି କରେ। ପୀଡ଼ିତ ପ୍ରାଣୀ ଅସ୍ଥିର ହୋଇଯାଆନ୍ତି। ଏଥିପାଇଁ ପ୍ରାଣୀଙ୍କୁ ସଠିକ୍ ସମୟରେ ଟିକାକରଣ କରନ୍ତୁ।



- ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ନିମ୍ବ ଆଧାରିତ ଔଷଧ ୧୫୦୦ ପିପିଏମ୍ @୬୦୦ ମିଲି ସିଞ୍ଚନ କରନ୍ତୁ।
- ଡାଲି ଜାତୀୟ ଫସଲରୁ ବର୍ଷା ଜଳର ନିଷ୍କାସନ କରନ୍ତୁ।
- ନଭେମ୍ବରରୁ ଫେବ୍ରୁୟାରୀ ଆଖୁ ଲଗାଇବାର ଉପଯୁକ୍ତ ସମୟ।

# ଆଜିଠୁ ୨ ଦିନ ବର୍ଷା

**ଭୁବନେଶ୍ୱର, ୨୩।୧୨ (ସମିସ):** ମଙ୍ଗଳବାରଠାରୁ ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହେବ। ଗୋଟିଏ ଲଘୁଚାପ ପ୍ରଭାବରେ ଗଲା ସପ୍ତାହ ପ୍ରାୟ ୩ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିଥିଲା। ଦୁଇ ଦିନର ବିରତି ପରେ ପୁଣି ଥରେ ବର୍ଷା ଭୟ ଆରମ୍ଭ ହୋଇଯାଇଛି। ଏମିତି କି ଏଥର କିଛି ଜିଲ୍ଲାରେ ଦୁଇ ଦିନ ପ୍ରବଳ ବର୍ଷା ଆଶଙ୍କା କରାଯାଇଥିବାରୁ ଚାଷୀଙ୍କୁ ଭୟ ଘାରିଛି।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ 'ଏକ୍ସ' ଯୋଗେ ସୂଚନା ଦେଇ ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗରେ ଗତି କରି ଆଗାମୀ ୨୪ ତାରିଖ ବେଳକୁ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରର ଉତ୍ତର ତାମିଲନାଡୁ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ନିକଟସ୍ଥ ହେବ। ଏହା ପ୍ରଭାବରେ ଓଡ଼ିଶା ଉପରେ ଏକ ନିମ୍ନଚାପ ରେଖା ସୃଷ୍ଟି ସମ୍ଭାବନା ହେତୁ ଦକ୍ଷିଣ-ପୂର୍ବ ଦିଗରୁ ଜଳୀୟ ବାଷ୍ପ ପୂର୍ଣ୍ଣ ସାମୁଦ୍ରିକ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରିବ। ଏଥିପାଇଁ ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳ ଓଡ଼ିଶାରେ ମେଘୁଆ ଆକାଶ ସହ ବର୍ଷାର ସମ୍ଭାବନା ରହିଛି। ସେହିପରି ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁସାରେ ୨୪ ତାରିଖ ସକାଳ ସାଢ଼େ ୮ଟାରୁ ୨୫ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରର ଅଧିକାଂଶ ସ୍ଥାନ ଓ ବାଲେଶ୍ୱର, ବୌଦ୍ଧ, ଯାଜପୁର, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଅନ୍ୟପଟେ ଗଜପତି, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ୨୫ ମଧ୍ୟ କିଛି ଜିଲ୍ଲାରେ ସମାନ ସ୍ଥିତି ଜାରି ରହିବ ବୋଲି କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।



ବର୍ଷା ଯୋଗୁଁ ବର୍ତ୍ତମାନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ନ ଥିବା ବେଳେ ଆସନ୍ତା ୨ ଦିନ ପରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଗତ ସପ୍ତାହରେ ହୋଇଥିବା ଲଘୁଚାପ ବର୍ଷା ଯୋଗୁଁ ରାଜ୍ୟରେ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଛି। ବର୍ତ୍ତମାନ ଖରୀଫ ଧାନ ଅମଳ ସମୟ ହୋଇଥିବାରୁ ଅଧିକାଂଶ ସ୍ଥାନରେ ଧାନ ଫସଲ ନଷ୍ଟ ହୋଇଛି। ବିଲରେ ପାଚିଲା ଧାନ ପାଣିରେ ଲୋଟୁଥିବା ବେଳେ ବିକ୍ରି ଅପେକ୍ଷାରେ ମଣ୍ଡିରେ ଥିବା ଧାନ ମଧ୍ୟ ଲଘୁଚାପ ବର୍ଷାରେ ଓଦା ଅବସ୍ଥାରେ ପଡ଼ି ରହିଛି। ଆଗକୁ ପୁଣି ବର୍ଷା ଭୟ ସୃଷ୍ଟି ହୋଇଥିବାରୁ ଏହି କ୍ଷତି ଆହୁରି ବୃଦ୍ଧି ହେବାର ଆଶଙ୍କା ଦେଖା ଦେଇଛି।

# ପ୍ରଜାକୋର୍ଟରେ ୨ ଜଣଙ୍କୁ ପିଟି ପିଟି ହତ୍ୟା

## ସାପ୍ତାହିକ ହାଟରୁ ଉଠାଇ ନେଇ ଜଣଙ୍କୁ ହତ୍ୟା

**ମାଲକାନଗିରି,୨୩।୧୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ପୁଣି ଲାଲବାହିନୀର ବର୍ବରତା ସାମ୍ନାକୁ ଆସିଛି। ପୁଲିସ୍ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ୩ଜଣଙ୍କୁ ହତ୍ୟା କରିଛନ୍ତି। ପ୍ରଜାକୋର୍ଟରେ ୨ଜଣଙ୍କୁ ପିଟିପିଟି ଅତି ନିର୍ମମ ଭାବେ ହତ୍ୟା କରିଥିବା ବେଳେ ଅନ୍ୟଜଣଙ୍କୁ ହାଟରୁ ଅପହରଣ କରି ମାରି ଦେଇଛନ୍ତି।

ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର କୋରଚଲି ଗ୍ରାମରେ ମାଓବାଦୀମାନେ ଆଜି ଏକ ପ୍ରଜାକୋର୍ଟ କରି ୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ମାଓବାଦୀଙ୍କ ଗତିବିଧି ସଂପର୍କରେ ସେମାନେ ପୁଲିସ୍‌କୁ ସୂଚନା ଦେଉଥିବାରୁ ସେମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଗଛରେ ବାନ୍ଧି ଦୁହିଁଙ୍କୁ ଘଣ୍ଟାଘଣ୍ଟା ଧରି ନିସ୍ତୁକ ମାଡ଼ ମାରିବା ପରେ ମାଓବାଦୀମାନେ ଅତି ଅମାନୁଷିକ ଭାବେ ସେମାନଙ୍କୁ ହତ୍ୟା କରିଥିଲେ। ତେବେ ଭୟରେ ଗ୍ରାମବାସୀମାନେ ଏ ସଂପର୍କରେ ପୁଲିସ୍‌କୁ ସୂଚନା ନଦେଇ ଶବଦ୍ୱୟଙ୍କୁ ସତ୍କାର କରିଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ପଚରାଉଚରା କରୁଛି। ଖବର ଲେଖା ହେବା ସୁଦ୍ଧା ମୃତଦ୍ୱୟଙ୍କର ପରିଚୟ ମିଳିପାରିନାହିଁ।

ସେହିପରି ଅନ୍ୟ ଏକ ଘଟଣାକ୍ରମେ, ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ରେଡି ଗ୍ରାମର ମୁକେଶ ହେମଲାଙ୍କୁ ପୁଲିସ୍ ସୂଚନାଦାତା ସନ୍ଦେହରେ ଆଜି ମାଓବାଦୀମାନେ ହତ୍ୟା କରିଛନ୍ତି। ମୁକେଶ ଆଜି ଗାଁ ନିକଟ ସାପ୍ତାହିକ ହାଟକୁ ପରିବା କିଣିବାକୁ ଯାଇଥିବା ବେଳେ କିଛି ବନ୍ଧୁକଧାରୀ ମାଓବାଦୀ ହଠାତ୍ ପଶି ଆସି ତାଙ୍କୁ ବନ୍ଧୁକ ମୁନରେ ଅପହରଣ କରିନେଇଥିଲେ। ହାଟଠାରୁ କିଛି ଦୂରରେ ସେମାନେ ମୁକେଶଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ମୃତଦେହକୁ ଫିଙ୍ଗି ଚାଲିଯାଇଥିଲେ। ମାଓବାଦୀମାନେ ମୃତଦେହ ନିକଟରେ ଏକ ହାତଲେଖା ଚିଠି ଛାଡ଼ି ଯାଇଥିଲେ। ପୁଲିସକୁ ସୂଚନା ଦେଉଥିବାରୁ ମୁକେଶଙ୍କୁ ହତ୍ୟା କରାଗଲା ବୋଲି ସେଥିରେ ଉଲ୍ଲେଖ ରହିଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଥୋପ ଗିଳୁନି ଜିନତ୍; ଟ୍ରାଙ୍କୁଲାଇଜ୍ ବିଫଳ

**ବାରିପଦା,୨୩।୧୨(ସମିସ):** ବାରମ୍ବାର ଉଦ୍ୟମ ପରେ ବି ଶିମିଳିପାଳର ଫେରାର୍ ବାଘୁଣୀ ଜିନତ୍‌କୁ ଟ୍ରାଙ୍କୁଲାଇଜ୍ କରାଯାଇପାରୁନି। ରବିବାର ତାକୁ ୨/୩ଥର ଟ୍ରାଙ୍କୁଲାଇଜ୍ କରିବାକୁ ଉଦ୍ୟମ କରାଯାଇଥିଲା। ଘଞ୍ଚ ଜଙ୍ଗଲରୁ ତାକୁ ବାହାରକୁ ଆଣିବା ପାଇଁ ବନ ବିଭାଗ ଛେଳି, ମଇଁଷିଙ୍କୁ ଥୋପ କରିଥିଲା। କିନ୍ତୁ ଜିନତ୍ ଭୟରେ ବାହାରକୁ ଆସିନଥିଲା। ଫଳରେ ଘଣ୍ଟାଘଣ୍ଟା ଧରି ଜଗି ରହି ବନ ବିଭାଗ ଶେଷରେ ନିରାଶ ହୋଇଥିଲା। ସେହିପରି ଜାଲ ଦ୍ୱାର ବାଘ ଧରୁଥିବା ସୁନ୍ଦରବନର ସ୍ୱତନ୍ତ୍ର ଟିମ୍ ମଧ୍ୟ ତାକୁ ଧରିବାରେ ବିଫଳ ହୋଇଛନ୍ତି। ତେଣୁ ତାକୁ ଧରିବା ପାଇଁ ବନବିଭାଗ ନୂଆ ରଣନୀତି ପ୍ରସ୍ତୁତ କରିଛି। ଆଜି (ସୋମବାର) ଆସାମର କାଜିରଙ୍ଗା ଅଭୟାରଣ୍ୟରୁ ସ୍ୱତନ୍ତ୍ର ଟ୍ରାଙ୍କୁଲାଇଜ୍ ଦଳ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ଟିମ୍ ଟ୍ରାଙ୍କୁଲାଇଜ୍ ପାଇଁ ପୁରୁଲିଆର ବିଦ୍ୱାନ ଜଙ୍ଗଲରେ ପହଞ୍ଚିଛନ୍ତି। ତେବେ, ଶେଷ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଟ୍ରାଙ୍କୁଲାଇଜ ହୋଇପାରିନାହିଁ। ଅପରପକ୍ଷେ, ଟ୍ରାଙ୍କୁଲାଇଜ୍ ବିଫଳ ପରେ 'ଜିନତ୍' କାଳେ ଜନବସତି ଆଡ଼କୁ ମାଡ଼ି ଆସିବ, ସେଥିପାଇଁ ପଶ୍ଚିମବଙ୍ଗ ପ୍ରଶାସନ ପୁରୁଲିଆ ଓ ଝାଡ଼ଗ୍ରାମ ଅଞ୍ଚଳରେ ହାଇଆଲର୍ଟ ଜାରି କରିବା ସହ ତୀକ୍ଷ୍ଣ ନଜର ରଖିଛି।

**ପୁରୁଲିଆରେ ପହଞ୍ଚିଲା କାଜିରଙ୍ଗାର ସ୍ୱତନ୍ତ୍ର ଟ୍ରାଙ୍କୁଲାଇଜ୍ ଟିମ୍**



ଏନେଇ ପିସିସିଏଫ୍ ପ୍ରେମ କୁମାର ଝା ଓ ବାରିପଦା ମଣ୍ଡଳ ଆରସିସିଏଫ୍ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ କହିଛନ୍ତି ଯେ ଟ୍ରାଙ୍କୁଲାଇଜ୍ ପରେ ଜିନତ୍‌କୁ ସୁସ୍ଥ ଭାବେ ଶିମିଳିପାଳକୁ ଫେରାଇ ଅଣାଯିବ। ଅପରପକ୍ଷରେ ଜିନତ୍ ଆସିଲେ ତାକୁ ଏନକ୍ଲୋଜର୍‌ରେ ରଖାଯିବ। ଶ୍ରୀ ଗୋଗିନାନୀ ଆଜି ଉକ୍ତ ଏନକ୍ଲୋଜର୍ ପରିଦର୍ଶନ କରି ଆନୁଷଙ୍ଗିକ ତଦାରଖ କରିଛନ୍ତି।

# ମାଲକାନଗିରିର ସୋନାକ୍ଷୀ ଫର୍ ଏଭର୍ ମିସ୍ ଟିନ୍ ଇଣ୍ଡିଆ ରନର୍ସ-ଅପ୍

**ମାଲକାନଗିରି,୨୩।୧୨(ସମିସ):** ମାଲକାନଗିରିର କୁନି ଝିଅ ସୋନାକ୍ଷୀ ମହାପାତ୍ର ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜସ୍ଥାନରେ ଆୟୋଜିତ 'ଫର୍‌ଏଭର୍ ମିସ୍ ଟିନ୍ ଇଣ୍ଡିଆ-୨୦୨୪'ରେ ରନର୍ସ-ଅପ୍ ଟାଇଟଲ୍ ହାତେଇଛନ୍ତି। ରାଜସ୍ଥାନର ଜୟପୁରସ୍ଥିତ ଜି-ଷ୍ଟୁଡିଓଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସୋନାକ୍ଷୀ ଥିଲେ ସର୍ବକନିଷ୍ଠ। ସୋନାକ୍ଷୀ ମାଲକାନଗିରି ଜିଲ୍ଲା ସଦର ମହକୁମାର ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ନ୍ତି। ପୂର୍ବରୁ ସେ ଏମିତି ଅନେକ ଛୋଟ ବଡ଼ ଟାଇଟଲ ହାତେଇଛନ୍ତି।



## ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# କୋର୍ଟରେ ବୋମା ତିଆରି ଭିଡିଓ ପ୍ରଦର୍ଶିତ

**ପାଟଣାଗଡ଼,୨୩।୧୨(ସମିସ):** ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ସାକ୍ଷୀମାନଙ୍କ ବୟାନ ରେକର୍ଡ ଗ୍ରହଣ କରାଯାଉଛି। ସୋମବାର ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ନିକଟରେ ୬୦ନଂ ସାକ୍ଷୀ ଭାବେ ତତ୍କାଳୀନ ତଦନ୍ତ ଅଧିକାରୀ ତଥା ବର୍ତ୍ତମାନର କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଶ୍ରୀ ବୋଥ୍ରା ତଦନ୍ତ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରମାଣ କୋର୍ଟରେ ଦାଖଲ କରିଛନ୍ତି। ତଦନ୍ତ ସମୟରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ବୋମା ତିଆରିର ଯେଉଁ ଡେମୋ ଶ୍ରୀ ବୋଥ୍ରାଙ୍କୁ ଦେଖାଇଥିଲା, ତାହାର ଭିଡିଓ ଆଜି ବନ୍ଦ କୋର୍ଟରୁମ୍ ଭିତରେ ପ୍ରଦର୍ଶିତ କରାଯାଇଥିବା ଜଣାଯାଇଛି। ଅଭିଯୁକ୍ତ ପୁଞ୍ଜିଲାଲକୁ ବଲାଙ୍ଗିର ଜେଲରୁ ଅଣାଯାଇ କୋର୍ଟରେ ହଜାର କରାଯାଇଥିଲା। ଏହି ମାମଲାରେ ମୋଟ ୬୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବାକୁ ଥିବା ବେଳେ ଆହୁରି ୨ଜଣଙ୍କ ସାକ୍ଷ୍ୟ ବାକି ରହିଥିବା କ୍ରାଇମବ୍ରାଞ୍ଚ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ ଓ ସରକାରୀ ଓକିଲ ଆଶିଷ ଚନ୍ଦନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ ତାରିଖରେ ପାଟଣାଗଡ଼ ବ୍ଲକ ଛକ ନିକଟରେ ରହୁଥିବା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଏକ ପାର୍ସଲ ପହଞ୍ଚିଥିଲା।

**ଅରୁଣ ବୋଥ୍ରାଙ୍କ ସାକ୍ଷ୍ୟ ଗ୍ରହଣ**

ଉକ୍ତ ପାର୍ସଲକୁ ରବୀନ୍ଦ୍ରଙ୍କ ପୁଅ ସୌମ୍ୟଶେଖର ଖୋଲିବା ସମୟରେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ପ୍ରାଣ ହରାଇଥିଲେ। ତେବେ ସୌମ୍ୟଙ୍କ ପତ୍ନୀ ରିମା ସାହୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସୁଦ୍ଧା ଗୁରୁତର ହୋଇ ଦୀର୍ଘ ଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ପ୍ରଥମେ ଏ ସଂକ୍ରାନ୍ତରେ ପାଟଣାଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ହେଲେ ତଦନ୍ତରେ ସେଭଳି କୌଣସି ଅଗ୍ରଗତି ନହେବାରୁ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଏହାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲକୁ ଗିରଫ କରିଥିଲା।

# ମହାବଳ ଛାଲ ଜବତ, ୧୧ ଗିରଫ

## ଚାଲାଣ ବେଳେ ମାଡ଼ିବସିଲା ବନ ବିଭାଗ

**ବାଲେଶ୍ୱର, ୨୩।୧୨(ସମିସ):** ଚାନ୍ଦିପୁର ବନ ବିଭାଗ ଆଜି ସୋର ଅଞ୍ଚଳରୁ ଏକ ମହାବଳ ବାଘଛାଲ ଜବତ କରିବା ସହ ୧୧ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଭଦ୍ରକ ଜିଲ୍ଲା ନାଇକାଣିଡ଼ିହି ଥାନା ବଳରାମପୁର ଗ୍ରାମର ପ୍ରଦୀପ କୁମାର ନାୟକ(୪୯), ମଲ୍ଲିକାଦେଇପୁର ଗ୍ରାମର ଗଣେଶ ନାୟକ(୩୭), ବଳରାମପୁର ଗ୍ରାମର ରାମଚନ୍ଦ୍ର ନାୟକ(୩୫), ବଳରାମପୁର ଗ୍ରାମର ପ୍ରଭାତ ନାୟକ(୪୫), ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ସଦନନ୍ଦପୁର ଗ୍ରାମର ସନ୍ତୋଷ ମାଣିକ(୫୦), ପଥରଖାନି ଗ୍ରାମର ରଣଜିତ ନାୟକ(୩୬), ଉଦଳା ଥାନା ନୂଆରଙ୍ଗମାଟିଆ ଗ୍ରାମର ଦଶରଥ ନାଇକ(୪୭), ନାଗପାଳ ଗ୍ରାମର ପ୍ରୀତି ରଞ୍ଜନ ବାରିକ(୪୭), ତଳସରେଇ ଗ୍ରାମର



ବାଇଗ ହୋ (୫୫), ଗଣେଶ ହୋ (୩୬) ଓ ଗସ ହୋ(୨୦)। ସୂଚନାନୁଯାୟୀ, ଆଜି ସୋର ଅଞ୍ଚଳରେ ଏକ ବାଘଛାଲ ପାଇଁ ଡିଲ୍ ଚାଲିଥିବା ଖବର ପାଇ ବନ ବିଭାଗ ସେଠାରେ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ବନ ବିଭାଗ ୪ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ପଚରାଉଚରା କରି ଅନ୍ୟ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଛି।

# ସବୁ ମହାବିଦ୍ୟାଳୟ ପରିଚାଳନା କମିଟି ଭାଙ୍ଗିଲେ ସରକାର

**ଭୁବନେଶ୍ୱର,୨୩।୧୨(ସମିସ):** ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଗଭର୍ଣ୍ଣିଂବଡି ବା ପରିଚାଳନା କମିଟିକୁ ସରକାର ଭାଙ୍ଗି ଦେଇଛନ୍ତି। ତତ୍କାଳ ଏହାକୁ ଲାଗୁ କରିବାକୁ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେବେ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅଳ୍ପସଂଖ୍ୟକ ବର୍ଗଙ୍କ ଦ୍ୱାରା ସ୍ଥାପିତ ମହାବିଦ୍ୟାଳୟ ଏବଂ ପରିଚାଳନା କମିଟି ନେଇ ଅଦାଲତରେ ମାମଲା ବିଚାରଧୀନ ଥିବା ମହାବିଦ୍ୟାଳୟକୁ ଏଥିରୁ ବାଦ୍ ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଜିଲ୍ଲା ମୁଖ୍ୟାଳୟରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଜିଲ୍ଲାପାଳ ଅସ୍ଥାୟୀ ଭାବେ ପରିଚାଳନା କମିଟିର ସଭାପତି ଦାୟିତ୍ୱ ନିର୍ବାହ କରିବେ। ଯେଉଁ ଜିଲ୍ଲାରେ ଏକାଧିକ ଅତିରିକ୍ତ ଜିଲ୍ଲାପାଳ ଥିବେ, ସେହି ଜିଲ୍ଲା ପାଇଁ ଜିଲ୍ଲାପାଳ ଜଣଙ୍କୁ ପରିଚାଳନା କମିଟି ଦାୟିତ୍ୱ ଦେବେ। ଜିଲ୍ଲା ମୁଖ୍ୟାଳୟ ବାହାରେ ଥିବା ମହାବିଦ୍ୟାଳୟରେ ଉପ-ଜିଲ୍ଲାପାଳ ପରିଚାଳନା କମିଟିର ଅସ୍ଥାୟୀ ସଭାପତି ଭାବେ ରହିବେ। ଅନ୍ୟାଦେଶ ପର୍ଯ୍ୟନ୍ତ ସେମାନେ ଦାୟିତ୍ୱରେ ରହିବା ସହ ୩ ମାସ ମଧ୍ୟରେ ନୂତନ ପରିଚାଳନା କମିଟି ଗଠନ କରିବାକୁ ପ୍ରସ୍ତାବ ଦେବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

- ଅତିରିକ୍ତ ଓ ଉପଜିଲ୍ଲାପାଳଙ୍କୁ ଅସ୍ଥାୟୀ ସଭାପତି ଦାୟିତ୍ୱ
- ନୂତନ କମିଟି ପାଇଁ ୩ ମାସରେ ଦେବେ ପ୍ରସ୍ତାବ

## ତାପମାତ୍ରା

ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୪.୦ | ୧୫.୭ |
| ଚାନ୍ଦବାଲି | ୨୪.୩ | ୧୭.୬ |
| କଟକ | ୨୫.୪ | ୧୬.୦ |
| ପାରାଦୀପ | ୨୬.୦ | ୧୯.୦ |
| ଭୁବନେଶ୍ୱର | ୨୬.୪ | ୧୭.୯ |
| ଗୋପାଳପୁର | ୨୫.୫ | ୨୦.୧ |
| ପୁରୀ | ୨୬.୨ | ୧୯.୨ |
| ଅନୁଗୋଳ | ୨୫.୧ | ୧୨.୬ |
| ବାରିପଦା | ୨୪.୦ | ୧୫.୦ |
| ଝାରସୁଗୁଡ଼ା | ୨୬.୮ | ୧୩.୪ |
| କେନ୍ଦୁଝର | ୨୫.୭ | ୧୩.୫ |
| ସମ୍ବଲପୁର | ୨୮.୦ | ୧୫.୬ |
| ସୁନ୍ଦରଗଡ଼ | ୨୬.୮ | ୧୫.୦ |
| ହୀରାକୁଦ | ୨୬.୯ | ୧୫.୧ |
| ତାଳଚେର | ୨୬.୪ | ୧୭.୨ |
| ଭବାନୀପାଟଣା | ୨୫.୪ | ୧୨.୫ |
| ବଲାଙ୍ଗିର | - | ୧୪.୦ |
| କୋରାପୁଟ | ୨୫.୦ | ୧୧.୦ |
| ଫୁଲବାଣୀ | ୨୫.୯ | ୧୫.୦ |
| ଟିଟିଲାଗଡ଼ | ୨୮.୦ | ୧୬.୦ |
| ମାଲକାନଗିରି | ୩୦.୫ | ୧୮.୫ |
| ସୋନପୁର | ୨୭.୪ | ୧୭.୦ |
| ଦାରିଙ୍ଗବାଡ଼ି | ୨୩.୦ | ୧୨.୦ |
| ନୟାଗଡ଼ | ୨୩.୦ | ୧୪.୮ |
| ବୌଦ୍ଧ | ୨୩.୦ | ୧୬.୮ |
| ଛତ୍ରପୁର | ୨୬.୮ | ୧୮.୦ |
| ପାରଳାଖେମୁଣ୍ଡି | ୨୮.୦ | ୧୬.୦ |
| ରାୟଗଡ଼ା | ୨୬.୪ | ୧୪.୮ |
| ଭଦ୍ରକ | ୨୬.୪ | ୧୩.୫ |
| ଯାଜପୁର | - | ୧୩.୬ |
| ଢେଙ୍କାନାଳ | ୨୫.୦ | ୧୫.୩ |
| ବରଗଡ଼ | ୨୭.୦ | ୧୫.୨ |
| ଦେଓଗଡ଼ | ୨୮.୨ | ୧୫.୫ |
| ନୂଆପଡ଼ା | ୩୦.୦ | ୧୫.୦ |
| ନବରଙ୍ଗପୁର | ୨୬.୨ | ୧୪.୫ |
| ଖୋର୍ଦ୍ଧା | ୨୬.୫ | - |
| ଜଗତସିଂହପୁର | ୨୫.୨ | ୧୩.୮ |
| କେନ୍ଦ୍ରାପଡ଼ା | ୨୩.୨ | ୧୩.୮ |
| ରାଉରକେଲା | ୨୭.୧ | ୧୨.୯ |

## ଶୀତ-କାକରରେ ରାସ୍ତାକଡ଼ରେ ରାତି ବିତାଉଛନ୍ତି ଲୋକ

# ରାତ୍ର ଆଶ୍ରୟସ୍ଥଳ କାର୍ଯ୍ୟକ୍ଷମ କର: ଓଏଚ୍‌ଆର୍‌ସି

**କଟକ,୨୩।୧୨(ସମିସ):** ଏବେ ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଲୋକେ ରାସ୍ତାଘାଟ ପାର୍ଶ୍ୱରେ ରାତି ବିତାଉଛନ୍ତି। ଏହାକୁ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ଘଟଣାରେ କମିସନ୍ ଉଦ୍‌ବେଗ ପ୍ରକାଶ କରିବା ସହ କଟକ ଓ ଭୁବନେଶ୍ୱର ସମେତ ସବୁ ସହରାଞ୍ଚଳରେ ରାତ୍ର ଆଶ୍ରୟସ୍ଥଳୀଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକ୍ଷମ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଏବଂ ଗୃହ ଓ ନଗର ଉନ୍ନୟନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମାନବାଧିକାର କମିସନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଶ୍ରୟସ୍ଥଳୀଗୁଡ଼ିକ ସଠିକ୍ ପରିଚାଳନା କରିବା ଦିଗରେ ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯାଉଛି କି ନାହିଁ, ତାହା ଜଣାଇବାକୁ କମିସନ୍ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲ୍ଲାପାଳ ଓ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କଠାରୁ ଏ ସମ୍ପର୍କିତ ତଥ୍ୟ ସଂଗ୍ରହ କରି କମିସନଙ୍କ ନିକଟରେ ୧୮ ଜାନୁଆରୀ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ସୁପ୍ରିମକୋର୍ଟ ୨୦୧୦ରେ ଏକ ଜନସ୍ୱାର୍ଥ ମାମଲାରେ ସବୁ ରାଜ୍ୟ ସରକାରଙ୍କୁ ରାତ୍ର ଆଶ୍ରୟସ୍ଥଳୀଗୁଡ଼ିକୁ ସଠିକ୍ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ଆବଶ୍ୟକ ସଂଖ୍ୟକ ରାତ୍ର ଆଶ୍ରୟସ୍ଥଳୀ ନଥିବା ତଥା ଉପଯୁକ୍ତ ପରିଚାଳନା ହେଉନଥିବା ଦର୍ଶାଇ ଆବେଦନ କରିଛନ୍ତି ଆବେଦନକାରୀ।

# ବିଜେପି ଆମ୍ବେଦକର ଓ ସମ୍ବିଧାନ ବିରୋଧୀ: କଂଗ୍ରେସ




**ଭୁବନେଶ୍ୱର,୨୩।୧୨(ସମିସ):** ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ପ୍ରତି ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବୟାନ ସମ୍ବିଧାନ, ଗଣତନ୍ତ୍ର, ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିରୋଧୀ ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର ଦଳ ପକ୍ଷରୁ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା କହିଛନ୍ତି ଯେ 'ସମ୍ବିଧାନରେ କିଛି ଭାରତୀୟତା ନାହିଁ' ବୋଲି ଥରେ ଆର୍‌ଏସ୍‌ଏସ୍ ପ୍ରମୁଖ ଦେଇଥିବା ବୟାନ ବିଜେପି ଓ ଆରଏସ୍‌ଏସ୍ ସମ୍ବିଧାନ ବିରୋଧୀ ବୋଲି ପ୍ରମାଣ ଦେଉଛି। ସମ୍ବିଧାନ ବଞ୍ଚାଇବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ବୟାନ ପ୍ରତିବାଦରେ ତାଙ୍କ ଇସ୍ତଫା ଓ କ୍ଷମା ପ୍ରାର୍ଥନା ଦାବି କରି ମଙ୍ଗଳବାର କଂଗ୍ରେସ ସମସ୍ତ ଜିଲ୍ଲାରେ ଆମ୍ବେଦକର ସମ୍ମାନ ଯାତ୍ରା କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି।

**ଆଜି ସବୁ ଜିଲ୍ଲାରେ ଆମ୍ବେଦକର ସମ୍ମାନ ଯାତ୍ରା**

ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ବିଜେପିର ସମ୍ବିଧାନ ବିରୋଧୀ ମାନସିକତାକୁ ଦୃଢ଼ ନିନ୍ଦା କରିଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ବିଜେପି ନେତାମାନେ ଏଭଳି ବୟାନରୁ କ୍ଷାନ୍ତ ରହିବା ପାଇଁ କହିବା ସହ ଜାତିଗତ ଜନଗଣନା ପାଇଁ ଦାବି ଉପସ୍ଥାପନ କରିଥିଲେ। କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ ଦାସ ଆସନ୍ତାକାଲି ଦେଶବ୍ୟାପୀ ହେବାକୁ ଥିବା ଆମ୍ବେଦକର ସମ୍ମାନ ଯାତ୍ରାକୁ ଓଡ଼ିଶାରେ ସଫଳ କରିବା ପାଇଁ ନିବେଦନ କରିଥିଲେ।




# ୨ଟି ଚନ୍ଦନ ଗଛ ଚୋରି

**ଟମକା, ୨୩।୧୨(ସମିସ):** ରବିବାର ବିଳମ୍ବିତ ରାତିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଟମକା ଥାନା ଅନ୍ତର୍ଗତ ଓସ୍ତପାଳ ପଞ୍ଚାୟତ ନିପାଣିଆ ଗ୍ରାମର ଚିତ୍ତରଞ୍ଜନ ମହାପାତ୍ରଙ୍କ ବାଡିରୁ ୨ଟି ଚନ୍ଦନ ଗଛ ଚୋରି ହୋଇଛି। ଶ୍ରୀ ମହାପାତ୍ର ୨୦ ବର୍ଷ ପୂର୍ବେ ନିଜ ବାଡ଼ିରେ ୩ଟି ଚନ୍ଦନ ଗଛ ଲଗାଇଥିଲେ। ରବିବାର ପରିବାର ଲୋକ ଶୋଇବା ପରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏଥିମଧ୍ୟରୁ ୨ଟି ଗଛକୁ କଟର ମେସିନ୍ ଲଗାଇ କାଟିନେଇଛି।



ସୋମବାର ସକାଳେ ଗଛ କଟାଯାଇଥିବା ଦେଖି ଶ୍ରୀ ମହାପାତ୍ର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପାର୍ବତୀ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଗଛ କଟାଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୁଲିସ୍ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଗାୟତ୍ରୀ ସଂସ୍ଥାନ ପକ୍ଷରୁ କମ୍ବଳ ବଣ୍ଟନ




**ଯାଜପୁର ଟାଉନ/କୟାଁଗୋଲା, ୨୩।୧୨(ସମିସ):** ଯାଜପୁର ସହରର ଗାୟତ୍ରୀ ସଂସ୍ଥାନ ଆନୁକୂଲ୍ୟରେ ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତର ରମ୍ଭିଲା ଗ୍ରାମରେ ୪୦ ଜଣ ନିରାଶୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଯାଜପୁର ଜିଲ୍ଲା ଗାୟତ୍ରୀ ପୀଠର ସଂଯୋଜକ ପୀତବାସ ଦାସ, ଗାୟତ୍ରୀ ପରିବାରର ବରିଷ୍ଠ ସଭ୍ୟା ପ୍ରେମଲତା ପଣ୍ଡା, ଜୟନ୍ତୀ ପତି, ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ନାୟକ ଉପସ୍ଥିତ ରହି ଜନସାଧାରଣଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିରିପଟା ପଞ୍ଚାୟତ ଗାୟତ୍ରୀ ପୀଠ ମୁଖ୍ୟ ତପନ କୁମାର ପତି, ନିକଟସ୍ଥ ସ୍କୁଲର ବରିଷ୍ଠ ଶିକ୍ଷକ ବିଶ୍ୱରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ। ଗ୍ରାମର ବୁଦ୍ଧିଜୀବୀ ଶଶୀକାନ୍ତ ରାୟ, ନିତ୍ୟାନନ୍ଦ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ଦୁଃଶାସନ ମଲ୍ଲିକ, ସମାଜସେବିକା ସ୍ନେହଲତା ପତି ଓ ଅଞ୍ଚଳର ଯୁବକ/ଯୁବତୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୃତୀ ଛାତ୍ରୀ ଶ୍ରୀୟା ସମ୍ବର୍ଦ୍ଧିତ



**ବ୍ରହ୍ମବରଦା, ୨୩।୧୨(ସମିସ):** ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ଡିଅସାହି ଗ୍ରାମର ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଶ୍ରୀୟା ସୁଚରିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ଯାଜପୁର ବ୍ଲକ ଜମଧର ପଞ୍ଚାୟତସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ରୂପେ ୯୫ ପ୍ରତିଶତ ମାର୍କରେ ଉତ୍ତୀର୍ଣ୍ଣ ହୋଇ କ୍ଲାସ ଟପର ହୋଇଛନ୍ତି। ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅୟୋଜିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ନିବେଦିତା ପାଣି ଯୋଗ ଦେଇଥିଲେ। ଏ ଅବସରରେ ଶ୍ରୀୟାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀୟା ସୁଚରିତା ବ୍ରହ୍ମବରଦା ପଞ୍ଚାୟତ ଡିଅସାହି ନିବାସୀ ଆଲୋକ ବେହେରା ଓ ଶ୍ରୀମତୀ ସରୋଜିନୀ ବେହେରାଙ୍କ ଝିଅ ଅଟନ୍ତି।

# ଯାଜପୁର ଜ୍ୟୋତି ସମ୍ପାଦକଙ୍କ ସ୍ମୃତିଚାରଣ ସଭା



**ବରୀ, ୨୩।୧୨(ସମିସ):** ଯାଜପୁର ଜିଲ୍ଲା ବରୀ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ରୁଦ୍ରପୁର ଗ୍ରାମର ସାରସ୍ୱତ ସାଧକ ତଥା ଯାଜପୁର ଜ୍ୟୋତି ପତ୍ରିକାର ସମ୍ପାଦକ ମଧୁସୂଦନ ସାହୁଙ୍କ ସ୍ମୃତିଚାରଣ ସଭା ଭୁବନ ମୋହନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ସନ୍ତୋଷ କୁମାର ନନ୍ଦ, ସନ୍ଥଶ୍ରୀ ସୁବିଦ କୁମାର, ଡକ୍ଟର ଅଜୟ କୁମାର ଜେନା, ପ୍ରତାପ କୁମାର ଦାସ, ମନୋଜ କୁମାର ଦାସ, ରତିକାନ୍ତ ତ୍ରିପାଠୀ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ସାହୁ, ବିପିନ କୁମାର ରାୟ, ଡ. ପ୍ରଭାସ କୁମାର ଜେନା, ବସନ୍ତ କୁମାର ଜେନା, ବିଜୟ କୁମାର ସାହୁ, ରାଜକୁମାର ଜେନା, କାମାକ୍ଷାପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ଅତିଥିମାନେ ମଧୁସ୍ମୃତି ସ୍ମରଣିକା ଉନ୍ମୋଚନ କରିଥିଲେ।

## ଦଶରଥପୁର ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୨୦ଟି ଅଭିଯୋଗର ତ୍ୱରିତ ଫଇସଲା

**ଦଶରଥପୁର, ୨୩।୧୨(ସମିସ)**



ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଅଭିଯୋଗ ଶିବିରରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି, ସେମାନଙ୍କ ସମସ୍ୟାର ଯଥାସମ୍ଭବ ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଶିବିରରେ ୨୦ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି।

ଆଜିର ଜନଅଭିଯୋଗ ଶୁଣାଣି ଶିବିରରେ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୦ଟି, ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ଟି ଅଭିଯୋଗ ଥିଲା। ଏଥିରୁ ୨୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଦଶରଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କେଶରୀ ପରିଡ଼ା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶେଷରେ ଭିନ୍ନକ୍ଷମଙ୍କୁ ୫ଟି ଶ୍ରବଣବାଧିତ ଯନ୍ତ୍ର, ୧ଟି ଟ୍ରାଇସାଇକଲ ଓ ୧ଟି ହୁଇଲଚେୟାର ବଣ୍ଟନ କରାଯାଇଥିଲା। ଦହନିହାଟ ପଞ୍ଚାୟତର ଅଙ୍ଗଦ ମଲ୍ଲିକ, ମଲ୍ଲିକାପୁର ପଞ୍ଚାୟତର ଶ୍ରୁତିରଞ୍ଜନ ବାରିକ, ନିଜାମପୁର ପଞ୍ଚାୟତର କପିଳା ଜେନା, ପାଲଟପୁର ପଞ୍ଚାୟତର ବିଚିତ୍ର ପରମାଣିକ, ଚଢ଼ଖଣ୍ଡା ପଞ୍ଚାୟତର ପୂଜାରାଣୀ ଜେନାଙ୍କୁ ଶ୍ରବଣବାଧିତ ଯନ୍ତ୍ର ଓ ଚଢ଼ଖଣ୍ଡା ପଞ୍ଚାୟତର ଲତା ଜେନାଙ୍କୁ ହୁଇଲଚେୟାର ଓ ମଲ୍ଲିକାପୁର ପଞ୍ଚାୟତର ସନାତନ ସାହୁଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା।

# ଦୁଇ ପିଲାଙ୍କୁ ଛାଡ଼ି ମାଆ ଫେରାର

**ମଙ୍ଗଳପୁର, ୨୩।୧୨ (ସମିସ):** ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ଥ ଗଣପତିପାଟଣା ଗ୍ରାମର ଜଣେ ମହିଳା ତାଙ୍କର ଦୁଇ ପିଲାଙ୍କୁ ଛାଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି। ସ୍ୱାମୀ ମଜୁରି ଲାଗିବାକୁ ଯିବାର ସୁଯୋଗ ନେଇ ଉକ୍ତ ମହିଳା ଜଣକ ମୋବାଇଲରେ କୌଣସି ଯୁବକଙ୍କ ସହ ପ୍ରେମ ସମ୍ପର୍କ ରଖି ଫେରାର ହୋଇଯାଇଥିବା ସ୍ୱାମୀ କରୁଛନ୍ତି। ମହିଳାଙ୍କର ଗୋଟିଏ ୧୧ ବର୍ଷର ଝିଅ ଥିବାବେଳେ ୯ ବର୍ଷର ଗୋଟିଏ ପୁଅ ଅଛି। ସ୍ତ୍ରୀ ଫେରାର ହେବା ପରେ ସ୍ୱାମୀ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ ବି ଅଦ୍ୟାବଧି ପୁଲିସ ମହିଳାଙ୍କର କୌଣସି ସନ୍ଧାନ ପାଇପାରିନାହିଁ। ମଙ୍ଗଳପୁର ପୁଲିସ ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ହୋଲି ଜେସସ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦିଆଯାଉ



**ବଡ଼ଚଣା, ୨୩।୧୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥ ହୋଲି ଜେସସ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା କାମିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦିଆଗଲେ ଆମେ ଏକ ଶୃଙ୍ଖଳିତ ସମାଜକୁ ଦେଖିପାରିବା ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ କଠିନ ପରିଶ୍ରମ ମଣିଷକୁ ଉଚ୍ଚତର ସୋପାନରେ ପହଞ୍ଚାଇଥାଏ ଓ ପିଲାଙ୍କୁ ଭଲ ମଣିଷ ତିଆରି କରିପାରିଲେ ସମାଜର ପ୍ରଭୁତ ମଙ୍ଗଳ ହେବ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ, ବୈଜ୍ଞାନିକ ଡଃ ଦୀପକ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏ ଅବସରରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଉପରେଜିଷ୍ଟ୍ରାର ଦେଶପ୍ରିୟ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭାସିନୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟତ୍ରୀ ଶିତଲ ପାଟୋଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସଞ୍ଜୟ ରାଉତ, ଚିରଞ୍ଜିବୀ ଜେନା, ଶ୍ରୀତମ ପୃଷ୍ଟି, ଶିକ୍ଷୟିତ୍ରୀ ସାଗରିକା ଶର୍ମା, ପୁନମ ଭାରତୀ, ନନ୍ଦିତା ଦାସ, କିରଣ ଯାଦବ, ଲକ୍ଷ୍ମୀଧର ମଲ୍ଲିକ, ଦେବାଶିଷ ନାୟକ, ଚନ୍ଦନ ନାୟକ ଓ ଶୁଭଶ୍ରୀ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# କୁଆଁରପୁର ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ




**ମଙ୍ଗଳପୁର, ୨୩।୧୨ (ସମିସ):** ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତସ୍ଥ କୁଆଁରପୁର ସରକାରୀ ବିଦ୍ୟାଳୟ ୧୯୮୧ ମ୍ୟାଟ୍ରିକ ବ୍ୟାଚ୍‌ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଚମ୍ପେଇପାଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଜୟନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ୧୫ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ୧୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମନ୍ତ କୁମାର ଜେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ୧୯୮୧ ବ୍ୟାଚ୍ ଛାତ୍ର ଅଶୋକ ନାୟକ, ରମେଶ ଦେବତା, ଭାଗୀରଥି ପାତ୍ର, ଦିବାକର ପାଢ଼ୀ, ଅଷ୍ଟଭାଗ ଦାସ, ବିନୋଦ ନାୟକ, ନଳିନୀପ୍ରଭା ମହାପାତ୍ର, ରଘୁନାଥ ପଣ୍ଡା, ଜଗମୋହନ ପଣ୍ଡା, ଅଜୟ ପଣ୍ଡା, ମନୋରମା ନାୟକ, ଶଶୀକଳା ନାୟକ ପ୍ରମୁଖଙ୍କ ସମେତ ସମସ୍ତ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚିତ୍ତରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଦଶରଥପୁର, ୨୩।୧୨(ସମିସ):** ଦଶରଥପୁର ବ୍ଲକ ଅଧିନ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଦ୍ୱାଦଶ ଚିତ୍ତରଞ୍ଜନ ସ୍ମାରକୀ କ୍ରିକ୍ରେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ସ୍ଥାନୀୟ ଏନ୍‌ସିସି କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ଯାଜପୁର ବିଧାୟିକା ସୁଜାତା ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଯୁବ ସମାଜସେବୀ ଧର୍ମରାଜ ଧିର, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ଯୁବ ନେତା ମହେଶ୍ୱର ସାହୁ, ବ୍ଲକ ଅଧ୍ୟକ୍ଷ ଦିଗା ମଲ୍ଲିକ ଯୋଗଦେଇଥିଲେ। ଆଗାମୀ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି କ୍ରିକେଟ୍ କ୍ଲବ୍ ଅଂଶଗ୍ରହଣ କରିଥିବାବେଳେ ଉଦ୍‌ଘାଟନୀ ମ୍ୟାଚ୍ ଅକରପଡ଼ାର ନେତାଜୀ କ୍ରିକେଟ୍ କ୍ଲବ୍ ଓ କେନ୍ଦ୍ରାପଡ଼ାର ପଞ୍ଚୁପାଣ୍ଡବ କ୍ରିକେଟ୍ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଅକରପଡ଼ା ନେତାଜୀ କ୍ଲବ ୨୨୩ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ କେନ୍ଦ୍ରାପଡ଼ାର ପଞ୍ଚୁପାଣ୍ଡବ କ୍ଲବ୍ ସମସ୍ତ ୱିକେଟ୍ ହରାଇ ୧୪୦ ରନ୍ କରି ପରାଜୟବରଣ କରିଥିଲା। ଧିରେନ୍ଦ୍ର ମହାପାତ୍ର, ତପନ ଜେନା ଖେଳ ପରିଚାଳନା କରିଥିଲେ।

# ବିରଜା କ୍ଷେତ୍ର ରୋଟାରୀ କ୍ଲବ୍ ପକ୍ଷରୁ ଶାନ୍ତିସ୍ତମ୍ଭ ପ୍ରତିଷ୍ଠା

**ଯାଜପୁର ଟାଉନ, ୨୩।୧୨ (ସମିସ):** ଯାଜପୁର ସହରର ବିରଜା କ୍ଷେତ୍ର ରୋଟାରୀ କ୍ଲବ୍ ପକ୍ଷରୁ ମାନସା ପୋଲ ନିକଟରେ ଏକ 'ପି' ଶାନ୍ତିସ୍ତମ୍ଭ ସ୍ଥାପନ କରାଯାଇଛି। ଏହି ଶାନ୍ତିସ୍ତମ୍ଭର ଉଦ୍‌ଘାଟନ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଜଗ୍ୟାଶିଷ ମହାପାତ୍ର କରିଛନ୍ତି। ଆଜିର ଅଶାନ୍ତ ମାନବ ସମାଜରେ ବିଭିନ୍ନ ଜାତି, ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ସ୍ତମ୍ଭକୁ ସ୍ଥାପନ କରାଯାଇଛି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଦେଶ ଓ ଦେଶ ମଧ୍ୟରେ ଯେପରି ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି, ଏହା କେତେବେଳେ ଯେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଟାଣିନେବ ତାହାର ଆଶଙ୍କା ଦେଖାଦେଇଛି। ଏପରି ପରିସ୍ଥିତିରେ ବିରଜା କ୍ଷେତ୍ର ରୋଟାରୀ କ୍ଲବ୍‌ର ଏହି ଶାନ୍ତିସ୍ତମ୍ଭ ପ୍ରତିଷ୍ଠାକୁ ସହରର ସମସ୍ତ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।



ଏହି କାର୍ଯ୍ୟକ୍ରମକୁ କ୍ଲବ୍ ସଭାପତି ଡଃ ଉଦୟନାଥ ମାଝୀ ପରିଚାଳନା କରିଥିଲେ। ସମ୍ପାଦକ ଅନୀଲ କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ନନ୍ଦକିଶୋର ସାହୁ, ଅକ୍ଷୟ ପରିଜା, ଡଃ ଶରତ ରାୟ, ବଳରାମ ମହାନ୍ତି, ରଶ୍ମିରଞ୍ଜନ ମହାନ୍ତି, ଡଃ ସୁନୀଲ ପୃଷ୍ଟି, ମଳୟ ଜେନା, ସୂର୍ଯ୍ୟମଣି ରାଉତ, ପ୍ରଶାନ୍ତ ଦାସ, ସୁଶାନ୍ତ ସାମଲ ପ୍ରମୁଖ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବିରଜା ଅଏଲ ମିଲ୍ ସନ୍ନିକଟ ଅଞ୍ଚଳରେ ବସବାସ କରୁଥିବା ୧୦ ଜଣ ଶ୍ରମିକଙ୍କୁ ବିରଜା କ୍ଷେତ୍ର ରୋଟାରୀ କ୍ଲବ ପକ୍ଷରୁ ସମସ୍ତ ମେମ୍ବରଙ୍କ ଉପସ୍ଥିତିରେ କମ୍ବଳ ବଣ୍ଟନ କରାଯାଇଥିଲା। ରମାକାନ୍ତ ବେହେରାଙ୍କୁ ନୂତନ ସଦସ୍ୟ ଭାବେ ଡିଜି ଶପଥ ପାଠ କରାଇଥିଲେ। ବରିଷ୍ଠ ସଦସ୍ୟ ବଳରାମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇ ସବଇନ୍ସପେକ୍ଟଙ୍କ ବଦଳି

**ପାଣିକୋଇଲି, ୨୩।୧୨(ସମିସ):** ରାଜ୍ୟ ପୁଲିସ ସବଇନ୍ସପେକ୍ଟର (ଏସଆଇ) ସ୍ତରରେ ଅଦଳବଦଳ ହୋଇଛି। ଏହି କ୍ରମରେ ଯାଜପୁର ଜିଲ୍ଲାରେ କାର୍ଯ୍ୟରତ ଦୁଇଜଣଙ୍କୁ ସବଇନ୍ସପେକ୍ଟରଙ୍କୁ ଜିଲ୍ଲା ବାହାରକୁ ବଦଳି କରାଯାଇଛି। ମଙ୍ଗଳପୁର ଥାନାରେ କାର୍ଯ୍ୟରତ ଏସଆଇ ସୁରେନ୍ଦ୍ର ରଥଙ୍କୁ ବାଲେଶ୍ୱର ଜିଲ୍ଲା ଓ ଡିଆଇବିରେ କାର୍ଯ୍ୟରତ ଏସଆଇ ପ୍ରମୋଦ କୁମାର ସାହୁଙ୍କୁ ଜଗତସିଂହପୁର ଜିଲ୍ଲାକୁ ବଦଳି କରାଯାଇଛି।

# ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

**ଦଶରଥପୁର, ୨୩।୧୨(ସମିସ):** ଚଳିତ ଶିକ୍ଷାବର୍ଷର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଦଶରଥପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ଛାତ୍ର ସାଇସ୍ୱରୂପ ଦାସ ସମଗ୍ର ବ୍ଲକରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସାଇସ୍ୱରୂପଙ୍କ ସଫଳତା ପାଇଁ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୨୯ରୁ ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଯାଜପୁର, ୨୩।୧୨(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଡିସେମ୍ବର ୨୯ରୁ ୧୬ତମ ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର କୁସୁମା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆରେ ଆରମ୍ଭ ହେବ। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ଏମ୍‌ସିସି କ୍ରିକେଟ୍ କ୍ଲବ୍ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛାବଛା ୧୦ଟି ଟିମ୍ ଅଂଶଗ୍ରହଣ କରିବେ। ଏ ଉପଲକ୍ଷେ କାଳୀମେଘାଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଟୁର୍ଣ୍ଣାମେଣ୍ଟର ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ କ୍ରୀଡ଼ାବିତ୍ ଶ୍ରୀଜୟ ମହାପାତ୍ର, ଆଡଭୋକେଟ୍ ତଥା କ୍ରୀଡ଼ାବିତ୍ ପାର୍ଥସାରଥି ରାୟ, ସଚ୍ଚିଦାନନ୍ଦ ଜେନା, ସମାଜସେବୀ ମନୋଜ ସାହୁ, ଅଭିଷେକ ଧଳ, ସ୍ୱସ୍ତିକ ପହୀ, ସେକ୍ ସାହାଜୁଦ୍ଦିନ୍, ଦିବାକର କର, ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଦୀର୍ଘ ୧୦ ଦିନ ଧରି ଅନୁଷ୍ଠିତ ହେବ। ଚାମ୍ପିଅନ ଦଳକୁ ନଗଦ ୭୦ ହଜାର ଓ ରନର୍ସଅପ ଦଳକୁ ନଗଦ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଆସନ୍ତା ଜାନୁଆରୀ ମାସ ୭ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

# ଟ୍ରକ୍ ଚକା ତଳେ ଗଲା ମହିଳାଙ୍କ ଜୀବନ

**କୋରେଇ, ୨୩।୧୨(ସମିସ):** କୋରେଇ ବଜାରରେ ଥିବା ପେଟ୍ରୋଲ ପମ୍ପ ନିକଟରେ ସୋମବାର ସକାଳେ ଜଣେ ମହିଳାଙ୍କ ମୁଣ୍ଡରେ ଟ୍ରକ୍ ଚକା ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା କୋରେଇ ଥାନା ଅନ୍ତର୍ଗତ ହଳଦିଗଡ଼ିଆ ପଞ୍ଚାୟତ ଖିଲିପଙ୍ଖା ଗ୍ରାମର ଆଲୋକ ରାଉତଙ୍କ ପତ୍ନୀ ସନ୍ଧ୍ୟାରାଣୀ ରାଉତ (୩୦) ବୋଲି ଜଣାପଡ଼ିଛି। ସେ ଗର୍ଭବତୀ ଥିବାରୁ ସ୍ୱାମୀଙ୍କ ସହ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବାଇକ୍ ଯୋଗେ ଯାଜପୁର ରୋଡ଼କୁ ଯାଉଥିଲେ। ସେମାନଙ୍କ ସହ ତାଙ୍କର ୪ ବର୍ଷର ପୁଅ ମଧ୍ୟ ଥିଲା। କୌଣସି କାରଣରୁ ପଛରେ ଯାଉଥିବା ଟ୍ରକ୍ ତାଙ୍କୁ ଧକ୍କା ଦେବା ଫଳରେ ସନ୍ଧ୍ୟାରାଣୀ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଟ୍ରକ ଚକା ତାଙ୍କ ମୁଣ୍ଡରେ ଚଢିଯିବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସନ୍ଧ୍ୟାରାଣୀଙ୍କ ଶବ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଡ଼ି ରହିବା ସହ ମୃତା ନିକଟବର୍ତ୍ତୀ ଗ୍ରାମର ହୋଇଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଳକ ଫେରାର ହୋଇଯାଇଥିବାବେଳେ କୋରେଇ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ବ୍ୟାସନଗର ଅତିରିକ୍ତ ତହସିଲଦାର ଓ କୋରେଇ ପୁଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ଘଟଣା ସମ୍ପର୍କରେ ସ୍ୱାମୀ ଆଲୋକ ରାଉତ ଥାନାରେ ଅଭିଯୋଗ କରିଛନ୍ତି।



# ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

**ଦାନଗଦି, ୨୩।୧୨(ସମିସ):** କଳିଙ୍ଗନଗର କୁସୁନପୁରସ୍ଥ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ଦୁଇଦିନିଆ ୧୨ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଛି। ଅପରାହ୍ନ ୩ ଘଟିକାରେ ଏହି ଉତ୍ସବର ଶୁଭାରମ୍ଭ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡଃ ଦେବେନ୍ଦ୍ର କୁମାର ଦାସ (ୟୁନିଭର୍ସିଟି ଅଫ ଆଲାସ୍କା, ୟୁଏସ ଏ), ମୁଖ୍ୟବକ୍ତା ଭାବେ ଶ୍ରୀମତୀ ପଦ୍ମଲତା ଭାଜେ (ସିଇଓ ଅଫ୍ ଟଟମୋର, ୟୁଏସଏ), ସମ୍ମାନିତ ଅତିଥି ଭାବେ ରୋହିତ ଟେକରିୱାଲ (ଉପସଭାପତି ୟୁଲୋ, ସିଙ୍ଗାପୁର) ଓ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ଟ୍ରଷ୍ଟି ଡଃ ପ୍ରସନ୍ନ କୁମାର ସାହୁ ଯୋଗ ଦେଇଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ ରଣା, ଉପପ୍ରଧାନ ଆଚାର୍ଯ୍ୟ ଆରଏନ ରୟତ ସିଂ, ଏକାଡେମିକ କୋଡିନେଟର ସୋନିଆ ବେଦୀ, ସିସିଏ ପରିଚାଳକ ବଳବୀର ସିଂ ଓ କଲେଜ ଏକାଡେମୀକ କୋଡିନେଟର ଚକ୍ରଧର ପାଣି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୋନିଆ ବେଦୀ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ବାର୍ଷିକ ଉତ୍ସବର ମହତ୍ୱ ଓ ନୃତ୍ୟଗୀତ ପିଲାଙ୍କ ପାଇଁ କେତେ ଜରୁରୀ ବୋଲି ମତ ଦେଇଥିଲେ। ପ୍ରଥମ ଦିବସରେ ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ନୃତ୍ୟ ଗୀତରେ ଅଂଶଗ୍ରହଣ କରିଥିଲେ। ସ୍କାଉଟ ମାଷ୍ଟର ଶ୍ରୀମନ୍ତ କୁମାର ରାୟ, ଏନ୍‌ସିସି ମାଷ୍ଟର ସୁକାନ୍ତ ପାତ୍ର ପିଲାଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ମ୍ୟୁଜିକ ଶିକ୍ଷକ ସପନ ବାନାର୍ଜୀ ଓ କୁନିକୁନି ଛାତ୍ରଛାତ୍ରୀ ସ୍ୱାଗତ ଗୀତ ପରିବେଷଣ କରିଥିଲେ। ପ୍ରଥମ ଦିବସରେ ଅଧ୍ୟାପିକା ଜାଗୃତି ଚାଟାର୍ଜୀ, ସାଗରିକା ଗୁରୁ ଆଙ୍କରିଂ ଦାୟିତ୍ୱ ନିଭାଇଥିଲେ। ବଳବୀର ସିଂ, ସତ୍ୟନାରାୟଣ ପଣ୍ଡା, ବିଶ୍ୱରଞ୍ଜନ ଦ୍ୱିବେଦୀ, ଶୁଭାଶିଷ ପତି, ଦୀପକ ପାଣିଗ୍ରାହୀ, ସହଦେବ ପଣ୍ଡା, ମଦନମୋହନ ମଲ୍ଲିକ, ସୁମନ ଧୀର, ମୁନା ସମଦ, ପୁଷ୍ପା ଶ୍ରୀରାମ, ବିଦ୍ୟାଧର ପରିଡ଼ା, ବିଶ୍ୱଜିତ ପଣ୍ଡା, ଅନାମିକା ଜଗଦୀଶ, ସୁସ୍ମିତା ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷ ବୁଦ୍ଧଦେବ ରାଉତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।





ଚତୁର୍ଦ୍ଦଶ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକ ମେଳା ଉଦ୍‌ଘାଟିତ

# 'ପୁସ୍ତକ ମହୋତ୍ସବ ବୁଦ୍ଧିମତ୍ତାର ଆନ୍ଦୋଳନ'

ଯାଜପୁର, ୨୩।୧୨ (ସମିସ)



ଆଜି କୁସୁମା ପଡ଼ିଆରେ ଚତୁର୍ଦ୍ଦଶ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକ ମେଳା ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବିଧାୟିକା ସୁଜାତା ସାହୁ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ ଓ ଅନନ୍ୟା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବରେ ସଭାପତି ସନ୍ତୋଷ ନନ୍ଦ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଭୂପତି ଭୂଷଣ ମିଶ୍ର ସ୍ତୋତ୍ର ପାଠ କରିଥିଲେ। ହରିହର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଉପସଭାପତି ବିଭୂତି ଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡଃ କାହ୍ନୁଚରଣ ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଜ୍ଞାନ ଆହରଣ କରିବା ପାଇଁ ଦୁଇଟି ମାର୍ଗ ରହିଛି। ତନ୍ମଧ୍ୟରୁ ଗୋଟିଏ ହେଲା ସାରା ଦୁନିଆ ପରିଭ୍ରମଣ କରିବା ଓ ଅନ୍ୟଟି ପୁସ୍ତକ ପଠନ କରିବା। ପୁସ୍ତକ ଦ୍ୱାରା ଆଜିର ଛାତ୍ରଛାତ୍ରୀ ଦୁନିଆଁ ବିଷୟରେ ବହୁତ କଥା ଜାଣିବା ସହିତ ଜ୍ଞାନ ଆହରଣ ଓ ଏହାର ପ୍ରୟୋଗ କରିବା ପାଇଁ ପ୍ରକୃଷ୍ଟ ସୁଯୋଗ ମିଳିଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ପୁସ୍ତକ ମହୋତ୍ସବ ବୁଦ୍ଧିମତ୍ତାର ଆନ୍ଦୋଳନ। ପୁସ୍ତକ ଯେତେବେଳେ ନ ଥିଲା, ସେତେବେଳେ ବେଦ ଉପନିଷଦକୁ ଶ୍ରୁତି ବୋଲି କୁହାଯାଉଥିଲା। ପୁସ୍ତକ ତାଳପତ୍ର ପୋଥିରୁ ଆରମ୍ଭ ହୋଇ ମୋବାଇଲ୍ ଓ ଗୁଗୁଲ୍‌ରେ ଉପଲବ୍ଧ ହେଉଛି। ତାଳପତ୍ର ପୋଥିର ଡିଜିଟାଲାଇଜେସନ୍ କରାଯାଇଛି। ବସୁଧୈବ କୁଟୁମ୍ବକମ୍ ଭଳି ପୁସ୍ତକ ଡିଜିଟାଲାଇଜେସନ୍‌ରେ ପରିବର୍ତ୍ତିତ ହୋଇଯାଇଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ କିଛିବର୍ଷ ପୂର୍ବରୁ ଝିଅ ବିବାହ ସମୟରେ ଲକ୍ଷ୍ମୀପୁରାଣ, ଆଦିତ୍ୟ ହୃଦୟ ସ୍ତୋତ୍ର ବହି, ପ୍ରାର୍ଥନା ବହି, ମାଣବସା ଗୁରୁବାର ବହି, ରାମାୟଣ, ଗୀତା, ଡାହାର ପେଡ଼ିରେ ଦିଆଯାଉଥିଲା। ବର୍ତ୍ତମାନ ତାହା ମୋବାଇଲରେ ପରିବର୍ତ୍ତିତ ହୋଇଯାଇଛି। ତେବେ ପୁସ୍ତକର ଆବଶ୍ୟକତା ଓ ପୁସ୍ତକର ବୌଦ୍ଧିକତା କେବେ ପ୍ରାସଙ୍ଗିକତା ହରାଇ ନାହିଁ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଉଦୟ ନାରାୟଣ ପରିଡ଼ା, ଚଳଚ୍ଚିତ୍ର ପ୍ରଯୋଜକ ପ୍ରିୟରଞ୍ଜନ ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ କୃଷ୍ଣପ୍ରିୟା ମିଶ୍ର, ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଯୋଗଦେଇ ପୁସ୍ତକ ମହୋତ୍ସବର ଭୂୟସୀ ପ୍ରଶଂସା କରିବା ସହିତ ଉତ୍ସବର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ। ଅର୍ପିତା ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ ଦେବେଶ୍ୱର କଳରୋଲ ଏକାଡେମୀର କଳାକାର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସନ୍ତୋଷ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଅନିଲ ମହାନ୍ତି, ଅଧ୍ୟକ୍ଷ ବିନୋଦ ନାୟକ, ଡଃ ଅଭୟ ପଣ୍ଡା, ଅଧ୍ୟକ୍ଷ ବଳରାମ ମହାନ୍ତି, ଅଧ୍ୟାପକ ଡଃ ହରିଶ ପଣ୍ଡା, ସୁବାସ ମହାପାତ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଅଧ୍ୟାପକ କୈଳାସ ଚନ୍ଦ୍ର ବେହେରା, ଅଧ୍ୟକ୍ଷ ଅଶୋକ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସଂଗଠନ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଦେଇଥିଲେ।

## ରକ୍ତଦାନ ଶିବିର; ୫୭ ୟୁନିଟ୍ ସଂଗୃହୀତ

ବରୀ, ୨୩।୧୨(ସମିସ): ବରୀ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟର ଦଶମ ପ୍ରତିଷ୍ଠା ଦିବସ ଅବସରରେ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଓଡ଼ିଶା ଷ୍ଟେଟ ଗ୍ରେଡ ସ୍କୁଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ପ୍ରାରମ୍ଭରେ ଅଭୟ ଶତପଥୀଙ୍କ ନିର୍ଦ୍ଦେଶିତ ଓ କେନ୍ଦୁଆ ସରସ୍ୱତୀ ବାବା ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଧର୍ମୀ କାର୍ଯ୍ୟକ୍ରମ 'ନାଟକ ନୁହେଁ' ମଞ୍ଚସ୍ଥ ହୋଇଥିଲା। ସାମାଜିକ କର୍ମୀ ବିମଳ ଦାସଙ୍କ ପତ୍ନୀ ବିଷ୍ଣୁପ୍ରିୟା ଦେବୀଙ୍କ ରକ୍ତ ଅଭାବଜନିତ ମୃତ୍ୟୁ ଘଟିବା ପରେ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର ଆୟୋଜନ କରାଯାଉଛି।

## ରୋଟାରୀ କ୍ଲବ୍ ପକ୍ଷରୁ ଥଣ୍ଡା ପାନୀୟ ମେସିନ ପ୍ରତିଷ୍ଠା



ଜାରକା, ୨୩।୧୨(ସମିସ): ଧର୍ମଶାଳା ବ୍ଲକ ଜାରକା ରୋଟାରୀ କ୍ଲବ୍ ପକ୍ଷରୁ ଜାରକା ପୁଲିସ ବିଟ୍ ହାଉସ ଓ ଧର୍ମଶାଳା ବାଇପାସ୍ ବୁଦ୍ଧ ଛକ ନିକଟରେ ସୋମବାର ଥଣ୍ଡା ପାନୀୟ ଜଳ ମେସିନ ପ୍ରତିଷ୍ଠା କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ରୋଟାରୀ ଜିଲ୍ଲା ୩୨୬୨ର ଗଭର୍ଣ୍ଣର ରୋଟାରୀଆନ ଯଜ୍ଞାଶୀଷ ମହାପାତ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏ ଅବସରରେ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ ତପନ ନାୟକ, ଜାରକା ବିଟ୍ ହାଉସ ଅଧିକାରୀ ବିଜୟ ବେହେରା, ତ୍ରିରଙ୍ଗା କ୍ଲବ୍ ସଭାପତି କ୍ଷିତୀଶ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ରୋଟାରୀ କ୍ଲବ ସଭାପତି ରାଜେନ୍ଦ୍ର ପଲେଇ ଓ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀଙ୍କ ସଂଯୋଜନରେ ରୋଟାରୀ ଓ ଇନରହୁଇଲ କ୍ଲବ୍‌ର ଜୟନ୍ତ ସାହୁ, ହରିହର ପଣ୍ଡା, ନିରଞ୍ଜନ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଯୁଧିଷ୍ଠିର ରାଉତ, ଅଶୋକ ମହାପାତ୍ର, ଅମୂଲ୍ୟ ମହାରଣା, ବିନୋଦ ପରିଡ଼ା, ସୁକାନ୍ତ ସ୍ୱାଇଁ, ପ୍ରମୋଦ ସାମଲ, ଜୟଗୁରୁ ପାତ୍ର, ପ୍ରଶାନ୍ତ ପୃଷ୍ଟି ଓ ଇନ୍ଦୁପ୍ରଭା ସାମଲ, କଳ୍ପନା ଖୁଣ୍ଟିଆ ଓ କଳ୍ପନା ପରିଡ଼ା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ୟାସନଗର ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ



ବ୍ୟାସନଗର, ୨୩।୧୨(ସମିସ):କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗର ପୌର ପରିଷଦର ବିଭିନ୍ନ ଅଞ୍ଚଳରେ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିଛି। ପୌରପରିଷଦର ୨୫ ନମ୍ବର ଅଞ୍ଚଳରେ ଯୁବ ନେତା ପରେଶ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭ୍ୟ ସଂଗ୍ରହ ଅଭିଯାନରେ ମୁଖ୍ୟଅତିଥି ଭାବେ ପୂର୍ବତନ ନଗରପାଳିକା ତଥା ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ସ୍ଥାନୀୟ କାଉନସିଲର ଦିଲ୍ଲୀପ ସେଠୀ, ବିଜେଡି କୋରେଇ ପ୍ରଭାରୀ ବଳଭଦ୍ର ଦାସ, କୋଡିନେଟର ତପସ୍ୱିନୀ ଶତପଥୀ, ଦୀପାବଳୀ ଚକ୍ରବର୍ତ୍ତୀ, ଅମୂଲ୍ୟ ନାୟକ, ମହେଶ ଧଳ, କୁଳମଣି ରାଉତ, ଯୁବ ନେତା ଭରତ ଚନ୍ଦ୍ର ବେହେରାଙ୍କ ସମେତ ବହୁ କର୍ମୀ ଯୋଗଦେଇ ଦଳକୁ ଆଗାମୀ ଦିନରେ ସୁସଂଗଠିତ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଜିଲ୍ଲାସ୍ତରୀୟ ଗଣିତ ଦିବସ ପାଳିତ

ଯାଜପୁର, ୨୩।୧୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ବଖାଣପୁର ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମାତଙ୍ଗିନୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ସଚିବ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନଶିକ୍ଷକ ଜୟନ୍ତ ସାମଲ ଓ ମୁଖ୍ୟବକ୍ତା ରୂପେ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୁମାରସେନ ସେନାପତି ଯୋଗଦେଇ ଗଣିତର ପ୍ରଚାର ପ୍ରସାର ସହ ଛାତ୍ରଛାତ୍ରୀ ଗଣିତ ବିଷୟକୁ କିପରି ସହଜରେ ଅଧ୍ୟୟନ କରିବେ, ସେ ବିଷୟରେ ପରାମର୍ଶ ଦେଇଥିଲେ। ଭାରତର ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜମ ବିଷୟରେ ପିଲାଙ୍କୁ ସୂଚନା ଦେବାସହ ଗଣିତ ସବୁ ବିଭାଗର ଜନନୀ ବୋଲି ମତ ପ୍ରକାଶ କରିଥିଲେ। ପରେ ଏକ ଗଣିତ ଲିଖିତ କୁଇଜ ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିରଜା ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ବାଇ ପ୍ରଥମ, ଯାଜପୁର ଜିଲ୍ଲା ସ୍କୁଲ ଛାତ୍ରୀ ଶୁଭ୍ରାଂକ୍ଷୀ ସେନାପତି ଦ୍ୱିତୀୟ ଓ ବିରଜା ବିଦ୍ୟାଳୟର ଛାତ୍ର ଶ୍ରୀଅଂଶୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଚିନ୍ମୟ ରଥ, ବିଭୁସ୍ମିତା ସାହୁ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ।

କପର ତାର ଲୁଟ୍ ଉଦ୍ୟମ ବିଫଳ

## ୫ ଠିକା ଶ୍ରମିକ କୋର୍ଟ ଚାଲାଣ



ଦାନଗଦି, ୨୩।୧୨(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ଷ୍ଟିଲ କାରଖାନା ପରିସରରୁ କପର ତାର ଲୁଟ ଉଦ୍ୟମ ବିଫଳ ହୋଇଛି। ଏହି ଘଟଣାରେ କଳିଙ୍ଗନଗର ପୁଲିସ କାରଖାନାର ୫ ଜଣ ଠିକା ଶ୍ରମିକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ୫ ଜେନାପୁର ଥାନା କବାଟବନ୍ଧର ସାଧୁ ରାଉତଙ୍କ ପୁଅ ସୁବାସ ରାଉତ, ଢେଙ୍କାନାଳ ନିହାଲପ୍ରସାଦର ଫକୀର ସାହୁଙ୍କ ପୁଅ ଟଙ୍କଧର, ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦ ଥାନା ପିଙ୍ଗୁଆର ସତ୍ୟାନନ୍ଦ ସାହୁଙ୍କ ପୁଅ ଚନ୍ଦ୍ରମଣି, ବିଦ୍ୟାଧର ବେହେରାଙ୍କ ପୁଅ ରାମଚନ୍ଦ୍ର ବେହେରା, ଗୟାଧର ସାହୁଙ୍କ ପୁଅ ଜ୍ୟୋତିରଞ୍ଜନ ସାହୁ। ପୁଲିସ ୩୩୨/୨୦୨୪ରେ ମାମଲା ରୁଜୁ କରି ଲୁଟ ୭୫ କେଜି କପର ତାର ଉଦ୍ଧାର କରିଛି। ଗତକାଲି ରାତିରେ ଟାଟା ଷ୍ଟିଲରେ ଡ୍ୟୁଟି ସାରି ଉକ୍ତ ଠିକା ଶ୍ରମିକ ଟାଟା ୧ନଂ ଗେଟରେ ଯାଉଥିବାବେଳେ ସନ୍ଦେହରେ ସୁରକ୍ଷା କର୍ମୀ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅଣ୍ଟାରେ କପର ତାର ବାନ୍ଧିଥିବା ସୁରକ୍ଷା କର୍ମୀ ଦେଖିବାକୁ ପାଇଥିଲେ। ସେମାନଙ୍କୁ ଜେରା ପରେ ଟାଟା ଷ୍ଟିଲରୁ ଲୁଟ୍ କରିଥିବା ପ୍ରକାଶ କରିଥିଲେ। ଟାଟା ପଦାଧିକାରୀ କଳିଙ୍ଗନଗର ପୁଲିସକୁ ଜଣାଇବା ପରେ ପୁଲିସ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା।

## ନାବାଳିକା ଦୁଷ୍କର୍ମ ମାମଲା; ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

ଯାଜପୁର, ୨୩।୧୨(ସମିସ): ବିଂଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ସ୍ଥାନୀୟ ବାଙ୍ଗରା ଗ୍ରାମର ଗୟାଧର ଜେନା ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ମାମଲାରେ ଆଜି ଯାଜପୁର ଆଡହକ ଏଡିଜେ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟର ବିଚାରପତି ଶରତ କୁମାର ଦେହୁରୀ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ ପାଇଁ ରାୟ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ସିଂହପୁରସ୍ଥ ଖରସ୍ରୋତା ମହାବିଦ୍ୟାଳୟର ଜଣେ +୨ ଛାତ୍ରୀ କଲେଜ ଯାଉଥିବାବେଳେ ଅଭିଯୁକ୍ତ ଗୟାଧର ତାଙ୍କୁ ରାସ୍ତାରେ ଅଟକାଇ ଥଣ୍ଡା ପିଇବାକୁ ଦେଇଥିଲା। ପରେ ସୁଯୋଗ ଦେଖି ସମ୍ପୃକ୍ତ ନାବାଳିକାଙ୍କୁ ସେଠାରୁ ଏକ ଇଣ୍ଡିଗୋ କାର୍‌ରେ ଅପହରଣ କରି ଭଦ୍ରକ ନେଇଯାଇଥିଲା। ଝିଅ କଲେଜରୁ ଫେରିବା ବିଳମ୍ବ ହେବାରୁ ତାଙ୍କ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିବା ସହ କଲେଜ ସହ ଯୋଗଯୋଗ କରିଥିଲେ। ତେବେ କୌଣସି ଖବର ନ ପାଇବାରୁ ସମ୍ପୃକ୍ତ ନାବାଳିକାଙ୍କ ବାପା ଏ ନେଇ ବିଂଝାରପୁର ଥାନାରେ ଏତଲା ଦାଏର କରିଥିଲେ। ଅଭିଯୁକ୍ତ ନାବାଳିକାଙ୍କୁ ଭଦ୍ରକରେ ବାହାହୋଇ ତା'ର ଅନିଚ୍ଛା ସତ୍ତ୍ୱେ ବାରମ୍ବାର ଦୁଷ୍କର୍ମ କରିଥିଲା। ପରେ ଅଭିଯୁକ୍ତ ନାବାଳିକାଙ୍କୁ ମଧ୍ୟପ୍ରଦେଶର ଇନ୍ଦୋର ନେଇ ସେଠାରେ ତା'ର ଜଣେ ସମ୍ପର୍କୀୟ ଭାଇ ପାଖରେ ରଖି ଦୁଷ୍କର୍ମ କରିଥିଲା। କୌଣସି ସୂତ୍ରରୁ ଖବର ପାଇ ବିଂଝାରପୁର ପୁଲିସ ଇନ୍ଦୋରରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲା। ସେହିଦିନରୁ ଅଭିଯୁକ୍ତ ଜେଲରେ ଦିନ କାଟୁଥିଲା। ଆଜି ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ବିଚାରପତି ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୭ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ପାର୍ଥସାରଥୀ ରାୟ ପରିଚାଳନା କରିଥିଲେ।

## କବି ଗୌତମ ଜେନାଙ୍କୁ ରାଷ୍ଟ୍ରୀୟ ଗୌରବ ସମ୍ମାନ



ଜାରକା, ୨୩।୧୨( ସମିସ): ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଗୌତମ ଜେନାଙ୍କୁ ମୁମ୍ବାଇ ସର୍ବଭାରତୀୟ ହିନ୍ଦୀ ସାହିତ୍ୟ ଏକାଡେମୀ ପକ୍ଷରୁ ରାଷ୍ଟ୍ରୀୟ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ମୁମ୍ବାଇରେ ଦୁଇଦିନ ବ୍ୟାପି ଚାଲିଥିବା ସର୍ବଭାରତୀୟ କବି ସମ୍ମିଳନୀରେ ଓଡ଼ିଶାରୁ କବି ଗୌତମ ଜେନା ଯୋଗଦେଇ ଓଡ଼ିଆରେ ସ୍ୱରଚିତ କବିତା ପାଠ କରିବା ସହ ହିନ୍ଦୀରେ କବିତା ପାଠ କରିଥିଲେ। ଦେଶକୁ ଏକତା ସୂତ୍ରରେ ବାନ୍ଧିବା ଉଦ୍ଦେଶ୍ୟରେ ସମର୍ପିତ ତାଙ୍କର କବିତାକୁ ଭୂୟସୀ ପ୍ରଶଂସା କରାଯାଇଥିଲା। କବି ଓମପ୍ରକାଶ ପ୍ରଜାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ହିନ୍ଦୀ ସାହିତ୍ୟ ଏକାଡେମୀର ସଭାପତି ପ୍ରମୋଦ ପାଣ୍ଡେ, ସମ୍ମାନିତ ଅତିଥି ଦିଲ୍ଲୀର ବରିଷ୍ଠ ହିନ୍ଦୀ କବି ଡକ୍ଟର ଧନଞ୍ଜୟ ସିଂହ, ଦିଲ୍ଲୀ ଆକାଶବାଣୀର ସହାୟକ ନିର୍ଦ୍ଦେଶକ ରାମ ଅବତାର ବେରୁଆ ଓ ଦିଲ୍ଲୀ ହିନ୍ଦୀ ସାହିତ୍ୟ ବିଭାଗର ଅଧ୍ୟକ୍ଷ ଡକ୍ଟର ଆଲୋକ ରଞ୍ଜନ ପାଣ୍ଡେ ଯୋଗଦେଇ କବି ଶ୍ରୀ ଜେନାଙ୍କୁ ରାଷ୍ଟ୍ରୀୟ ଗୌରବ ସମ୍ମାନ ପ୍ରଦାନ କରିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନାଙ୍କ ସମେତ ରାଜ୍ୟର ବିଭିନ୍ନ ସାହିତ୍ୟିକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୩୩ତମ ଚାରଣ ପ୍ରବ୍ରଜ୍ୟା ଉଦ୍‌ଘାଟିତ



ଯାଜପୁର, ୨୩।୧୨(ସମିସ): ବଲ୍ଲଭିଘାଟ ନିକଟ ମା' ସୁନାମୁହିଁ ଠାକୁରାଣୀଙ୍କ ପୀଠରେ ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ୩୩ତମ ଚାରଣ ପ୍ରବ୍ରଜ୍ୟା ଉଦ୍‌ଘାଟିତ ହୋଇଛି। ଶ୍ରୀମନ୍ଦିର ପୁରୀ ସେବାୟତ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଓ ଶ୍ରୀଚୈତନ୍ୟ ଚନ୍ଦ୍ର ଆଶ୍ରମର ମଠାଧିଶ ସ୍ୱାମୀ ଭକ୍ତିବିଜ୍ଞାନ ଅକିଞ୍ଚନ ଦାସ ମହାରାଜଙ୍କ କରକମଳରେ ଶ୍ରୀମନ୍ଦିରରୁ ଆସିଥିବା ମହାପ୍ରଭୁଙ୍କ ଆଜ୍ଞାମାଳ ହୃଦପଲ୍ଲବ ସ୍ୱୟଂ ମହାପ୍ରଭୁଙ୍କ ଦିବ୍ୟ ଉପସ୍ଥିତି ସହିତ ନବଦିନାତକ ପ୍ରବ୍ରଜ୍ୟା କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଦଳପତି ଡଃ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲା ବିରଜା ମଣ୍ଡଳ ସଂଗଠକ କାହ୍ନୁଚରଣ ସାହୁ ସୁନ୍ଦର ଆୟୋଜନ କରିଥିଲେ। ଆଜ୍ଞାମାଳ ଶୋଭାଯାତ୍ରା ସଂକୀର୍ତ୍ତନ ସହିତ ବଲ୍ଲଭିଘାଟ ନିକଟକୁ ବିଜେ କରିଥିଲେ। ଅତିଥି ଭାବେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ସ୍ୱାମୀ ଭକ୍ତିବିଜ୍ଞାନ ଅକିଞ୍ଚନ ଦାସ ମହାରାଜ, ସଂଗଠନ ସମ୍ପାଦକ ବଂଶୀଧର ପରିଡ଼ା, ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ, ଉପଦେଷ୍ଟା ଲିଙ୍ଗରାଜ ପତି, ଯାଜପୁର ଜିଲ୍ଲା ସଂଗଠକ କାହ୍ନୁଚରଣ ସାହୁ, ଭଦ୍ରକ ଜିଲ୍ଲା ସଂଗଠକ ହେମନ୍ତ ସୂତାର, ଡଃ ରବୀନ୍ଦ୍ର ଜେନା ଆଦି ଉପସ୍ଥିତ ଥିଲେ। ଅତିଥିଙ୍କ ପ୍ରବଚନ ନବଦିନାତ୍ମକ ପ୍ରବ୍ରଜ୍ୟା ପାଇଁ ଏକ ଶୁଭ ସୁଗମ ଆଶୀର୍ବଚନ ଥିଲା। ଏ ଅବସରରେ ବିରଜା ମା'ଙ୍କ ସେବକ ନଗେନ୍ଦ୍ର ଭୂଷଣ କର, ବରାହ ମନ୍ଦିର ସେବକ ସୀତାରାମ ଦୀକ୍ଷିତ, ସପ୍ତମାତୃକା ମନ୍ଦିରର ପୂଜକ ଭୋଳାନାଥ ପଣ୍ଡା, ଯାଜ୍ଞିକ ପୁରୋଧା ଚକ୍ରଧର ପଣ୍ଡା, ବିଚିତ୍ରାନନ୍ଦ ଦାଶ, ସମାଜସେବୀ ଆଶିଷ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ ସିଂହ, ନୃସିଂହ ଚରଣ ନାୟକ, ପ୍ରଦୀପ୍ତ କିଶୋର ଦାସ, ଗଣେଶ୍ୱର ବେହେରା, ଅଶ୍ୱିନୀ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ଅକ୍ଷୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁଆଖିଆ ମହୋତ୍ସବ ଉଦ୍‌ଘାଟିତ



କୁଆଖିଆ, ୨୩।୧୨(ସମିସ): ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ୭୦ତମ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଅବସରରେ ୧୭ତମ କୁଆଖିଆ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମହୋତ୍ସବ ମଞ୍ଚ୍ କଳା, ସଂସ୍କୃତି, ପରମ୍ପରାକୁ ଆଗକୁ ବଢ଼ିବାର ମାଧ୍ୟମ ସାଜିଛି। ୨ ସପ୍ତାହ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପାରମ୍ପାରିକ କଳାକୃତି ପ୍ରଦର୍ଶିତ ହେବାର ସୁଯୋଗ ସୃଷ୍ଟି କରୁଛି। ସ୍ଥାନୀୟ ଅଞ୍ଚଳର କଳା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବାରେ ସହାୟକ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବ କମିଟିର ସ୍ଥାୟୀ ଅଧ୍ୟକ୍ଷ ତଥା ରସୁଲପୁର ବିଡିଓ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ବିଭୂତିଭୂଷଣ ପାଳ, ସରପଞ୍ଚ ପଦ୍ମବତୀ ପଣ୍ଡା, ଗ୍ରାମ୍ୟ କମିଟି ମୁଖ୍ୟ ଧନେଶ୍ୱର ମହାନ୍ତି, ମହୋତ୍ସବ କମିଟି ମହାସଚିବ ଅରୁଣ ସାହୁ, ସମ୍ପାଦକ ସନ୍ତୋଷ ରାଉତ, ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ସଭାପତି ଶିଶିର ମହାନ୍ତି ସଭା ପରିଚାଳନା କରିଥିବାବେଳେ କାଳନ୍ଦୀ କଣ୍ଟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଅଶୋକ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସଦର ମହୋତ୍ସବ ଉଦ୍‌ଯାପିତ

# 'ଭାଇଚାରା ସୃଷ୍ଟି କରିବାରେ ମହୋତ୍ସବ ସହାୟକ ହୋଇଥାଏ'

ଯାଜପୁର, ୨୩।୧୨(ସମିସ)



ଯାଜପୁର ବ୍ଲକ କବିରପୁର ଦଶହରା ପଡ଼ିଆରେ ଚାଲିଥିବା ସଦର ମହୋତ୍ସବ ଉଦଯାପିତ ହୋଇଛି। ଲଘୁଚାପଜନିତ ଝିପିଝିପି ବର୍ଷା ପାଗ ସତ୍ତ୍ୱେ ଚାଲିଥିବା ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର କଳା ସଂସ୍କୃତି ଓ ପାରମ୍ପରିକ ଲୋକନୃତ୍ୟ, ଓଡ଼ିଶୀ, ଆଧୁନିକ ନୃତ୍ୟ ସାଂଗକୁ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ଶିଖା ତ୍ରିପାଠୀ, ଦେବାଶିଷ ମହାନ୍ତି, ତପସ୍ୟା ଓ ବମ୍ବେର ବିଜୟ ଅଜିଜଙ୍କ କଣ୍ଠର ଯାଦୁରେ ଦର୍ଶକ ଭରପୁର ମଜା ଉଠାଇଥିଲେ। ଉଦଯାପନୀ ଉତ୍ସବରେ ସମାଜସେବୀ ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାୟିକା ବର୍ଷା ପ୍ରିୟଦର୍ଶିନୀ ଯୋଗଦେଇ ସଦର ମହୋତ୍ସବର ଆୟୋଜକଙ୍କୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ମହୋତ୍ସବ ମାଧ୍ୟମରେ ସମାଜରେ ଭାଇଚାରା ସୃଷ୍ଟି ହେବା ସହ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରିବାର ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଏହି ମହୋତ୍ସବରେ ପୂଜା ପାଉଥିବା ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ନିମନ୍ତେ ଏକ ପକ୍କା ଘର ଯୋଗାଇ ଦେବାକୁ ସରକାରୀ ସ୍ତରରେ ଚେଷ୍ଟା କରିବେ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଦୀନବନ୍ଧୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଲଘୁଚାପଜନିତ ବର୍ଷା ପାଗ ସତ୍ତ୍ୱେ ଅଭିନେତ୍ରୀ ବର୍ଷାଙ୍କୁ ଦେଖିବାପାଇଁ ପ୍ରବଳ ଜନଗହଳି ହୋଇଥିଲା। ମହୋତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସଦର ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ବ୍ୟାପକ ପୁଲିସ ମୁତୟନ କରିଥିଲେ। ମହୋତ୍ସବକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ମା' ରକ୍ଷାକାଳୀ ବଣିକ ସଂଘର ସମସ୍ତ ସଭ୍ୟ ଓ ସଭାପତି ବିଜୟ ପାଢ଼ୀ, ସମ୍ପାଦକ ମୋହନ ସୁନ୍ଦର୍ ରାଉତ, ମାଧବ ମାଝି, ରଞ୍ଜନ ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ବିଭୂତି ଭୂଷଣ ନାୟକ, ବିଜୟ ମହାନ୍ତି, ବଳଭଦ୍ର ରାଉତ, ବାଦଲ ରାଉତ, ସୁଧାଂଶୁ ସାମଲ, ଅଶୋକ ସାମଲ, ରାଜେନ୍ଦ୍ର ବେହେରା, ଶ୍ରୀଧର ଜେନା ପ୍ରମୁଖ ସହଯୋଗ କରିଥିଲେ। କମିଟିର ସମ୍ପାଦକ ମୋହନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଗଦେବୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ପୁସ୍ତକ ବଣ୍ଟନ


ଜାରକା, ୨୩।୧୨(ସମିସ): ଧର୍ମଶାଳା ବ୍ଲକ ଦେଉଳି ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅପରାହ୍ନରେ ବାଗଦେବୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ ଓ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋକର୍ଣ୍ଣେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ତ୍ରିପାଠୀ ଓ ସାମ୍ବାଦିକ ଅଖିଳ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ପାଠାଗାରର ଉପକାରିତା ଉପରେ ଆଲୋକପାତ କରିଥିଲେ। ପାଠାଗାରର ପ୍ରତିଷ୍ଠାତା ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ସାହୁ ୪୨ ଜଣ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରିଥିଲେ। ପଠନ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ମିନାକ୍ଷୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ ଓ ସାଇଶ୍ରେୟା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ରୋଜାଲିନ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁବ ସଂଗଠକ ପ୍ରସନ୍ନ ପାଳ ଧନ୍ୟବାଦ ଦେଇଥିଲେ।

## ଅଲ୍ଲୁ ଅର୍ଜୁନଙ୍କୁ ସମନ ପଠାଇଲା ପୁଲିସ



ହାଇଦରାବାଦ, ୨୩।୧୨ (ଏଜେନ୍ସି): ପୁଷ୍ପା-୨ ପ୍ରିମିୟର ଦଳଚକଟାରେ ମାମଲାରେ ପୁଷ୍ପାରାଜ ତଥା ଅଲ୍ଲୁ ଅର୍ଜୁନଙ୍କ ସମସ୍ୟା କମ୍ ହେବାର ନା ଧରୁନି। ଘର ସାମ୍ନାରେ ଉସମାନିଆ ବିଶ୍ୱବିଦ୍ୟାଳୟର ଛାତ୍ରଙ୍କ ହଙ୍ଗାମାର ଦିନକ ପରେ ହାଇଦରାବାଦ ପୁଲିସ ତାଙ୍କୁ ଜେରା ପାଇଁ ସମନ ଜାରି କରିଛି। ମଙ୍ଗଳବାର ଜେରା ପାଇଁ ହାଜର ହେବାକୁ କହିଛି। ଏହା ମଧ୍ୟରେ ପ୍ରାଣ ହରାଇଥିବା ମହିଳାଙ୍କ ପରିବାରକୁ ୨୦ କୋଟି ଟଙ୍କା ଦେବା ପାଇଁ ତେଲଙ୍ଗାନା ସିନେମାଟୋଗ୍ରାଫି ମନ୍ତ୍ରୀ କୋମାଟିରେଡ୍ଡୀ ଭେଙ୍କଟ ରେଡ୍ଡୀ ଦାବି କରିଛନ୍ତି। ସେ ଦଳାଚକଟା ପାଇଁ ଅଭିନେତାଙ୍କୁ ଦୋଷ ଦେଇଛନ୍ତି। ଏହା ପୂର୍ବରୁ ଅଭିନେତା ଅଲ୍ଲୁ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଥିଲେ। ଅନ୍ୟପକ୍ଷରେ ଅଲ୍ଲୁଙ୍କ ଘରେ ଆକ୍ରମଣ ମାମଲାରେ ସାମିଲ ଛାତ୍ରଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗୀ ସାମିଲ ଅଛନ୍ତି ବୋଲି ବିଆରଏସ ନେତା କୃଷାଙ୍କ ଦାବି କରିଛନ୍ତି। ସେ ଅଭିଯୁକ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଫଟୋ ପୋଷ୍ଟ କରିଛନ୍ତି। ଅଭିଯୁକ୍ତ ରେଡ୍ଡୀ ଶ୍ରୀନିବାସ ଉସମାନିଆ ବିଶ୍ୱବିଦ୍ୟାଳୟର ଛାତ୍ର ନୁହେଁ ବୋଲି କହିଛନ୍ତି। ସେ ରେଭନ୍ତ ଘନିଷ୍ଠ ଏବଂ ୨୦୧୯ରେ ଜେଡପିଟିସି ନିର୍ବାଚନରେ କୋଣ୍ଡଗଲର କଂଗ୍ରେସ ପ୍ରାର୍ଥୀ ଥିଲେ। ଏହା ମଧ୍ୟରେ ଆକ୍ରମଣରେ ସାମିଲ ୮ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ ହାଇଦରାବାଦ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସେହିପରି ଦଳାଚକଟାରେ ମୃତ ମହିଳାଙ୍କ ସ୍ୱାମୀ ଏଥିରେ ଅଭିନେତାଙ୍କର କୌଣସି ଦୋଷ ନାହିଁ ବୋଲି କହିଛନ୍ତି। ଏପଟେ ପୁଷ୍ପା-୨ ନିର୍ମାତା ଆଜି ପୀଡ଼ିତ ପରିବାରକୁ ଭେଟି ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

## ଜଷ୍ଟିସ ରାମସୁବ୍ରମଣ୍ୟମ ଏନ୍ଏଚ୍ଆର୍ସି ଅଧ୍ୟକ୍ଷ



ନୂଆଦିଲ୍ଲୀ,୨୩।୧୨ (ଏଜେନ୍ସି): ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଭି ରାମସୁବ୍ରମଣ୍ୟମ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି)ର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଷ୍ଟିସ ରାମସୁବ୍ରମଣ୍ୟମଙ୍କ ନିଯୁକ୍ତିକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ସୂଚନା ଦେଇଛନ୍ତି। ଗତ ଜୁନ୍ ୧ରେ ଏନଏଚଆରସି ଅଧ୍ୟକ୍ଷ ପଦରୁ ଜଷ୍ଟିସ୍ ଅରୁଣ କୁମାର ମିଶ୍ର ଅବସର ନେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। କେବଳ ଏନଏଚଆରସିର ଅନ୍ୟତମ ସଦସ୍ୟ ବିଜୟ ଭାରତୀ ସାୟନି କାମଚଳା ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ଆସୁଥିଲେ। ପରେ ୬ ସଦସ୍ୟ ବିଶିଷ୍ଟ କମିଟି ଜଷ୍ଟିସ ଭି. ରାମସୁବ୍ରମଣ୍ୟମଙ୍କ ନାମ ସୁପାରିସ କରିବା ପରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟଇସ ରାମସୁବ୍ରମଣ୍ୟମଙ୍କ ନାମରେ ମୋହର ଲଗାଇଛନ୍ତି।

ଏହାବ୍ୟତୀତ ଏନଏଚଆରସି ସଦସ୍ୟ ଭାବେ ପ୍ରିୟଙ୍କ କାନୁନଗୋ ଏବଂ ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଛନ୍ତି। ପୂର୍ବରୁ ଏନଏଚଆରସି ଅଧ୍ୟକ୍ଷ ପଦରେ କେବଳ ପ୍ରଧାନବିଚାରପତିମାନଙ୍କୁ ନିଯୁକ୍ତ କରାଯାଉଥିଲା। କିନ୍ତୁ ୨୦୧୯ରେ ମାନବିକ ଅଧିକାର ଆଇନରେ ପରିବର୍ତ୍ତନ କରାଯାଇଥିଲା ବେଳେ ପ୍ରଧାନବିଚାରପତି ଜଷ୍ଟିସ୍ ଏଚ ଏଲ ଦତ୍ତୁ ଶେଷ ପ୍ରଧାନବିଚାରପତି ଭାବେ ଏହି ପଦବୀରେ କାର୍ଯ୍ୟ କରି ଅବ୍ୟାହତି ନେଇଥିଲେ। ପ୍ରଥମଥର ପାଇଁ ଅଣ ପ୍ରଧାନବିଚାରପତି ଭାବେ ଜଷ୍ଟିସ୍ ଅରୁଣ ମିଶ୍ର ଏହି ପଦବୀରେ ଯୋଗ ଦେଇଥିଲେ।

### ଫଡ଼ନଭିସ୍- ଛଗନ ଭେଟଘାଟକୁ ନେଇ ଚର୍ଚ୍ଚା ଜୋର୍

# ବିଜେପିରେ ସାମିଲ ହେବେ ଭୁଜବଳ !



ମୁମ୍ବଇ,୨୩।୧୨(ଏଜେନ୍ସି): ମହାରାଷ୍ଟ୍ର ନିର୍ବାଚନରେ ମହାୟୁତି ମେଣ୍ଟର ବିପୁଳ ବିଜୟ ଏବଂ ସରକାର ଗଠନ ପରେ ବି ରାଜନୈତିକ ଚର୍ଚ୍ଚା ଥମି ନାହିଁ। ବିଭିନ୍ନ ସମୟରେ ମେଣ୍ଟର ତିନି ଅଂଶୀଦାରଙ୍କ ଭିନ୍ନ ଭିନ୍ନ ଆଭିମୁଖ୍ୟକୁ ନେଇ ରୋଚକ ସ୍ଥିତି ଉତ୍ପନ୍ନ ହେବାରେ ଲାଗିଛି। ଏହିକ୍ରମରେ ଏନସିପି (ଅଜିତ) ଗୋଷ୍ଠୀର ବରିଷ୍ଠ ନେତା ଛଗନ ଭୁଜବଳ ସୋମବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ଙ୍କୁ ଭେଟିବା ଘଟଣା ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ମହାୟୁତି ସରକାରରେ ଛଗନଙ୍କୁ ସ୍ଥାନ ମିଳି ନଥିବାରୁ ଅଜିତ ପାୱାରଙ୍କ ଉପରେ କ୍ଷୁବ୍ଧ ହୋଇଥିବା ଭୁଜବଳ ମୁଖ୍ୟମନ୍ତ୍ରୀ ଫଡ଼ନଭିସଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପଛରେ କିଛି ଭିନ୍ନ ଉଦ୍ଦେଶ୍ୟ ରହିଥିବା ଆଲୋଚନା ଆରମ୍ଭ ହୋଇଛି। ଏପରିକି ଭୁଜବଳ ଏନସିପି ଛାଡି ବିଜେପିରେ ସାମିଲ ହୋଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଭୁଜବଳ ନିଜ ପୁତୁରା ସମୀର ଭୁଜବଳଙ୍କ ସହ ମୁମ୍ବାଇର ସାଗର ବଙ୍ଗଳାଠାରେ ପ୍ରାୟ ଅଧ ଘଣ୍ଟା ଧରି ମୁଖ୍ୟମନ୍ତ୍ରୀ ଫଡ଼ନଭିସଙ୍କ ସହ ଆଲୋଚନା କରିଥିଲେ। ବୈଠକ ଶେଷ ହେବା ପରେ ସାମ୍ବାଦିକମାନେ ଭୁଜବଳଙ୍କୁ ଘେରିଥିଲା ବେଳେ ମହାରାଷ୍ଟ୍ରର ରାଜନୈତିକ ଏବଂ ସାମାଜିକ ସ୍ତରର ବିଭିନ୍ନ ଦିଗକୁ ନେଇ କେବଳ ସେ ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କ ସହ ଆଲୋଚନା କରିଛନ୍ତି ବୋଲି କହିଛନ୍ତି। ବିଶେଷକରି ବିଧାନସଭା ନିର୍ବାଚନରେ ମହାୟୁତି ମେଣ୍ଟକୁ ବହୁମତରେ ବିଜୟୀ କରିବା ପଛରେ ପଛୁଆ ବର୍ଗ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଏ ସମ୍ପର୍କିତ କିଛି ଆଲୋଚନା ହୋଇଥିବା ସେ କହିଛନ୍ତି। ତେବେ ରାଜନୈତିକ ବିଶାରଦମାନେ ଏହି ବିଷୟକୁ ଏତେ ସହଜରେ ଗ୍ରହଣ କରିପାରି ନାହାନ୍ତି। ବିଶେଷକରି ସରକାରରେ ସ୍ଥାନ ପାଇ ନଥିବାରୁ ନିକଟରେ ଛଗନ ପରୋକ୍ଷରେ ଅଜିତ ପାୱାରଙ୍କ ବିରୋଧରେ ଯେଭଳି ବିଷ ଓଗାଳିଥିଲେ ତାହା ଦଳ ମଧ୍ୟରେ ବିଭ୍ରାଟ ସୃଷ୍ଟି କରିବ ବୋଲି ଆକଳନ କରାଯାଇଥିଲା। ଏହି ଘଟଣାର କିଛି ଦିନ ଅନ୍ତରରେ ଭୁଜବଳ ଫଡ଼ନଭିସଙ୍କୁ ଭେଟିବା ଉପରୋକ୍ତ ଆକଳନକୁ ଦୃଢୀଭୂତ କରୁଥିବା କୁହାଯାଉଛି।

### ପଞ୍ଜାବ-ଉତ୍ତରପ୍ରଦେଶ ପୁଲିସର ଏନ୍କାଉଣ୍ଟର

# ତିନି ଖଲିସ୍ତାନୀ ଆତଙ୍କବାଦୀ ନିହତ



ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ପଞ୍ଜାବ ଏବଂ ଉତ୍ତରପ୍ରଦେଶ ପୁଲିସର ମିଳିତ ଏନକାଉଣ୍ଟରରେ ସୋମବାର ସକାଳେ ପିଲଭିତ୍ରେ ତିନି ଖଲିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ସମସ୍ତ ଆତଙ୍କବାଦୀଙ୍କୁ ଚିହ୍ନଟ କରାଯାଇଛି। ସେମାନେ ବରିନ୍ଦର ସିଂ ଓରଫ ରବି, ଗୁରବିନ୍ଦର ସିଂ ଏବଂ ଯଶପ୍ରୀତ୍ ସିଂ ଏବଂ ସମସ୍ତେ ଖଲିସ୍ତାନ ଜିନ୍ଦାବାଦ ଫୋର୍ସ( କେଜେଏଫ୍)ର ସଦସ୍ୟ ବୋଲି ଜଣାପଡ଼ିଛି। ସମସ୍ତଙ୍କ ଘର ପଞ୍ଜାବର ଗୁରୁଦାସ ପୁର । ଏହି ତିନି ଆତଙ୍କବାଦୀ ଗୁରଦାସପୁରର ବକ୍ସିୱାଲା ପୁଲିସ ପୋଷ୍ଟ ଉପରେ ଗ୍ରେନେଡ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତେବେ ସେମାନେ ଉତ୍ତରପ୍ରଦେଶରେ ପ୍ରବେଶ କରିବାକୁ ଯାଉଥିବା ସୂଚନା ମିଳିଲା ପରେ ପଞ୍ଜାବ ଏବଂ ଉତ୍ତରପ୍ରଦେଶ ପୁଲିସ ପକ୍ଷରୁ ମିଳିତ ଅଭିଯାନ କରାଯାଇଥିଲା। ପରେ ପରେ ପିଲିଭିତ୍ରେ ସେମାନଙ୍କୁ ଏନକାଉଣ୍ଟର କରାଯାଇଥିଲା। ଘଟଣାସ୍ଥଳରେ ହିଁ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରୁ ଦୁଇଟି ଏକ-୪୭ ରାଇଫଲ, ଦୁଇଟି ପିସ୍ତଲ ସମେତ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରାଯାଇଛି। ପରେ ପରେ ପଞ୍ଜାବ ଡିଜିପି ଗୌରବ ଯାଦବ ଏହି ଘଟଣାକୁ ପୁଲିସର ବଡ଼ ସଫଳତା ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲା ବେଳେ କେଜେଏଫ ଆତଙ୍କୀ ସଂଗଠନ ସହ ଏହି ତିନି ଜଣଙ୍କର ସମ୍ପର୍କକୁ ନେଇ ତଥ୍ୟ ରଖିଛନ୍ତି। ଖଲିସ୍ତାନୀ ନେତା ଯଶବିନ୍ଦର ସିଂ ମନୁ ଗ୍ରୀସ୍ରେ ରହି ଖଲିସ୍ତାନୀ ଆନ୍ଦୋଳନ ଚଳାଉଛି। ତା' ସହାୟତାରେ ରଣଜିତ ସିଂ ନିତା ପାକିସ୍ତାନରେ ଖଲିସ୍ତାନ ଜିନ୍ଦାବାଦ ଫୋର୍ସ ଚଳାଉଥିଲା ବେଳେ ନିତା ସହିତ ମୃତ ଏହି ତିନି ଆତଙ୍କବାଦୀ ସମ୍ପର୍କରେ ଥିଲେ। ସେମାନେ ଆଇଏସଆଇ ନିର୍ଦ୍ଦେଶନାରେ କାର୍ଯ୍ୟ କରୁଥିଲା ବେଳେ ସେମାନଙ୍କୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ନିତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ଡିଜିପି ଶ୍ରୀ ଯାଦବ କହିଛନ୍ତି।

### ବିବାହ ନାଁରେ ବିତ୍ତଶାଳୀଙ୍କୁ 'ଲୁଟେରୀ ଦୁଲ୍ହନ୍'ଙ୍କ ଟାର୍ଗେଟ

# ୩ ବିବାହ କରି ଲୁଟିଛନ୍ତି ୧.୨୫ କୋଟି

ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ବିବାହ ଥିଲା କେବଳ ବାହାନା। କିନ୍ତୁ ନିଶାଣରେ ଥିଲେ ଧନୀ ବ୍ୟକ୍ତି। ବିବାହ ବାହାନାରେ ଜଣେ ମହିଳା କିଭଳି ଧନୀ ବ୍ୟକ୍ତିଙ୍କୁ କୋଟି କୋଟି ଟଙ୍କା ଲୁଟ୍ କରି ଚାଲିଥିଲେ ତାହାର ପର୍ଦ୍ଦାଫାସ୍ ହୋଇଛି। ସଂପୃକ୍ତ ମହିଳା ଜଣକ ବିଗତ ୧୦ ବର୍ଷ ଧରି ବହୁ ଲୋକଙ୍କୁ ନିଜ ଫାଶରେ ପକାଇ ଏଭଳି କାର୍ଯ୍ୟ କରି ଆସୁଥିଲଶ ବେଳେ ଏବେ ପୁଲିସ ହାତରେ ଧରାପଡ଼ିଛନ୍ତି। ପୁଲିସ ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ଉତ୍ତରାଖଣ୍ଡର ସୀମା ନାମ୍ନୀ ଏହି ମହିଳା ଛାଡ଼ପତ୍ର ପାଇଥିବା ପୁରୁଷ କିମ୍ବା ପତ୍ନୀଙ୍କୁ ହରାଇଥିବା ଧନୀ ପୁରୁଷଙ୍କୁ ନିଶାଣ କରିଆସୁଥିଲେ। ସେ ପ୍ରଥମେ ବିବାହ ପ୍ରସ୍ତାବ ଦେଇ ବିବାହ କରୁଥିଲା ବେଳେ ପରବର୍ତ୍ତୀ ସମୟରେ କୌଣସି ପାରିବାରିକ କାରଣ ଦେଖାଇ ସେହି ପୁରୁଷଙ୍କୁ ଛାଡୁଥିଲେ। ହେଲେ ସେହି ସମୟରେ ହେଉଥିବା ବୁଝାମଣାକୁ ନେଇ ସୀମା ବିପୁଳ ଅର୍ଥ ଦାବି କରୁଥିଲେ। ଗତ କିଛି ବର୍ଷ ମଧ୍ୟରେ ଏଭଳି ତିନୋଟି ବିବାହ କରି ସୀମା ୧.୨୫ କୋଟି ଟଙ୍କା ବିଭିନ୍ନ ଲୋକଙ୍କ ଠାରୁ ଲୁଟ୍ କରିଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ ସୀମା ପ୍ରଥମେ ୨୦୧୩ରେ ଆଗ୍ରାର ଜଣେ ବ୍ୟବସାୟୀଙ୍କୁ ନିଜ ପ୍ରେମ ଜାଲରେ ଫସାଇ ବିବାହ କରିଥିଲେ। ହେଲେ ବିବାହର କିଛି ମାସ ପରେ ସେ ବ୍ୟବସାୟୀଙ୍କ ପରିବାର ଲୋକଙ୍କ

**୧୦ ବର୍ଷ ପରେ ପୁଲିସ ହାତରେ ଧରାପଡ଼ିଲେ**



ବିରୋଧରେ ମିଥ୍ୟା ମାମଲା ରୁଜୁ କରିଥିଲେ। ସେମାନଙ୍କୁ ବଦନାମ କରିବାର ଧମକ ଦେଇ ୭୫ ଲକ୍ଷ ଟଙ୍କା ଦାବି କରିଥିଲା ବେଳେ ସଂପୃକ୍ତ ପରିବାର ଲୋକ ବାଧ ହୋଇ ୭୫ ଲକ୍ଷ ଟଙ୍କା ଦେଇ ମାମଲାର ସମାଧାନ କରିଥିଲେ। ଏହାପରେ ୨୦୧୭ରେ ସୀମା ଗୁରୁଗ୍ରାମର ଜଣେ ସଫ୍ଟୱେୟାର ଇଞ୍ଜିନିୟରଙ୍କୁ ବିବାହ କରିଥିଲେ। ତାଙ୍କୁ ମଧ୍ୟ ବିବାହର କିଛି ଦିନ ପରେ ମିଥ୍ୟା ମାମଲାରେ ଫସାଇଥିଲେ। ଏହାପରେ ୧୦ ଲକ୍ଷ ଟଙ୍କା ନେଇ ସୀମା ସଂପୃକ୍ତ ଇଞ୍ଜିନିୟରଙ୍କ ଠାରୁ ଅଲଗା ହୋଇଯାଇଥିଲେ। ଏତିକିରେ ସୀମାଙ୍କ ଖେଳ ଶେଷ ହୋଇ ନଥିଲା। ପରେ ପରେ ୨୦୨୩ରେ ସୀମା ପୁଣି ଜୟପୁରର ଜଣେ ବ୍ୟବସାୟୀଙ୍କୁ ବିବାହ କରିଥିଲେ। ହେଲେ ବିବାହର କିଛି ଦିନ ପରେ ସେ ବ୍ୟବସାୟୀଙ୍କ ଘରେ ଥିବା ସୁନା ଅଳଙ୍କାର ଓ ନଗଦ ୩୬ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ପରିବାର ଲୋକ ଅଭିଯୋଗ କରିବା ପରେ ଜୟପୁର ପୁଲିସ୍ ସୀମାଙ୍କୁ ଠାବ କରିବା ସହିତ ଗିରଫ କରିଥିଲା। ସୀମା ବିଭିନ୍ନ ମାଟ୍ରିମୋନିଆଲ ସାଇଟ୍ରୁ ନିଜ ଟାର୍ଗେଟ ଚୟନ ପାଇଁ ଉପାୟ ଖୋଜି ଛାଡ଼ପତ୍ର ହୋଇଥିବା କିମ୍ବା ପତ୍ନୀଙ୍କୁ ହରାଇଥିବା ପୁରୁଷଙ୍କୁ ନିଜ ଜାଲରେ ଫସାଉଥିଲେ। ପୁଲିସ ଏବେ ସୀମାଙ୍କୁ ପଚରା ଉଚରା କରିବା ସହିତ ଅଧିକ ତଥ୍ୟ ହାସଲ କରିବାକୁ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି। ତେବେ ଏହି ଖବର ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

# ଆଗୁଆ ଜାମିନ ଖାରଜ; ଗିରଫ ହୋଇପାରନ୍ତି ପୂର୍ବତନ ଟ୍ରେନି ଆଇଏଏସ୍ ପୂଜା ଖେଡକର



ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ଠକେଇ ଏବଂ ଜାଲ ଦସ୍ତାବିଜ୍ ଦେଇ ସଂରକ୍ଷଣ ସୁବିଧା ପାଇବା ସହିତ ୟୁପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପୂର୍ବତନ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡକରଙ୍କ ଅଡୁଆ ବଢ଼ିଛି। ୟୁପିଏସସି ଠକେଇ ମାମଲାରେ ଫସି ଥିବା ପୂଜା ଆଇଏଏସ୍ ହେବାରୁ ବଞ୍ଚିତ ହୋଇଥିବା ବେଳେ ଏବେ ତାଙ୍କ ଗିରଫ ସମ୍ଭାବନା ବଢିଛି। ପୂଜାଙ୍କ ଆଗୁଆ ଜାମିନ ଆବେଦନକୁ ସୋମବାର ଦିଲ୍ଲୀ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ସେହିପରି ପୂର୍ବରୁ ତାଙ୍କୁ ଗିରଫଦାରୀରୁ ମିଳିଥିବା ସୁରକ୍ଷାକୁ ମଧ୍ୟ ହାଇକୋର୍ଟ ହଟାଇ ଦେଇଛନ୍ତି। ଏହାପୂର୍ବରୁ ଗିରଫଦାରୀରୁ ସୁରକ୍ଷା ମିଳିବା ଆଶାରେ ପୂଜା ଟ୍ରାଏଲ କୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। କିନ୍ତୁ ଏହାକୁ ଟ୍ରାଏଲ କୋର୍ଟ ଅଗ୍ରାହ୍ୟ କରି ଦେବାରୁ ସେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। କିନ୍ତୁ ଏବେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଥିବାରୁ ପୂଜା କୌଣସି ସମୟରେ ଗିରଫ ହୋଇପାରନ୍ତି ବୋଲି କୁହାଯାଉଛି। ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଚନ୍ଦ୍ରଧାରୀ ସିଂହ କହିଛନ୍ତି ଯେ ୟୁପିଏସ୍ସି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନ ଭାବେ ଯେଉଁସବୁ ପରୀକ୍ଷା ଆୟୋଜନ କରିଥାଏ ତାହା ମଧ୍ୟ ମହତ୍ତ୍ୱପୂର୍ଣ୍ଣ। କିନ୍ତୁ ପୂଜା ଯେଭଳି ପନ୍ଥା ଅବଲମ୍ବନ କରି ଠକେଇ କରିଥିଲେ ତାହା ସମାଜ ଓ ସଂଗଠନ ଉପରେ କୁପ୍ରଭାବ ସୃଷ୍ଟି କରିଛି। ଏହା ପଛର ଷଡ଼ଯନ୍ତ୍ରକୁ ସାମ୍ନାକୁ ଆଣିବା ଲାଗି ଜେରାର ଆବଶ୍ୟକତା ରହିଛି। ପୂଜା ୟୁପିଏସସି ପରୀକ୍ଷାରେ ଯେଭଳି ଆଚରଣ ପ୍ରଦର୍ଶନ କରିଛନ୍ତି ତଦ୍ୱାରା ଏହି ସଂସ୍ଥାନ ସହିତ ଛଳନା କରାଯାଇଥିବା ଜଣାପଡ଼ିଛି। ଠକେଇ ଏବଂ ନକଲି ଦସ୍ତାବିଜ ଦ୍ୱାରା ଫାଇଦା ହାସଲ କରିବାକୁ କେହି ବି ହକଦାର ନୁହନ୍ତି ବୋଲି ଜଷ୍ଟିସ ସିଂହ ପୂଜାଙ୍କ ଆବେଦନ ଖାରଜ କରି କହିଛନ୍ତି।



# ଆର୍ଏମ୍ଏଲ୍ ହସ୍ପିଟାଲରୁ ଡିସ୍ଚାର୍ଜ ହେଲେ ଦୁଇ ସାଂସଦ

ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ସଂସଦରେ ଠେଲାପେଲା ଯୋଗୁ ଆହତ ହୋଇଥିବା ବିଜେପିର ଦୁଇ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ମୁକେଶ ରାଜପତଙ୍କୁ ସୋମବାର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁଇ ସାଂସଦ ଦିଲ୍ଲୀସ୍ଥିତ ରାମ ମନୋହର ଲୋହିଆ(ଆରଏମଏଲ) ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିବାରୁ ଉଭୟଙ୍କୁ ନୋଏଡ଼ାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗତ ୧୯ ତାରିଖରେ ସଂସଦ ଭବନ ସାମ୍ନା ଗେଟରେ 'ଆମ୍ବେଦକର' ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ଶାସକ ଏବଂ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଠେଲା ପେଲା ହେବାରୁ ପ୍ରତାପଙ୍କ ଉପରେ ମୁକେଶ ପଡ଼ି ଯାଇଥିଲେ। ପ୍ରତାପଙ୍କୁ ରକ୍ତାକ୍ତ ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ୫ଟି ଷ୍ଟିଚ୍ ପଡ଼ିଥିଲା। ସେ ୫ ଦିନ ଆଇସିୟୁରେ ରହିବା ପରେ ତାଙ୍କୁ ଡିସଚାର୍ଜ କରାଯାଇଛି। ଘରୋଇ ହସ୍ପିଟାଲରେ ଚିକିତ୍ସାରେ ରହି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନିରୀକ୍ଷଣ କରାଯିବ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେମାନଙ୍କୁ ହସ୍ପିଟାଲରୁ ଡିସ୍ଚାର୍ଜ କରାଯିବ ବୋଲି ଆରଏମଏଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

## ରାଷ୍ଟ୍ରପତି ଅସଦଙ୍କୁ ଛାଡ଼ପତ୍ର ଦେବେ ପତ୍ନୀ ଆସ୍ମା



ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ବିଦ୍ରୋହୀ ଗୋଷ୍ଠୀ ସିରିଆ କ୍ଷମତା ଦଖଲ କରିବା ପରେ ରାଷ୍ଟ୍ରପତି ବସର ଅଲ-ଅସଦ ନିଜ ଦେଶ ଛାଡି ଋଷକୁ ପଳାୟନ କରିଛନ୍ତି। ରୁଷ ମଧ୍ୟ ତାଙ୍କୁ ରାଜନୈତିକ ଆଶ୍ରୟ ଦେଇସାରିଛି। କିନ୍ତୁ ଏବେ ବି ସିରିଆରେ ସ୍ଥିତି ଉଦବେଗଜନକ ରହିଛି। ଏଭଳି ସ୍ଥିତିରେ ଅସଦଙ୍କ ବ୍ରିଟିଶ ପତ୍ନୀ ଅସ୍ମା ଅଲ-ଅସଦ ତାଙ୍କୁ ଛାଡ଼ପତ୍ର ଦେବାକୁ ପ୍ରସ୍ତୁତି ନେଇଛନ୍ତି। ଅସ୍ମା ରୁଷିଆର ଏକ ଅଦାଲତରେ ଅସଦଙ୍କୁ ଛାଡ଼ପତ୍ର ଦେବା ଲାଗି ଆବେଦନ କରିଥିବା ଜଣାପଡିଛି। ଆନ୍ତର୍ଜାତିକ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଅସ୍ମା ମସ୍କୋରେ ରହି ଖୁସି ନାହାନ୍ତି। ସେ ଲଣ୍ଡନ ଯିବାକୁ ଚାହୁଁଛନ୍ତି। ତେଣୁ ସେ ଅସଦଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁଥିବା କହିଥିବା ବେଳେ ତାଙ୍କ ଆବେଦନକୁ ରୁଷୀୟ ଅଦାଲତ ବିଚାର କରୁଥିବା କୁହାଯାଇଛି। ଅସ୍ମାଙ୍କ ନିକଟରେ ଉଭୟ ବ୍ରିଟେନ ଏବଂ ସିରିଆର ନାଗରିକତ୍ୱ ରହିଛି। ହେଲେ ଅସ୍ମାଙ୍କ ବିରୋଧରେ ପ୍ରତିବନ୍ଧକ ଲଗାଯାଇଥିବାରୁ ତାଙ୍କ ଆବେଦନକୁ ନେଇ ବିଚାର କରାଯାଉଥିବା କୁହାଯାଇଛି।

# ନିର୍ବାଚନ ପୂର୍ବରୁ ଆପ୍-ବିଜେପି ରାଜନୀତି ଜୋର୍

ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ପାଖେଇ ଆସୁଛି । ଏହାକୁ ନେଇ ରାଜନୈତିକ ଉଷ୍ମତା ବଢିବାରେ ଲାଗିଛି। କିନ୍ତୁ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେପି ଏବଂ ଶାସକ ଆମ ଆଦମୀ ପାର୍ଟି (ଆପ୍) ମଧ୍ୟରେ ରାଜନୀତି ସେତିକି ବଢିବାରେ ଲାଗିଥିବା ଦେଖାଯାଉଛି। ଆପ୍ ସବୁ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିଲା ବେଳେ ବିଜେପି ଏଯାବତ କୌଣସି ଘୋଷଣା କରିନାହିଁ। କିନ୍ତୁ ଦଳ ସୋମବାର ଆପ୍ ବିରୋଧରେ 'ଚାର୍ଜସିଟ୍' ନାମରେ ' ଆରୋପ ପତ୍ର' ବାଣ୍ଟିଛି। ଏହି ପୁସ୍ତିକାରେ ବିଜେପି ଦିଲ୍ଲୀ ପ୍ରଦୂଷଣ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଆପ୍ ସରକାର ଦ୍ୱାରା ହୋଇଥିବା ଘୋଟାଲା ସମ୍ପର୍କରେ ଉଲ୍ଲେଖ କରିଛି। ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା ଏବଂ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ଉପସ୍ଥିତିରେ ଏହି ପୁସ୍ତିକା ଉନ୍ମୋଚନ କରାଯାଇଛି। ଦିଲ୍ଲୀ ବାୟୁମଣ୍ଡଳ ଏବଂ ଯମୁନା ନଦୀ ପ୍ରଦୂଷଣ ସହିତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଘୋଟାଲା ସମ୍ପର୍କରେ ଏହି ପୁସ୍ତିକାରେ ଉଲ୍ଲେଖ କରି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ





**ଆପ୍ ବିରୋଧରେ ବିଜେପି ବାଣ୍ଟିଲା 'ଆରୋପ ପତ୍ର'**

**ମୋତେ ଗାଳି ଦେବା ବ୍ୟତୀତ ଦିଲ୍ଲୀ ପାଇଁ ବିଜେପିର କିଛି ଯୋଜନା ନାହିଁ: କେଜ୍ରିୱାଲ**

ବର୍ଷିଛି। କେଜ୍ରିୱାଲ ୧୦ ବର୍ଷ ତଳେ ଯମୁନା ସଫେଇ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୦ ବର୍ଷ ପରେ ମଧ୍ୟ ଏହା ସମ୍ଭବ ହୋଇନାହିଁ। ବରଂ ଯମୁନା ଜଳ ବେଳକୁ ବେଳ ଆହୁରି ଖରାପ ହୋଇପଡ଼ିଛି। ଏଥିପାଇଁ ସେ ସମ୍ପୂର୍ଣ୍ଣ ଭାବେ ଦାୟୀ ଏବଂ ସେ ନିଜେ ଯାଇ ଯମୁନାରେ ବୁଡ଼ ପକାଇବା ଦରକାର ବୋଲି ଅନୁରାଗ ଠାକୁର କହିଛନ୍ତି। କେବଳ ଯମୁନା ସଫେଇ ନୁହେଁ, ଦିଲ୍ଲୀରେ ପିଲାଙ୍କ ପାଇଁ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି ୨୪ ଘଣ୍ଟିଆ ପାନୀୟ ଜଳ,ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ମଧ୍ୟ ଆପ୍ ସରକାର ବଡ଼ ବଡ଼ କଥା କହିଥିଲେ। ହେଲେ ଏସବୁ ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଛି। ଏବେ ବି ୨ ଲକ୍ଷ ପିଲା ଉତ୍ତମ ଶିକ୍ଷାରୁ ବଞ୍ଚିତ ହୋଇଥିଲା ବେଳେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଲୋକଙ୍କୁ ପାନୀୟ ଜଳ ଉପଲବ୍ଧ ହୋଇପାରୁ ନାହିଁ। ଆଉ ପ୍ରଦୂଷଣ ସ୍ଥିତି ଯେଭଳି ରହିଛି ତାହା ନ କହିଲେ ଭଲ ବୋଲି ଶ୍ରୀ ଠାକୁର କହିଛନ୍ତି। ବିଜେପିର ଏଭଳି ନିଶାଣକୁ ନେଇ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ବିଜେପିକୁ ଶକ୍ତ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ, ଦଳ ଦିଲ୍ଲୀବାସୀଙ୍କ ପାଇଁ କ'ଣ କରିଛି ତାହା ଜନତା ଅନୁଭବ କରୁଛନ୍ତି। କିନ୍ତୁ ମୋତେ ଗାଳି ଦେବା ବ୍ୟତୀତ ବିଜେପିର ଅନ୍ୟ କୌଣସି ଯୋଜନା ନାହିଁ। ବର୍ତ୍ତମାନ ସୁଦ୍ଧା ଯେଉଁ ଦଳ ପ୍ରାର୍ଥୀ ଘୋଷଣା କରିପାରି ନାହିଁ ଏବଂ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ କରି ନାହିଁ, ସେ ଦଳ ଦିଲ୍ଲୀବାସୀଙ୍କ ପାଇଁ କ'ଣ ଯୋଜନା କରିଥିବା ତାହା ଦିଲ୍ଲୀବାସୀ ହୃଦୟଙ୍ଗମ କରିପାରୁଥିବେ। କେବଳ କେଜ୍ରିୱାଲଙ୍କୁ କିଭଳି ଗାଳି ଦିଆଯାଇପାରିବ ତାହା ଏହି ଦଳ ଭଲଭାବେ ଜାଣିଛି ବୋଲି ଆପ୍ ମୁଖ୍ୟ କହିଛନ୍ତି।

## ହନୁମାନ ମୂର୍ତ୍ତି ଭଙ୍ଗାକୁ ନେଇ ବଡ଼ବିଲରେ ଉତ୍ତେଜନା

**ବଡ଼ବିଲ,୨୩।୧୨(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ବସ୍ତିରେ ଥିବା ବହୁ ପୁରାତନ ହନୁମାନ ମନ୍ଦିରର ବିଗ୍ରହକୁ କେହି ଦୁର୍ବୃତ୍ତ ଗତକାଲି ରାତିରେ ଭାଙ୍ଗି ଦେଇଛି। ଆଜି ସକାଳୁ ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଦୋକାନ ବଜାର ବନ୍ଦ କରିବା ସହ ଟାୟାର୍ ଜାଳି ସହରର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ସ୍ଥିତି କ୍ରମଶଃ ଜଟିଳ ହେବାରୁ ପୁଲିସ୍ ଫୋର୍ସ ସହ କେନ୍ଦୁଝରର ଏସ୍‌ପି କୁସାଲକର ନିତିନ ଡାଗଡୁ ବଡ଼ବିଲରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା



**ଟାୟାର ଜାଳି ରାସ୍ତା ଅବରୋଧ; ଜଣେ ଗିରଫ**

ସହ ସ୍ଥିତି ଉପରେ ନଜର ରଖିଥିଲେ। ତେବେ ସନ୍ଧ୍ୟାରେ ଏହି ଘଟଣାରେ ପୁଲିସ୍ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ବଳବୀର ସିଂ ଓ ସେ ବଡ଼ବିଲ ନ୍ୟୁ-ମାର୍କେଟ୍ ଅଞ୍ଚଳର ବୋଲି ଜଣାଯାଇଛି। ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ଆଉ କେଉଁ କେଉଁମାନଙ୍କ ସଂପୃକ୍ତି ରହିଛି, ସେ ନେଇ ପୁଲିସ୍ ତନାଘନା ଚଳାଇଛି। ପୁଲିସ୍ ସୂଚନାନୁଯାୟୀ, ବଳବୀର ଜଣେ ପେସାଦାର ଚୋର। ତା' ନାମରେ ୭/୮ଟି ଚୋରି ମାମଲା ରହିଛି।

ସୂଚନା ମୁତାବକ, ଏହି ଅଞ୍ଚଳରେ ଦୀର୍ଘ ବର୍ଷ ହେବ ହନୁମାନ ପୂଜା ପାଇ ଆସୁଥିଲେ। ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା। ଗତକାଲି ରାତିରେ କେହି ଦୁର୍ବୃତ୍ତ ମନ୍ଦିରରେ ପଶି ମୂର୍ତ୍ତିକୁ ଭାଙ୍ଗି ତଳେ ପକାଇ ଦେଇଥିଲା। ଆଜି ସାହିଲୋକ ଏହା ଦେଖିବା ପରେ ପୁଲିସ୍‌କୁ ଖବର ଦେଇଥିଲେ। ପରେ ଖବର ପ୍ରଚାରିତ ହୋଇଯିବାରୁ ସହରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସହରର ଗଳିକନ୍ଦିରେ ଲୋକମାନେ ଏହି ଘଟଣାର ବିରୋଧ ପ୍ରଦର୍ଶନ କରିଥଲେ। ଦୋକାନ ବଜାର ବନ୍ଦ କରି ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରାଯାଇଥିଲା। ବିକ୍ଷୋଭ ଯୋଗୁଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ, ଥାନା ଅଧିକାରୀ ରମାକାନ୍ତ ମୁଦୁଲି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲେ। ଭାଙ୍ଗି ଯାଇଥିବା ମୂର୍ତ୍ତିକୁ ଥାନାକୁ ନିଆଯାଇଛି। ପରେ ଏସ୍‌ପି ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିବା ସହ ଖୁବ୍‌ଶୀଘ୍ର ଦୋଷୀମାନଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍

**ବ୍ରହ୍ମପୁର,୨୩।୧୨(ସମିସ):** ବ୍ରହ୍ମପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ ଆଜି ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଅନିଲ କୁମାର ସାହୁ(୨୭)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୯ ହଜାର ଟଙ୍କା ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧୦ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଆସ୍କା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ୨୦୨୧ ମସିହାରେ ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ରହୁଥିଲେ। ଅନିଲ ତାଙ୍କୁ ଏକ ଗାଡ଼ିରେ ଅପହରଣ କରି ହାଇଦ୍ରାବାଦକୁ ନେଇଯାଇଥିଲା। ସେଠାରେ ଏକ ମନ୍ଦିରରେ ସେ ନାବାଳିକାଙ୍କୁ ବିବାହ କରିବା ସହ ଏକ ଆପାର୍ଟମେଣ୍ଟରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା। ତେବେ ନାବାଳିକାଜଣକ ଦୁଇମାସର ଗର୍ଭବତୀ ହେବା ଜାଣିବା ପରେ ଅନିଲ ତାଙ୍କୁ ଗାଡ଼ିରେ ଆଣି ବିଜୟୱାଡାରେ ଛାଡ଼ି ଦେଇ ଚାଲିଯାଇଥିଲା। ପରେ ପୀଡ଼ିତାଜଣଙ୍କ ଗାଁକୁ ଫେରି ଏନେଇ ଆସ୍କା ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ଅନିଲକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ପଞ୍ଚମ, ଅଷ୍ଟମରୁ ଉଠିଲା 'ସମସ୍ତେ ପାସ୍'

**ଭୁବନେଶ୍ୱର, ୨୩।୧୨(ସମିସ):** ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ପ୍ରଚଳିତ ସମସ୍ତେ ପାସ୍ ବ୍ୟବସ୍ଥାକୁ କେନ୍ଦ୍ର ସରକାର ଉଠାଇ ଦେଇଛନ୍ତି। ଫଳରେ ଏଣିକି ଉପରୋକ୍ତ ଦୁଇ ଶ୍ରେଣୀରେ ଫେଲ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ସେମାନଙ୍କୁ ପାସ୍ କରିବାକୁ ଆଉ ଏକ ସୁଯୋଗ ଦିଆଯିବ। ୨ ମାସ ମଧ୍ୟରେ ସେମାନେ ଆଉ ଏକ ପରୀକ୍ଷା ଦେବେ। ଏହି ସମୟରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି କରାଯିବ। ଏହା ପରେ ମଧ୍ୟ ବାର୍ଷିକ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ନିୟମରେ ପରିବର୍ତ୍ତନ କରାଯାଇଥିବା ସେ କହିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ତିନି ହଜାରରୁ ଅଧିକ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ସୈନିକ ସ୍କୁଲରେ ଲାଗୁ ହେଉଥିବା ଶିକ୍ଷା ମନ୍ତ୍ରାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ୧୬ଟି ରାଜ୍ୟ ଓ ଦିଲ୍ଲୀ ସମେତ ୨ଟି କେନ୍ଦ୍ର ଶାସିତ ଅଞ୍ଚଳ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ନିୟମକୁ ଲାଗୁ କରି ସାରିଛନ୍ତି।

ସୂଚନାଯୋଗ୍ୟ, ୨୦୦୯ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ଥିବା 'ନୋ ଡିଟେନ୍‌ସନ୍ ପଲିସି' ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ବା

- 'ନୋ ଡିଟେନ୍‌ସନ୍ ପଲିସି'କୁ ହଟାଇଲେ କେନ୍ଦ୍ର ସରକାର
- ୨ ମାସରେ ପାସ୍ କରିବାକୁ ମିଳିବ ଆଉ ଗୋଟିଏ ସୁଯୋଗ
- ଅଷ୍ଟମ ଯାଏଁ କାହାକୁ ବିଦ୍ୟାଳୟରୁ ବାହାର କରାଯିବ ନାହିଁ

ହୋଇ ନପାରିଲେ ସେମାନଙ୍କୁ ଫେଲ୍ କରାଯିବ। ସେହି ଶ୍ରେଣୀରେ ରହି ଆଉ ବର୍ଷେ ପଢ଼ିବେ। ବିଦ୍ୟାଳୟ ଶିକ୍ଷାରୁ 'ନୋ ଡିଟେନ୍‌ସନ୍ ପଲିସି'କୁ ସୋମବାର କେନ୍ଦ୍ର ସରକାର ହଟେଇ ଦେଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ସଚିବ ସଞ୍ଜୟ କୁମାର କହି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ସମସ୍ତ ପ୍ରକାର ପ୍ରୟାସ କରିବା ପରେ ଯଦି ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବାକୁ ପଡୁଛି ତେବେ ଫେଲ କରାଯିବ। କିନ୍ତୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରୁ ବାହାର କରାଯିବନାହିଁ। ରାଷ୍ଟ୍ରୀୟ ଶିକ୍ଷା ନୀତି ଆଧାରରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଗୁଣାତ୍ମକ ବିକାଶ କରିବାକୁ ଏବଂ କୌଣସି କାରଣବଶତଃ ପାଠ ପଢ଼ାରେ ସେତେଟା ଭଲ ନ ଥିବା ଛାତ୍ରଛାତ୍ରୀଙ୍କୁ ବିଶେଷ ଧ୍ୟାନ ଦେବାପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ନ ସରିବା ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀଙ୍କୁ ଫେଲ କିମ୍ବା ବିଦ୍ୟାଳୟରୁ ବାହାର ନ କରିବାକୁ ପ୍ରାବଧାନ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲା ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉଥିଲେ। ଯାହାକୁ କେନ୍ଦ୍ର ସରକାର ଉଚ୍ଛେଦ କରିଛନ୍ତି। ଏହି ନିୟମ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ମଧ୍ୟ ଅଧିକ ଯତ୍ନଶୀଳ ହେବାକୁ ବାଧ୍ୟ କରିବ। ଫଳରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଛାତ୍ରଛାତ୍ରୀଙ୍କୁ ଉପାଦେୟ ହେବ ବୋଲି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ ର ଅଧ୍ୟକ୍ଷ ଆଦିତ୍ୟ କୁମାର ପଣ୍ଡା କହିଛନ୍ତି। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇବ। ଦଶମ ଶ୍ରେଣୀ ପରୀକ୍ଷା ପୂର୍ବରୁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ ବୋଲି ସେ କହିଛନ୍ତି।

- ଶତାୟୁ ବ୍ୟକ୍ତିଙ୍କୁ ହାଇକୋର୍ଟରୁ ମିଳିଲା ନ୍ୟାୟ

## ମାସକ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ପେନସନ ଓ ବକେୟା ଦିଅ

**କଟକ,୨୩।୧୨(ସମିସ):** ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ଜେଲ ଯାଇଥିବା ଜଣେ ସଂଗ୍ରାମୀଙ୍କୁ ଶେଷରେ ହାଇକୋର୍ଟରୁ ମିଳିଛି ନ୍ୟାୟ। ସଂଗ୍ରାମୀ ଜଣଙ୍କର ବୟସ ଏବେ ୧୦୦ବର୍ଷ ଛୁଇଁଥିବା ବେଳେ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ପେନସନ୍ ସହ ଆବେଦନ ଦିନଠାରୁ ସମସ୍ତ ବକେୟା ରାଶିକୁ ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଚକ୍ରଧର ପ୍ରଧାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ଭାବେ ପେନସନ୍ ପାଇବା ପାଇଁ ଆବେଦନକାରୀଙ୍କ ଦାବି ଗ୍ରହଣୀୟ ବୋଲି କହିଛନ୍ତି ହାଇକୋର୍ଟ।

ଆବେଦନକାରୀ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ଗତ ୧୯୪୨ ସେପ୍ଟେମ୍ବର ୧ରୁ ୧୯୪୩ ଅକ୍ଟୋବର ୫ ପର୍ଯ୍ୟନ୍ତ ବାରିପଦା ସର୍କଲ ଜେଲରେ ବନ୍ଦୀ ଥିଲେ। ଦେଶର ସ୍ୱାଧୀନତା ପରେ ଭାରତ ସରକାର ସ୍ୱାଧୀନତା ସଂଗ୍ରାମୀ ପେନସନ୍ ଯୋଜନା ୧୯୭୨ ଓ ସ୍ୱତନ୍ତ୍ର ସୈନିକ ସମ୍ମାନ ଯୋଜନା ୧୯୮୦ ପ୍ରଣୟନ କରିଥିଲେ। ଏହି ଯୋଜନା ଆଧାରରେ ପେନସନ୍ ପାଇବା ପାଇଁ ଆବେଦନକାରୀ ୧୯୮୮ ଜୁଲାଇ ୨୨ରେ ଏକ ସତ୍ୟପାଠ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ମୁଖ୍ୟମନ୍ତ୍ରୀଙ୍କୁ ପେନସନ୍ ପାଇଁ ଦାବି ଜଣାଇଥିଲେ। ୨୦୧୩ରେ ସେ ବଡ଼ସାହି ବ୍ଲକ୍ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ୧୧ବର୍ଷ ପରେ ଅଦାଲତ ଅନ୍ୟ ଜଣେ ସହ ବନ୍ଦୀଙ୍କ ସତ୍ୟପାଠ ଓ ସ୍ଥାନୀୟ ଅଞ୍ଚଳରେ ସଂଗ୍ରାମୀ ପରିଚୟ ଥିବା ଆଧାରରେ ପେନସନ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୋଟ ବ୍ୟବଧାନକୁ...

ନିର୍ବାଚନ କମିସନଙ୍କୁ ଭେଟି ଉଦ୍‌ବେଗ ଜଣାଇବା ସହିତ ସମସ୍ତ ତଥ୍ୟ ସମ୍ବଳିତ ଦାବିପତ୍ର ଦେଇଛି।

ଡ. ପଟ୍ଟନାୟକ କହିଲେ, ନିର୍ବାଚନ ପରେ ଆମେ ଏହାର ବିଭିନ୍ନ ଦିଗକୁ ନେଇ ତର୍ଜମା କରିବା ପରେ ଚକିତ କରିବା ଭଳି ତଥ୍ୟ ପାଇଥିଲୁ। ଭୋଟ ଗ୍ରହଣରେ ସାମିଲ କିଛି ବୁଥ।।ଏହି ଭୋଟ ତାରତମ୍ୟ ସାମ୍ନାକୁ ଆସିଥିଲା। ଉଦାହରଣ ସ୍ୱରୂପ ଫୁଲବାଣୀ ବିଧାନସଭା ଆସନ ବୁଥ ନମ୍ବର-୫୭ରେ ଫର୍ମ ୧୭(ସି) ଓ ଫର୍ମ ୨୦ ଭିତରେ ଭୋଟ ତାରତମ୍ୟ ହେଉଛି ୬୮୨ ଖଣ୍ଡ ଭୋଟ। ସେହିପରି ତଳସରା ବିଧାନସଭା ଆସନ ବୁଥ ନମ୍ବର-୧୬୫ ଓ ୨୧୯ରେ ହୋଇଥିବା ମତଦାନରେ ବଡ଼ ବ୍ୟବଧାନ ରହିଛି। ଫର୍ମ ୧୭(ସି) ଓ ଫର୍ମ ୨୦ ମଧ୍ୟରେ ତାରତମ୍ୟ ହେଉଛି ୬୬୦ ଓ ୭୮୪ ଖଣ୍ଡ ଭୋଟ। ଠିକ୍ ସେହିପରି ଏକାମ୍ର ଭୁବନେଶ୍ୱର ବିଧାନସଭା ଆସନ ବୁଥ ନମ୍ବର-୦୩ରେ, ଫର୍ମ ୧୭(ସି) ଓ ଫର୍ମ ୨୦ ମଧ୍ୟରେ ୪୨ ଖଣ୍ଡ ଭୋଟ ପାର୍ଥକ୍ୟ ରହିଥିଲା। ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳିର ବୁଥ ନମ୍ବର-୨୦୦, ସମ୍ବଲପୁର ବିଧାନସଭା ଆସନ ବୁଥ ନମ୍ବର-୧୭, ବାଲେଶ୍ୱର ବିଧାନସଭା ଆସନ ବୁଥ ନମ୍ବର-୩୮ ରେ ମଧ୍ୟ ତାରତମ୍ୟ ଦେଖାଯାଇଛି।

ତେବେ ସବୁଠାରୁ ଚମକାଇ ଦେଲାଭଳି ତଥ୍ୟ ମିଳିଛି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରତିଦ୍ୱନ୍ଦ୍ୱିତା କରିଥିବା କେନ୍ଦୁଝର ବିଧାନସଭା ନିର୍ବାଚନମଣ୍ଡଳୀରୁ। ଭୋଟିଂ ସରିବା ପରେ ମତଦାନ ହାର ସଂପର୍କରେ ସନ୍ଧ୍ୟା ବେଳେ ଦିଆଯାଇଥିବା ତଥ୍ୟ ଏବଂ ରାତି ୧୧ଟା ୪୫ ମିନିଟରେ ଦିଆଯାଇଥିବା ଚୂଡ଼ାନ୍ତ ତଥ୍ୟ ଭିତରେ ୩୦.୬୪ ପ୍ରତିଶତର ଭୋଟ୍ ବ୍ୟବଧାନ ଥିଲା। ପୁଣି ନିର୍ବାଚନର ଦୁଇ ଦିନ ପରେ କମିସନ ପକ୍ଷରୁ ପ୍ରକାଶିତ ତଥ୍ୟ ଏବଂ ଚୂଡ଼ାନ୍ତ ମତଦାନ ହାର ମଧ୍ୟରେ ୧୦ ଭାଗର ବ୍ୟବଧାନ ଥିଲା। ଏହା କିପରି ସମ୍ଭବ? ସେହିପରି କନ୍ଧମାଳରେ ମଧ୍ୟ ୨୮.୬୯ ଭାଗର ବ୍ୟବଧାନ ପରିଲକ୍ଷିତ ହୋଇଛି।

ଭୋଟ ଦିନର ମତଦାନ ହାର ସୂଚନା ଓ ପରବର୍ତ୍ତୀ ଅପଡେଟ୍ ମଧ୍ୟରେ ପାର୍ଥକ୍ୟ ଅତିବେଶିରେ ୦.୫ ପ୍ରତିଶତରୁ ୧.୫ ପ୍ରତିଶତ ମଧ୍ୟରେ ରହିବା କଥା। ଏହାପୂର୍ବରୁ ୨୦୦୪, ୨୦୦୯, ୨୦୧୪, ୨୦୧୯ରେ ଏହି ତାରତମ୍ୟ ୦.୫ରୁ ୧.୫ ପ୍ରତିଶତ ମଧ୍ୟରେ ସୀମିତ ରହିଥିଲା। କିନ୍ତୁ ଚଳିତ ଥର, ସମ୍ଭବତଃ ଇତିହାସରେ ପ୍ରଥମ ଥର ପାଇଁ ୫୦ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ତାରତମ୍ୟ ହାର ୧୫ରୁ ୩୦ ପ୍ରତିଶତ ରହିଛି। ୩୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ବ୍ୟବଧାନ ୧୫ରୁ ୨୦ ପ୍ରତିଶତ ଥିବା ବେଳେ ୧୦ଟିରେ ୨୦ରୁ ୨୫ ଭାଗ ରହିଛି। କେନ୍ଦୁଝରରେ ସର୍ବାଧିକ ୩୦.୬୪ ଭାଗ ଥିବା ବେଳେ ଏହାପଛକୁ ରହିଛି କନ୍ଧମାଳ (୨୮.୬୯ ଭାଗ)। ଲୋକସଭା ଆସନରେ ବି ସମାନ ଅବସ୍ଥା। କନ୍ଧମାଳ, ଢେଙ୍କାନାଳ, ବଲାଙ୍ଗିର ଭଳି ଲୋକସଭା କ୍ଷେତ୍ରରେ ଭୋଟ ତାରତମ୍ୟ ୨ ହଜାରରୁ ୪ ହଜାର ମଧ୍ୟରେ ଅଛି।

ସୂଚନାଯୋଗ୍ୟ ଯେ ବୁଥ୍‌ରେ ମତଦାନ ଶେଷ ହେବାପରେ ଭୋଟ୍ ସଂଖ୍ୟା ସଂପର୍କରେ ପ୍ରିଜାଇଡିଂ ଅଫିସର ଫର୍ମ ୧୭ (ସି)ରେ ତଥ୍ୟ ଦିଅନ୍ତି। ସେହିଭଳି ରିଟର୍ଣ୍ଣିଂ ଅଫିସର ଫର୍ମ-୨୦ ମାଧ୍ୟମରେ ମଧ୍ୟ ତଥ୍ୟ ଦିଅନ୍ତି। ଭୋଟ ସଂଖ୍ୟାକୁ ନେଇ ସେମାନଙ୍କ ରିପୋର୍ଟରେ ତଥ୍ୟ ସମାନ୍ ରହିବା କଥା। କିନ୍ତୁ ଏଥର ଏଥିରେ ବଡ଼ ଧରଣର ବିଭ୍ରାଟ ଦେଖାଦେଇଛି। ଏଭଳି ସ୍ଥିତି।।ରେ ଗଣତନ୍ତ୍ରର ସ୍ତମ୍ଭ କୁହାଯାଉଥିବା ନିର୍ବାଚନ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଥିପାଇଁ ଦାୟୀ କିଏ? ଇଭିଏମ୍ ନା କର୍ମଚାରୀ ନା ବ୍ୟବସ୍ଥା ? ନିର୍ବାଚନ ଆୟୋଗ ଏହା ଉପରେ ସ୍ପଷ୍ଟୀକରଣ ରଖିବା ଆବଶ୍ୟକ ବୋଲି ଡ. ପଟ୍ଟନାୟକ କହିଛନ୍ତି। କାରଣ ଏଭଳି ତାରତମ୍ୟ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ନିର୍ବାଚନ କମିସନଙ୍କୁ ଭେଟିଥିବା ଏହି ପ୍ରତିନିଧି ଦଳରେ ବିଜେଡିର ସମସ୍ତ ସାତ ଜଣ ରାଜ୍ୟସଭା ସାଂସଦ ସୁଲତା ଦେଓ, ଦେବାଶିଷ ସାମନ୍ତରାୟ, ମାନସ ରଞ୍ଜନ ମଙ୍ଗରାଜ, ଶୁଭାଶିଷ ଖୁଣ୍ଟିଆ, ମୁନା ଖାଁ, ନିରଞ୍ଜନ ବିଶି, ଡ. ସସ୍ମିତ ପାତ୍ର ସାମିଲ ଥିଲେ।

## ଗୁଲିଖଟିର ଆଳଙ୍କାରିକ...

ଉପରେ ଜୀବନୀ ଲେଖାଗଲେ ବହୁତ ଗଭୀରତାକୁ ଯାଇ ତଥ୍ୟ ସଂଗ୍ରହ କରିବାକୁ ପଡ଼େ, ବହୁ ଲୋକଙ୍କ ମତାମତ ନେବାକୁ ପଡ଼େ। କିନ୍ତୁ ଏସବୁ ସଂଜ୍ଞାକୁ ଆଦୌ ପାଳନ କରି ନ ଥିବା ରୁବେନ ବାନାର୍ଜୀ ପୂରା ଆତ୍ମବିଶ୍ୱାସର ସହ ନିଜ ପୁସ୍ତକରେ କାହାଣୀ ପରେ କାହାଣୀ ଲେଖିଦେଲେ। ତାହା ଖଟିରେ ଗୁଲିଗପ କିମ୍ବା ତାସ୍ ଖେଳ ଆଲୋଚନାକୁ ନେଇ ପୁସ୍ତକ ରଚନା କରାଯାଏ ନାହିଁ। ବହୁ ବର୍ଷ ହେଲା ରୁବେନ ବାନାର୍ଜୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନାହାନ୍ତି କିମ୍ବା ସାକ୍ଷାତକାର ନେଇ ନାହାନ୍ତି। ସେ ଓଡିଆ କିମ୍ବା ଓଡିଶାର ଲୋକ ନୁହନ୍ତି। କିନ୍ତୁ ସେ ନିଜ ପୁସ୍ତକରେ ଦାବି କରିପାରୁଛନ୍ତି ଯେ ସତେ ଯେପରି ସେ ଗତ କିଛି ବର୍ଷ ହେଲା ନବୀନ ନିବାସକୁ ନିତିଦିନ ଯିବା ଆସିବା କରୁଥିଲେ। ନବୀନ ବିରୋଧୀଙ୍କ ଦ୍ୱାରା ସେ ପ୍ରଭାବିତ ହୋଇ ଏହି ପୁସ୍ତକ ଲେଖିଛନ୍ତି। ରୁବେନଙ୍କୁ ଅଣ୍ଡିରି ପୁଅ ଉଦ୍ଧବ ବୋଲି କଟାକ୍ଷ କରି ଅରୁଣ କହିଛନ୍ତି, ସତ୍‌ସାହସ ଥିଲେ ସେ ବିଜେପିର ୪ଶହ ପାର୍ ସ୍ଲୋଗାନ ଉପରେ ବହି ଲେଖନ୍ତୁ। ଡଃ ସାହୁ ଆହୁରି କହିଛନ୍ତି, ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ ନ କରି କିମ୍ବା କଥା ନ ହୋଇ ତାଙ୍କ ବିରୋଧୀଙ୍କ ମତକୁ ନେଇ ସେ କେବଳ ବହି ଲେଖିଛନ୍ତି। ନିର୍ବାଚନ ବେଳେ ମଧ୍ୟ ରୁବେନ ଜଣେ ସାମ୍ବାଦିକ ଭଳି ନୁହେଁ; ବରଂ ବିରୋଧୀ ଦଳ ନେତାଙ୍କ ଭଳି ବ୍ୟବହାର କରୁଥିଲେ। ଜଣଙ୍କ ସମ୍ପର୍କରେ ଲେଖିବା ବେଳେ ସୌଜନ୍ୟମୂଳକ ଭାବେ ତାଙ୍କ ସାକ୍ଷାତକାର ନେବାର ଥିଲା। କିନ୍ତୁ ସେ ସେମିତି କିଛି ନ କରି କେବଳ ନିଜ ମତାମତ ବହିରେ ରଖିଛନ୍ତି। ଚା'ଖଟି, ଗୁଲିଖଟି କଥାକୁ ନେଇ ବହି ଲେଖିଛନ୍ତି ବୋଲି ଅରୁଣ ସାହୁ କହିଛନ୍ତି। ଏହା ସହିତ ଏପରି ବହି ପାଇଁ ରୁବେନ ବାନାର୍ଜୀଙ୍କ ଓଡ଼ିଶାବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ଡଃ ସାହୁ କହିଛନ୍ତି।

## ନବୀନଙ୍କ ବିତ୍ତୀୟ...

ସଂସ୍କାର ପଦକ୍ଷେପ ରାଜ୍ୟର ଅର୍ଥନୀତିରେ ଆଣିଲା ନୂଆ ମୋଡ। ଯାହା ଫଳରେ ଏକ ସମୟରେ ଆର୍ଥିକ ନିଅଣ୍ଟିଆ ରାଜ୍ୟ ଭାବେ ପରିଚିତ ଥିବା ଓଡ଼ିଶା ରାଜସ୍ୱ ଦୃଷ୍ଟିରୁ ବଳକା ରାଜ୍ୟରେ ପରିଣତ ହୋଇପାରିଛି।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ 'ରାଜ୍ୟ ଆର୍ଥିକ ସ୍ଥିତି:ବଜେଟ ୨୦୨୪-୨୫ ଏକ ବିଶ୍ଳେଷଣ' ସମ୍ପର୍କିତ ରିପୋର୍ଟରେ କୁହାଯାଇଛି ଯେ, ୨୦୦୦ ମସିହାରେ ଓଡ଼ିଶାର ଆର୍ଥିକ ସ୍ଥିତି ବେଶ ଚାପଗ୍ରସ୍ତ ଥିଲା। ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଓଡ଼ିଶାର ଏହି ସ୍ୱର୍ଣ୍ଣିମ ଯାତ୍ରାକୁ ୪ ଭାଗ ଯଥା ୨୦୦୧-୦୫ ଉଚ୍ଚ ଋଣର ଯୁଗ, ୨୦୦୬-୧୪ଉତ୍ତମ ବିତ୍ତୀୟ ନୀତି ଜରିଆରେ ଋଣ ଏକତ୍ରୀକରଣ, ୨୦୧୫-୨୦ ପୁଞ୍ଜି ବ୍ୟୟକୁ ଅଗ୍ରାଧିକାର ଏବଂ ୨୦୨୧-୨୪ ମହାମାରୀଠାରୁ ବର୍ତ୍ତମାନ ପର୍ଯ୍ୟନ୍ତରେ ବିଭକ୍ତ କରାଯାଇଛି। ୨୦୦୧-୦୫ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଆର୍ଥିକ ସ୍ଥିତି ଏଭଳି ଥିଲା ଯେଉଁଥିରେ କର୍ମଚାରୀଙ୍କ ବେତନ ଦେବା, ପେନ୍ସନ୍ ବିଲ୍, ରାଜ୍ୟ ପିଏସ୍ୟୁଗୁଡିକରେ ଘୋର କ୍ଷତି, ଅତ୍ୟଧିକ ସବ୍ସିଡି ଏବଂ କମ୍ ଋଣ ଆଦାୟ ରାଜ୍ୟକୁ ଏକ ଆର୍ଥିକ ଦୁର୍ଗତି ଆଡକୁ ଠେଲି ଦେଇଥିଲା। ୨୦୦୨-୦୩ରେ ରାଜ୍ୟ ଜିଡିପିକୁ ଓଡ଼ିଶାର ଋଣ ଅନୁପାତ ୫୭.୩ ପ୍ରତିଶତ ରହିଥିବାବେଳେ ଦେଶର ସମସ୍ତ ରାଜ୍ୟ କ୍ଷେତ୍ରରେ ଏହା ହାରାହାରି ୩୨.୧ % ରହିଥିଲା। ତେବେ ଜାତୀୟ ହାର ତୁଳନାରେ ଓଡ଼ିଶାର ଋଣ ଜିଡିପି ଅନୁପାତ ଏଭଳି ଉଚ୍ଚ ସ୍ତରରେ ରହିଥିଲା। ଏହି ସମୟରେ ରାଜସ୍ୱ ଆୟ ତୁଳନାରେ ରାଜ୍ୟର ସୁଧ ପୈଠ ଅନୁପାତ ୩୪.୨ ପ୍ରତିଶତ ରହିଥିଲା। ଅର୍ଥାତ୍ ପ୍ରତି ୧୦୦ ଟଙ୍କା ଆୟରେ ରାଜ୍ୟକୁ ସୁଧ ବାବଦରେ ୩୪ ଟଙ୍କା ୨୦ ପଇସା ଦେବାକୁ ପଡୁଥିଲା। ହେଲେ ୨୦୨୪ରେ ଏହି ସ୍ଥିତି ସମ୍ପୂର୍ଣ୍ଣ ରୂପେ ବଦଳିଯାଇଛି। ୨୦୨୩-୨୪ରେ ରାଜ୍ୟ ଜିଡିପିକୁ ଓଡ଼ିଶାର ଋଣ ଅନୁପାତ ୧୬.୦ ପ୍ରତିଶତକୁ ଖସିଆସିଛି, ଯାହାକି ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବନିମ୍ନ ରହିଛି। ଓଡ଼ିଶାର ବିତ୍ତୀୟ ସୁପରିଚାଳନାକୁ ଏହା ଦର୍ଶାଉଛି, ଯାହା ଦେଶରେ ଏକ ଉଦାହରଣ ବୋଲି ଆର୍‌ବିଆଇ ରିପୋର୍ଟରେ କୁହାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୨୦୦୫ରେ ମୂଲ୍ୟ ଯୁକ୍ତ ଟିକସ(ଭାଟ୍)ର କାର୍ଯ୍ୟକାରିତରା ସହ ସମାନ୍ତରାଳ କର ବ୍ୟବସ୍ଥା ଭଳି ଟିକସ ସଂସ୍କାର ପଦକ୍ଷେପ ରାଜ୍ୟ ଅର୍ଥନୀତିକୁ ନୂଆ ମୋଡ ଦେଇଥିଲା। ଆଇଟି ଭିତ୍ତିକ ଟିକସ ପ୍ରଶାସନିକ ବ୍ୟବସ୍ଥାର କାର୍ଯ୍ୟକାରିତା ଏଥିରେ ଏକ ନୂତନ ଅଧ୍ୟାୟ ଯୋଡିଥିଲା। ୨୦୧୬ରେ ବିତ୍ତୀୟ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଓ କଡ଼ାକଡି କରିବା ଲାଗି ରାଜ୍ୟ ସରକାର ବିତ୍ତୀୟ ଶୃଙ୍ଖଳା ଓ ବଜେଟ ପରିଚାଳନା(ଏଫ୍‌ଆର୍‌ବିଏମ୍) ସଂଶୋଧନ ଆଇନ ଆଣିଥିଲେ। ଏଥିରେ ବିତ୍ତୀୟ ନିଅଣ୍ଟକୁ ଜିଏସ୍ଡିପିର ୩ ପ୍ରତିଶତ ମଧ୍ୟରେ ରଖିବା ସହ ଋଣକୁ ଜିଏସ୍ଡିପିର ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଲକ୍ଷ୍ୟ ରଖାଯାଇଥିଲା। ରାର୍ଯ୍ୟର ଋଣ ସ୍ଥିତିକୁ ସବୁ ସମୟରେ ଏକ ପୋଷଣୀୟ ସ୍ତରରେ ରଖିବାରେ ଓଡ଼ିଶା ସଫଳ ହୋଇଛି। ରାଜସ୍ୱ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହେବାରେ ଓଡ଼ିଶା ଏହାର ପୁଞ୍ଜି ବ୍ୟୟରେ ବୃଦ୍ଧି ଘଟାଇଥିଲା। କୋଭିଡ୍ ମହାମାରୀ ସମୟରେ ଦେଶର ବିଭିନ୍ନ ରାଜ୍ୟର ଆର୍ଥିକ ସ୍ଥିତି ଭାଙ୍ଗି ପଡ଼ିଥିବାବେଳେ ଓଡ଼ିଶା ଦେଶର ଏକ ମାତ୍ର ରାଜ୍ୟ ଯେ କି ସେଭଳି ସମୟରେ ଉତ୍ତମ ବିତ୍ତୀୟ ପରିଚାଳନାର ନମୂନା ଦେଖାଇଥିଲା। ଯାହାଫଳରେ ୨୦୨୦-୨୧ରେ ଓଡ଼ିଶାର ରାଜସ୍ୱ ବଳକା ଜିଏସ୍ଡିପିର ୧.୭% ରହିଥିବାବେଳେ ୨୦୨୧-୨୨ରେ ଏହା ଜିଏସ୍ଡିପିର ୬.୫ %କୁ ବୃଦ୍ଧି ପାଇଥିବା ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଦର୍ଶାଯାଇଛି।

## ହସିନାଙ୍କୁ ପ୍ରତ୍ୟର୍ପଣ...

ଗୃହ ବିଭାଗର ଉପଦେଷ୍ଟା ଜହାଙ୍ଗିର ଆଲମ କହିଛନ୍ତି ଯେ ଭାରତ ଓ ବାଂଲାଦେଶ ମଧ୍ୟ।।ରେ ଅପରାଧୀ ପ୍ରତ୍ୟାର୍ପଣ ଚୁକ୍ତି ରହିଛି। ଭାରତ ସରକାର ଏହାକୁ ମାନିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ହସିନାଙ୍କ ସଂପର୍କରେ ବାଂଲାଦେଶ ସରକାର ପଠାଇଥିବା ପତ୍ର ମିଳିଥିବା ନେଇ ଭାରତୀୟ ବୈଦେଶିକ ବିଭାଗ ସ୍ୱୀକାର କରିଛି। କିନ୍ତୁ ଏହା ଉପରେ ଏବେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି ବିଭାଗୀୟ ମୁଖପାତ୍ର।

ଅନ୍ୟପକ୍ଷରେ ମିଳିଥିବା ତଥ୍ୟ ଅନୁଯାୟୀ ବାଂଲା ସରକାର ଯେଉଁ ଢଙ୍ଗରେ ପ୍ରତ୍ୟାର୍ପଣ ପାଇଁ ଚିଠି ଲେଖିଛନ୍ତି, ସେହି ଆଧାରରେ ପ୍ରତ୍ୟର୍ପଣ ସମ୍ଭବ ନୁହେଁ। ଦୁଇ ଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ଥିଲେ ମଧ୍ୟ ଏହାପୂର୍ବରୁ ତଦନ୍ତ ଏବଂ ବିଚାର ପ୍ରକ୍ରିୟା ଶେଷ ହେବା କଥା। କିନ୍ତୁ ହସିନାଙ୍କ କ୍ଷେତ୍ରରେ ତାହା ଆରମ୍ଭ ହୋଇନାହିଁ। ହସିନାଙ୍କ ବିରୋଧରେ ମାମଲାର ଯାଞ୍ଚ ପାଇଁ ଡାକା ଯାଇଥିବା ଜାତିସଂଘ ଟିମ୍ ମଧ୍ୟ ସେଭଳି କୌଣସି ପ୍ରମାଣ ପାଇନାହିଁ। ତେଣୁ କେବଳ ନୋଟ୍ ଆଧାରରେ ପ୍ରତ୍ୟାର୍ପଣ ପ୍ରକ୍ରିୟା ଆରମ୍ଭ କରିବା ସମ୍ଭବ ନୁହେଁ।


**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** — **ଡିମାଣ୍ଡ ନୋଟିସ୍**

ଆଞ୍ଚଳିକ କାର୍ଯ୍ୟାଳୟ : ଢେଙ୍କାନାଳ, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା /ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା । କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଉକ୍ତ ନୋଟିସ୍‌କୁ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା । ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଏତଦ୍‌ଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟରେ ନିମ୍ନମତେ ଦର୍ଶିତ ବକେୟା ରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଉଛି । ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପଇଠ କରିବାରେ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା /ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ । କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି । ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଉଛି ।

| ମାଧପୁର ଶାଖା/ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ତାରିଖ / ବକେୟା ଦେୟ | ସମ୍ପତ୍ତିଗୁଡ଼ିକର ବିବରଣୀ / ଋଣ ପ୍ରକାର / ଋଣ ପରିମାଣ |
|---|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ, ପିତା: ୰ବଂଶୀଧର ପ୍ରଧାନ / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୧) ଶ୍ରୀ ଯତିନ୍ଦ୍ର କୁମାର ପ୍ରଧାନ, ପିତା: ୰ ବଂଶୀଧର ପ୍ରଧାନ / ୨) ଶ୍ରୀ ଚିତରଞ୍ଜନ ପ୍ରଧାନ, ପିତା: ୰ ବଂଶୀଧର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ଡିଡିରିକଟା, ପୋ: ମାଧପୁର, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୫ | ୧୯.୧୨.୨୦୨୪ / ଟିଏଲ୍-ଟ.୧୨,୧୧,୦୧୮/- + ସି.ସି-ଟ.୩,୭୬,୯୭୨.୭୨ / ସମୁଦାୟ: ୩୦.୧୧.୨୦୨୪ ସୁଦ୍ଧା ଟ.୧୫,୮୭,୯୯୦.୭୨ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାଦେୟ ଦେୟ | ଶ୍ରୀ ଯତିନ୍ଦ୍ର କୁମାର ପ୍ରଧାନ,ଶ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ, ଶ୍ରୀ ଚିତରଞ୍ଜନ ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡିଡିରିକଟା, ଖାତା ନଂ.: ୬୯/୨୭, ପ୍ଲଟ୍ ନଂ.: ୩୫୨, କ୍ଷେତ୍ର: ଏକର୦.୦୩ଡିସିମିଲ୍, ଖାତା ନଂ.: ୬୯/୭୧, ପ୍ଲଟ୍ ନଂ.: ୪୨୬/୧୨୫୯, କ୍ଷେତ୍ର: ଏକର୦.୨୦ଡିସିମିଲ୍, ଘରବାରି(ଜମି ଏବଂ ଗୃହ), ଖାତା ନଂ.: ୬୯/୭୧, ପ୍ଲଟ୍ ନଂ.: ୪୨୬, କ୍ଷେତ୍ର: ଏକର୦.୦୩୧ଡିସିମିଲ୍, |

(ସାରଦ-୩), ସମୁଦାୟ କ୍ଷେତ୍ର: ଏକର୦.୫୪ଡିସିମିଲି / ୧) ଟିଏଲ୍-୦୫୧୨୧୩୦୫୪୦୦୦୦୦୨ - ଟ.୧୪,୨୫,୦୦୦/-, ୨) ସି.ସି-୦୫୧୨୧୪୦୦୩୦୦୦୦୦୧ - ଟ.୪,୭୫,୦୦୦/-

ସ୍ଥାନ : ଢେଙ୍କାନାଳ, ତାରିଖ : ୨୩.୧୨.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ



**Government of Odisha "e" procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**

Bid Identification No. S.E(R&B) KPT- 12/2024-25 — B-778

1. Name of the work: Road and Building works
2. Total No. of works: 02 Nos.
3. Estimated cost: Rs. 14.46 to 27.98 Lakhs
4. Period of completion: 02 to 03 (Two to Three) months
5. Date & Time of availability of bid document in the portal: From 30.12.2024 at 11.00 hours to 09.01.2025 upto 17.00 hours
6. Last date/ Time for receipt of bids in the portal: 09.01.2025 upto 17.00 hours
7. Date of opening of Tender: 10.01.2025 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

**Further details can be seen from the e-procurement portal https://tendersorissa.gov.in**

OIPR - 34096/11/0009/2425 — Sd/- Superintending Engineer, Koraput (R&B) Division



**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL** — B-792

Email – eedklpwd@gmail.com

**INVITATION FOR BIDS THROUGH e-Procurement**

Bid Identification No. SE DKL (R&B). 27/ 2024-25

Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | Civil (Building) Work |
| 3. | No. of work | : | 03 Nos. |
| 4. | Bid Cost. | : | ₹ 6,000/- each |
| 5. | Class of Contractor | : | 'C' ,'B'& 'D' Class |
| 6. | Availability of Bid Documents in the website | : | From 10.00 AM of 27.12.2024 to 5.00 PM of 10.01.2025 |
| 7. | Date of Opening of Bid | : | Dt. 13.01.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR - 34016/11/0022/2425 — Sd/- Superintending Engineer, Dhenkanal (R&B) Division



**OFFICE OF THE PANCHAYAT SAMITI, KAPTIPADA, MAYURBHANJ** — i-376

(At/P.O.- Kaptipada,Dist.- Mayurbhanj, Odisha,
E-Mail: ori-kaptipada@nic.in)

Advt. No.: 5055 — TCN NO. 06/2024-25 — Date: 20.12.2024

1. The Block Development Officer, Kaptipada invites Sealed tender in offline/online mode on percentage rate basis for 08 (Eight) nos. of Construction works as mentioned in the DTCN from eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D.
2. No. of work : 08 (Eight) Nos.

| | Name of the Work | Estimated Cost |
|---|---|---|
| A. | Construction of GPLF Office Buildig with Market Complex at Badbisole GP | Rs.24,45,476/- |
| B. | Construction of GPLF Office Buildig with Market Complex at Pingu GP | Rs.24,45,476/- |
| C. | Construction of GPLF Office Buildig with Market Complex at Pedagadi GP | Rs.24,45,476/- |
| D. | Construction of GPLF Office Buildig with Market Complex at Jadida GP | Rs.24,45,476/- |
| E. | Construction of GPLF Office Buildig with Market Complex at Nudadiha GP | Rs.24,45,476/- |
| F. | Construction of GPLF Office Buildig with Market Complex at Saradiha GP | Rs.24,45,476/- |
| G. | Construction of GPLF Office Buildig with Market Complex at Badakhaladi GP | Rs.24,45,476/- |
| H. | Construction of Additional Class Room (ACR) at Kaptipada College | Rs.27,31,092/- |

3. Cost of Tender Paper : Rs. 6,000/- per unit for each work respectively.
4. Class of Contractors : "B&C" Contractors
5. Date & Time of available the Tender document (DTCN & BOQ) : In district NIC Website (www.mayurbhanj.odisha.gov.in) from Dt.26.12.2024 to Dt.09.01.2025 till 05.00 P.M (on working days only)
6. Last date of Receipt of Bids : Dt.09.01.2025 up to 05.00 P.M
7. Mode of receipt : Through Speed post/Regd. Post only and Tender Box.
8. Date of Tender Opening : Dt. 10.01.2025 at 11.00 A.M.

# For more details, visit our District Administration website (www.mayurbhanj.odisha.gov.in).
# All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.

OIPR - 19370/11/0005/2425 — Sd/-Block Development Officer, Kaptipada



**AFFIDAVIT**

I, Basant Kumar Moda, Father of Mukesh Kumar Moda, Resident of AT: Kathagada Sahi, PO.: Chaudhury Bazar, P.S.: Purighat, Dist.: Cuttack, PIN-753001, Odisha, declare by this affidavit No.: 8657, dated-20/12/2024, that now onwards I shall be known as **BASANTA KUMAR MODA** for all future purposes.

**AFFIDAVIT**

By virtue of an affidavit, I Mamani Mandal, W/o Rabindra Mandal & D/o. Ajit Mandal, At./Po. Bahabalapur, Ps. Marine Kasafal, Balasore to state that in my Aadhaar Card No. 631787535083 my name has been mentioned **Saraswati Mandal** one and same person. Hence, I will be known as **Mamani Mandal** for all purposes.

**AFFIDAVIT**

By virtue of an affidavit, I Sumitra Mali, W/o Purna Chandra Mali & D/o. Khagen Samal, At./Po.Bahabalapur, Ps. Marine Kasafal, Balasore to state that in my Aadhaar Card No. 669699307071 my name has been mentioned **Jharana Mahalik** one and same person. Hence, I will be known as **Sumitra Mali** for all purposes.

**AFFIDAVIT**

By virtue of an affidavit sworn before Notary, Public, Bhubaneswar vide affidavit No. 73AA 658686, dated 20/12/2024. I, **Narendra Dadhicharan Mohanty**, resident Plot No. 111/3029, Udayagiri Vihar, Near Mahalaxmi Cold Store, Patrapada, Bhubaneswar, Dist- Khurda, Pin-751019 declare that I have changed my name from **Narendra Mohanty, Narendra D Mohanty To Narendra Dadhicharan Mohanty.** Henceforth, I shall be known as **Narendra Dadhicharan Mohanty** for all purposes.

**AFFIDAVIT**

By an affidavit vide no. 1497, dated 21.12.2024, before Executive Magistrate Rayagada, Odisha, I Sai Priya Sabar, resident of Subhadrapur, Ukkamba, Ps - Gunupur, Dist - Rayagada. In Aadhar card my name has been mentioned as SAIPRIYA SABAR. Now I have changed my name from SAIPRIYA SABAR to **SAI PRIYA SABAR**. Hence forth I shall be known as **SAI PRIYA SABAR** for all purposes.

**AFFIDAVIT**

I, Bijaya Kumar Dhal, S/o- Lochan Dhal resident of At/Po- Kharag Prasad, Via- Meramandal, Ps- Motanga, Dist- Dhenkanal, Pin- 759121, Odisha declared by this affidavit No. 2370, dated-23/12/2024 that now onwards I shall be known as **BIJAY KUMAR DHAL** for all future purposes.

**AFFIDAVIT**

I, Bikrama Kumar Dhal, S/o- Bijay Kumar Dhal resident of At/Po- Kharag Prasad, Via- Meramandal, Ps- Motanga, Dist- Dhenkanal,Pin- 759121, Odisha. Declare by this affidavit No.2369, dated-23/12/2024 that now onwards I shall be known as **BIKRAM KUMAR DHAL** for all future purposes.

**Antares Systems Ltd.**

Ph:080-45982100/033-46046611
e-mail: esale@etenderwizard.com

e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.

**Auction No's**

1) ASL/MCL/DISPOSAL/24-25/08 Auction Date: 02-01-2025
2) ASL/MCL/DISPOSAL/24-25/09 Auction Date: 03-01-2025
3) ASL/MCL/DISPOSAL/24-25/10 Auction Date: 06-01-2025
4) ASL/MCL/DISPOSAL/24-25/11 Auction Date: 24-01-2025

For further information, contact Helpdesk at the above address. **Refer Sale notice for further details.**

# ସମ୍ପାଦକୀୟ



ମା' ପରି ମାତୃଭୂମି ମଧ୍ୟ ତୁମକୁ ଜନ୍ମ ଦେଇଛି।
ତେଣୁ ମାତୃଭୂମି ପାଇଁ ତୁମେ ଗର୍ବ ଅନୁଭବ କରିବା ଆବଶ୍ୟକ।
-ସତ୍ୟ ସାଇବାବା

ସକାଳ
THE SAKALA

## 'ସବୁଜଚିତ୍ର'ର ଆଢୁଆଳ

ଭାରତୀୟ ଜଙ୍ଗଲ ସର୍ବେକ୍ଷଣର ସଦ୍ୟତମ ରିପୋର୍ଟର 'ସବୁଜ ଚିତ୍ର' ପରିସଂଖ୍ୟାନ ଦୃଷ୍ଟିରୁ ଉତ୍ସାହଜନକ ଓ ସନ୍ତୋଷଜନକ। କିନ୍ତୁ ଏହି ଦୁଇବର୍ଷିଆ ରିପୋର୍ଟରେ ପ୍ରକାଶିତ ଓ ସଜ୍ଜିତ ତଥ୍ୟକୁ ଯେଭଳି ଗୋଳମାଳିଆ ଓ ଚମତ୍କାର ଢଙ୍ଗରେ ଉପସ୍ଥାପନ କରାଯାଇଛି ତାହା ପରିବେଶବିତ୍‌ମାନଙ୍କୁ ଚିନ୍ତିତ କରିଛି। ରିପୋର୍ଟର ତଥ୍ୟାନୁଯାୟୀ ୨୦୨୧-୨୩ରେ ସମଗ୍ର ଦେଶରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଯଥାକ୍ରମେ ୧୫୬ ବର୍ଗକିମି ଓ ୧, ୨୮୯ ବର୍ଗ କିମି ବୃଦ୍ଧି ପାଇଛି। ପ୍ରଥମ ଥର ପାଇଁ ଏହି ଅଭିବୃଦ୍ଧି ହାର ଧାର୍ଯ୍ୟ ଲକ୍ଷ୍ୟ ୨୫%ରୁ ଅଧିକ ହୋଇଛି। ସଦ୍ୟତମ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ଭୂଭାଗର ୨୧.୭୬% ବା ୮, ୨୭, ୩୫୭ ବର୍ଗକିମି ବନାଞ୍ଚଳ ହୋଇଥିବା ବେଳେ ଘଞ୍ଚ ବନାନୀ ଅଞ୍ଚଳର ପରିମାଣ ୪, ୧୦, ୧୭୫ ବର୍ଗ କିମି। କିନ୍ତୁ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଓ ବନାଞ୍ଚଳ ମଧ୍ୟରେ ଫରକ ରହୁଥିବାରୁ ଭାରତର ଉପରୋକ୍ତ ସବୁଜ ଚିତ୍ର ସେତେ ଲାଭପ୍ରଦ ବୋଲି କୁହାଯାଇପାରିବ ନାହିଁ। ସେହିପରି ଦୁଇବର୍ଷ ମଧ୍ୟରେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ପରିମାଣ ମାତ୍ର ୩.୪୧%, ଯାହା ଆଦୌ ସନ୍ତୋଷଜନକ ନୁହେଁ। ଜଳବାୟୁ ପରିବର୍ତ୍ତନ ଏବଂ ତଦ୍‌ଜନିତ ବିଶ୍ୱ ଉତ୍ତାପ ବୃଦ୍ଧି, ଅନାବୃଷ୍ଟି, ବାୟୁ ପ୍ରଦୂଷଣ ଆଦି ବୃଦ୍ଧି ଦୃଷ୍ଟିରୁ ଏହି ସବୁଜ ଚିତ୍ର ସନ୍ତୋଷ ଅପେକ୍ଷା ଅଧିକ ନିରୁତ୍ସାହ ସୃଷ୍ଟି କରୁଛି ବୋଲି କୁହାଯାଇପାରେ।

ସବୁଜ ଚିତ୍ରିତ ପରିସଂଖ୍ୟାନ ଭିତରେ ଏଭଳି ଏକ ଉଦ୍‌ବେଗଜନକ ଦିଗ ରହିଛି, ଯାହା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ ହେବ। ୨୦୨୧ ରୁ ୨୦୨୩ ମଧ୍ୟରେ ୧୫୬ ବର୍ଗ କିମି ବନାଞ୍ଚଳ ବଢ଼ିଥିବା ବେଳେ ୩, ୯୧୩ ବର୍ଗ କିମିର ଘଞ୍ଚ ବନାନୀ ଉଭାନ ହୋଇଯାଇଛି। କେବଳ ସେତିକି ନୁହେଁ ଗତ ଦଶନ୍ଧିରେ ୧୭, ୫୦୦ ବର୍ଗ କିମି ଓ ବିଗତ ଦୁଇ ଦଶନ୍ଧି ମଧ୍ୟରେ ୨୪, ୬୫୧ ବର୍ଗକିମି ଘଞ୍ଚ ବନାନୀ ଭାରତ ଭୂମିରୁ ହଜିଯାଇଛି। ଅର୍ଥାତ୍ ଯେତିକି ପରିମାଣର ନୂତନ ବନାଞ୍ଚଳ ସୃଷ୍ଟି ହୋଇଛି ତା' ତୁଳନାରେ ଅଧିକ ବନାଞ୍ଚଳ ନଷ୍ଟ ହୋଇଛି। ସେହିପରି ଘଞ୍ଚ ବନାନୀରୁ ବନାନୀ ଓ ବନାନୀରୁ କେବଳ ସବୁଜ ବଳୟ କ୍ଷେତ୍ରକୁ ଦ୍ରୁତ ପରିବର୍ତ୍ତନ ହୋଇ ଚାଲିଥିବା ଭୂଭାଗ ପରିମାଣ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଗ୍ଲୋବାଲ୍ ଫରେଷ୍ଟ ୱାଚ୍‌ର ରିପୋର୍ଟ ଅନୁଯାୟୀ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୨.୩୩ ନିୟୁତ ଗଛ କଟା ହୋଇଛି। ୨୦୧୬ ରୁ ୨୦୧୯ରେ ଦ୍ୱିଗୁଣ ଗଛ କଟା ହୋଇଛି। କୋପେନ୍‌ହାଗେନ୍ ବିଶ୍ୱବିଦ୍ୟାଳୟର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୧୯ ରୁ ୨୦୨୨ ମଧ୍ୟରେ ୫.୮ ନିୟୁତ ଗଛ କଟା ହୋଇଛି। ଭାରତ ସରକାରଙ୍କ ରିପୋର୍ଟ ଅନୁଯାୟୀ ତେଲଙ୍ଗାନାରେ ସର୍ବାଧିକ ଗଛ କଟାଯାଉଥିବା ବେଳେ ଓଡ଼ିଶା ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି।

ଭାରତର ଜଙ୍ଗଲ ସର୍ବେକ୍ଷଣର ଏହି ବିରୋଧାଭାସ ଚିତ୍ର କେବଳ ପରିସଂଖ୍ୟାନରେ ନୁହେଁ, ବାସ୍ତବ କ୍ଷେତ୍ରରେ ମଧ୍ୟ ପରିଦୃଷ୍ଟ। ଦେଶରେ କଂକ୍ରିଟ୍ ଜଙ୍ଗଲ କ୍ରମଶଃ ସହରର ସୀମା ଡେଇଁ ଗ୍ରାମାଞ୍ଚଳରେ ଦ୍ରୁତଗତିରେ ପ୍ରବେଶ କରିବାରେ ଲାଗିଛି। ଏଥିଯୋଗୁଁ ବହୁବର୍ଷର ପୁରୁଣା ଗଛ ସବୁ ବଳି ପଡୁଛନ୍ତି। ଗମନାଗମନ ଓ ଭିତ୍ତିଭୂମିର ବିକାଶ ପାଇଁ ପ୍ରତିମିନିଟ୍‌ରେ କେଉଁଠି ନା କେଉଁଠି ଗଛ କଟା ଚାଲିଛି। ଖଣିଜ ବିକାଶ ଆଳରେ ଘଞ୍ଚବନାନୀ ବିନିଷ୍ଟ ହେଉଛି(ବିଶ୍ୱରେ ପ୍ରତିଦିନ ୪୨ ଲକ୍ଷ ଏବଂ ପ୍ରତି ମିନିଟ୍‌ରେ ୨୪ ଗଛ ମଣିଷର ଅନ୍ୟାନ୍ୟ ଆବଶ୍ୟକତା ପାଇଁ କଟା ହେଉଛି)। ଏଭଳି ପରିସ୍ଥିତିରେ ଭାରତର ଜଙ୍ଗଲାଞ୍ଚଳ ବୃଦ୍ଧି ପରିସଂଖ୍ୟାନ ବିଶ୍ୱାସଯୋଗ୍ୟ ହେବ କେମିତି? ଜାତୀୟ ରାଜପଥ ହେଉ କି ରାଜ୍ୟ ରାଜପଥ ସମ୍ପ୍ରସାରଣ ପାଇଁ କଟାଯାଉଥିବା ଶହଶହ ବର୍ଷ ପୁରୁଣା ଗଛ ବଦଳରେ ରାସ୍ତାମଝିରେ କାଗଜଫୁଲ, କନିଅର ଫୁଲ ଗଛ ଶୋଭା ପାଉଛି। ପରିସଂଖ୍ୟାନରେ ଯେଉଁ ସବୁଜ ବଳୟ ଅଞ୍ଚଳ ବୃଦ୍ଧି ପାଇଥିବା ଦର୍ଶାଯାଇଛି ତାହା କେବଳ ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଆଧାରରେ ପ୍ରସ୍ତୁତ ହେଉଥିବାରୁ ଯାହା କିଛି ଉପଗ୍ରହ କ୍ୟାମେରାରେ ସବୁଜ ଚିତ୍ରିତ ହେଉଛି ତାହାକୁ ପରିସଂଖ୍ୟାନବିତ୍‌ମାନେ ବନାଞ୍ଚଳ ବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୋଲି ଦର୍ଶାଉଛନ୍ତି। କିନ୍ତୁ ଗୋଟିଏ ବଡ଼ ଗଛର ବିକଳ୍ପ ଲକ୍ଷେ ଫୁଲଗଛ ଚାରା ନୁହେଁ, ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ।

ପରିସଂଖ୍ୟାନର ବିରୋଧାଭାସକୁ ପ୍ରମାଣିତ କରୁଥିବା ଆଉ ଏକ ତଥ୍ୟ ଉପରେ ଦୃଷ୍ଟି ଦିଆଯାଉ। ସଂସଦରେ ପ୍ରଦତ୍ତ ସରକାରୀ ତଥ୍ୟାନୁଯାୟୀ, ଛତିଶଗଡ଼ର ହସଦେଓ ଆରାଣ୍ଡ ଜଙ୍ଗଲାଞ୍ଚଳରେ ୨୩ଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ପ୍ରାୟ ୨ ଲକ୍ଷ ୭୪ ହଜାର ଗଛ କାଟିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ସେହିପରି ଗ୍ରେଟ୍ ନିକୋବରରେ ବିମାନବନ୍ଦର, ସହରାଞ୍ଚଳ ଓ ଅନ୍ୟାନ୍ୟ ବିକାଶ ନାମରେ ୧୦ ଲକ୍ଷ ଗଛ ବଳି ଦେବାକୁ ଯାଉଛନ୍ତି। ଏପରିକି ୨୦୨୩ ଶେଷ ସୁଦ୍ଧା ଛତିଶଗଡ଼ର ସମ୍ପୃକ୍ତ ଅଞ୍ଚଳରୁ ପ୍ରାୟ ୯୫ ହଜାର ଗଛ କଟା ସରିଛି। ଗ୍ରେଟ୍ ନିକୋବର ଦ୍ୱୀପରେ ପାଖାପାଖି ୧୩୧ ବର୍ଗକିଲୋମିଟରର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇଛି। ସେହିପରି ଓଡ଼ିଶାର ଛେଣ୍ଡିପଦା ବ୍ଲକର ନୟନୀ କୋଇଲା ବ୍ଲକକୁ ତେଲଙ୍ଗାନାର ଏକ କମ୍ପାନୀକୁ ଲିଜ୍ ସୂତ୍ରରେ ଦିଆଯିବା ପରେ ସମ୍ପୃକ୍ତ କମ୍ପାନୀ ସେଠାରେ ଖଣିଜ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଯାଉଛି, ଯେଉଁଥିପାଇଁ ଏକ ବିସ୍ତୃତ ଅଞ୍ଚଳର ସଂରକ୍ଷିତ ଜଙ୍ଗଲ ଜମି ବଳି ପଡ଼ିବ ବୋଲି ଅଭିଯୋଗ ହେଉଛି। ଛତିଶଗଡ଼ର ଆରାଣ୍ଡ ବନାଞ୍ଚଳରେ ଯେଉଁ ୯୫ ହଜାର ଗଛ କଟାଯାଇଛି ତାହାର ଭରଣା ପାଇଁ ପ୍ରାୟ ୫୩ ଲକ୍ଷ ୪୦ ହଜାର ଚାରାରୋପଣ କରାଯାଇଥିବା ସରକାରୀ ଭାବେ କୁହାଯାଇଛି। ଏହିଭଳି ଭାରତର ସବୁଜ ବଳୟର ସବୁଜ ଚିତ୍ରକୁ ଜଙ୍ଗଲ ସର୍ବେକ୍ଷଣ ୨୦୨୩ ପ୍ରଦର୍ଶିତ କରୁଛି। କିନ୍ତୁ ପ୍ରାୟ ୨୦୦ ବର୍ଷର ପୁରୁଣା ଗଛର ବିକଳ୍ପ ହେବାକୁ ବର୍ତ୍ତମାନର ଏହି ଚାରାଗୁଡ଼ିକୁ କେତେବର୍ଷ ଲାଗିବ ତାହା ଅନୁମେୟ।

ସରକାରଙ୍କ ନୀତି ନିର୍ଦ୍ଧାରକମାନଙ୍କୁ ଏହା ଚେତାଇବା ଅନାବଶ୍ୟକ ଯେ ଅନ୍ୟୂନ ୫୦ ବର୍ଷ ପୁରୁଣା ଏକ ବୃକ୍ଷର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ୧ଲକ୍ଷ ଚାରାଠାରୁ କାହିଁ କେତେ ଅଧିକ। ତେଣୁ ବର୍ତ୍ତମାନ ଜଙ୍ଗଲ ବିସ୍ଥାପନ ଓ ଚାରା ସଂସ୍ଥାପନର ଯେଉଁ ନୂଆ ଧାରା ଆରମ୍ଭ ହୋଇଛି ସେଥିଯୋଗୁଁ ହିଁ ବିଶ୍ୱ ତାପମାନ ବୃଦ୍ଧି ପାଇ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ଆହୁରି ତୀବ୍ର କରୁଛି। ବୃକ୍ଷ ଛେଦନ ଓ ଜଙ୍ଗଲ ଅବକ୍ଷୟ ଯୋଗୁଁ ମୃତ୍ତିକାର ଅବକ୍ଷୟ ହୋଇ ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିଛି। ତେଣୁ ସରକାରୀ ପ୍ରଦତ୍ତ ଏଭଳି ସବୁଜ ବଳୟର ମନଲୋଭା ଚିତ୍ରରେ ଅଧିକ ଉତ୍ସାହିତ ହେବାର କୌଣସି କାରଣ ନାହିଁ। ବରଂ କାମ୍ପା ଯୋଜନାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ସରକାରୀ ସ୍ତରରେ ମିଳିତ ଉଦ୍ୟମ ହେବା ଆବଶ୍ୟକ। ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା। ଏହି ମନ୍ତ୍ରକୁ ନୀତି ନିର୍ଦ୍ଧାରକମାନେ ସ୍ୱୀକାର କଲେ ପରିବେଶ ଅନୁକୂଳ ଶିଳ୍ପାୟନର ସୂତ୍ର ବାହାରି ପାରିବ। ବିକାଶ ବିନାଶର କାରଣ ନ ହେଉ ଏହା ସମସ୍ତେ ଚେତିବାକୁ ପଡ଼ିବ। ●

## ପ୍ରବାସୀ ଭାରତୀୟଙ୍କ ଉତ୍କର୍ଷ

**ପଞ୍ଚାନନ ଅଗ୍ରୱାଲ**

ସମଗ୍ର ବିଶ୍ୱର କୋଣଅନୁକୋଣରେ ଭାରତୀୟ ବଂଶୋଦ୍ଭବ ଓ ପ୍ରବାସୀ ଭାରତୀୟମାନଙ୍କ ରାଜନୈତିକ, ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଆଶାଜନକ ସଫଳତା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ଚାଲିଛି। ୨୦୪୭ ସୁଦ୍ଧା ପ୍ରବାସୀ ଭାରତୀୟଙ୍କ ବାଣିଜ୍ୟ, ଶିଳ୍ପ ଅଭିବୃଦ୍ଧି ଦ୍ୱାରା ଭାରତ ଏକ ବିକଶିତ ରାଷ୍ଟ୍ର ରୂପେ ସମଗ୍ର ଦୁନିଆରେ ପ୍ରସିଦ୍ଧି ଲାଭ କରିବାର ଆକଳନ କରାଯାଉଛି। ଥରମନ ଷଣ୍ମୁଗରତ୍ନମ ସିଙ୍ଗାପୁରର ରାଷ୍ଟ୍ରପତି ରୂପେ ଦାୟିତ୍ୱ ଗ୍ରହଣ କରିବା ଭାରତୀୟ ବଂଶୋଦ୍ଭବଙ୍କ ବିଶ୍ୱବିଜୟୀ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନା ହୋଇଛି। ଏହାପୂର୍ବରୁ ଆୟରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଲିଓ ବରାଡ଼କର, ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଆଣ୍ଟୋନିୟୋ କୋଷ୍ଟା, ଗୁଏନାର ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲି଼ଲ, ମରିସସର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନୌଥ, ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ୍, ରାଷ୍ଟ୍ରପତି ଧରମ ଗୋଖୁଲ୍, ପୂର୍ବତନ ରାଷ୍ଟ୍ରପତି ପୃଥ୍ୱୀରାଜ ସିଂହ ରୂପନ, ସୁରିନାମର ରାଷ୍ଟ୍ରପତି ଚନ୍ଦ୍ରିକା ପ୍ରସାଦ ସରେୟଲାଖୀ, ପ୍ରମୁଖ ଭାରତବଂଶୀ ଶାସକଗଣ ବିଶ୍ୱ ରାଜନୀତିରେ ଭିନ୍ନ ଭିନ୍ନ ମାଇଲଖୁଣ୍ଟ ସ୍ଥାପନା କରିଛନ୍ତି। ସେହିପରି ବିଶ୍ୱବ୍ୟାଙ୍କର ଅଧ୍ୟକ୍ଷ ଅଜୟ ବଙ୍ଗା, ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଉପନିର୍ଦ୍ଦେଶକ ଗୀତା ଗୋପୀନାଥ ମଧ୍ୟ ଭାରତର ଗରିମାକୁ ବିଶ୍ୱଦରବାରରେ ଉନ୍ନୀତ କରିଛନ୍ତି।

ବିଭିନ୍ନ କ୍ଷେତ୍ରରେ ପ୍ରବାସୀ ଭାରତୀୟମାନେ ବିଶ୍ୱ ରାଜନୀତିର ଶୀର୍ଷସ୍ଥାନକୁ ପହଞ୍ଚିବା ସହ ଭାରତ ବଂଶୋଦ୍ଭବମାନେ ଆଇଟି, କମ୍ପ୍ୟୁଟର, ବ୍ୟବସାୟ, ପରିଚାଳନା, ବ୍ୟାଙ୍କିଙ୍ଗ, ବିତ୍ତୀୟ ଆଦି କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛନ୍ତି। ମାଇକ୍ରୋସଫ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାଡେଲା, ଗୁଗୁଲର ମୁଖ୍ୟ ସୁନ୍ଦର ପିଚାଇ, ନୋବାର୍ଟିସ୍‌ର ବସନ୍ତ ନରସିଂହନ, ଏଡୋବର ଶାନ୍ତନୁ ନାରାୟଣ, ଆଇବିଏମ୍‌ର ଅରବିନ୍ଦ କୃଷ୍ଣା, ଷ୍ଟାରବକ୍ସର ଲକ୍ଷ୍ମଣ ନରସିଂହ, ଭେରଟେକ୍ସ ଫାର୍ମାସୁଟିକଲର ରେଶମା କେବଲ ରମାନୀ, ମାଇକ୍ରୋନ୍ ଟେକନୋଲଜିର ସଞ୍ଜୟ ମେହେରୋତ୍ରା, କ୍ୟାଡଣ୍ଡସ ଡିଜାଇନ ସିଷ୍ଟମର ଅନିରୁଦ୍ଧ ଦେବଗନ, ପାଲେ ଆଲଟୋ ନେଟୱାର୍କର ନିକେଶ ଅରୋଡା, ଭି.ଏମ ୱେମ୍‌ୱେର ରଙ୍ଗରାଜନ ରଘୁରାମ, ଇମର୍ସନ ଇଲେକ୍ଟ୍ରିକ କମ୍ପାନୀର ସୁରେନ୍ଦ୍ର ଲାଲ କରସନ ଭାଇ, ମାଇକ୍ରୋଚିପ୍ ଉଦ୍ୟୋଗର ଗଣେଶ ମୂର୍ତ୍ତି ଆଦି ପ୍ରମୁଖଗଣ ନିଜର ପ୍ରତିଭା, କର୍ତ୍ତବ୍ୟନିଷ୍ଠା ଯୋଗୁଁ ଦୁନିଆରେ ସୁନାମ ଅର୍ଜନ କରି ସେଠାକାର ଶିଳ୍ପର ବିକାଶ କରିବା ସହିତ ଭାରତର ଗୌରବ ବୃଦ୍ଧି କରିଛନ୍ତି। ବିଦେଶରେ ନୂଆ ସଂସ୍କୃତି



ସହିତ ଯୋଡ଼ି ହୋଇ କାର୍ଯ୍ୟରେ ସଫଳତା ହାସଲ କରିବା ପ୍ରବାସୀ ଭାରତୀୟଙ୍କ ପାଇଁ ସହଜସାଧ୍ୟ ନୁହେଁ। ତଥାପି ଭାରତୀୟ ବଂଶୋଦ୍ଭବମାନେ ସେମାନଙ୍କ ଜୀବନଶୈଳୀକୁ ସେହି ପରିବେଶ ଅନୁଯାୟୀ ଗଢ଼ିବା ସହିତ ସେଠାକାର କର୍ମସଂସ୍କୃତିରେ ନିଜକୁ ଦୀକ୍ଷିତ କରି ଉଚ୍ଚପଦରେ ଅଧିଷ୍ଠିତ ହେବା କମ୍ କଥା ନୁହେଁ। ଯଦିଓ ଚୀନ ପ୍ରବାସୀମାନେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶମାନଙ୍କରେ ବିସ୍ତାରିତ ହୋଇ ରହିଛନ୍ତି, ତଥାପି ସେମାନେ ଭାରତୀୟ ପ୍ରବାସୀଙ୍କ ପରି ଶୀର୍ଷ ବୈଶ୍ୱିକ ସଂସ୍ଥା, ରାଜନୀତି ଏବଂ ଶିଳ୍ପ ବାଣିଜ୍ୟରେ ସେଭଳି ପ୍ରଭାବୀ ଭୂମିକା ଗ୍ରହଣ କରିପାରିନାହାନ୍ତି। ଦୁନିଆରେ ପ୍ରବାସୀ ଭାରତୀୟଙ୍କ ସବୁଠାରୁ ବଡ଼ ଡାୟାସ୍ପୋରା ରହିଛି। ଅର୍ଥାତ ଗୋଟିଏ ଭୌଗୋଳିକ ସ୍ଥିତିରୁ ଅନ୍ୟ ଏକ ଭୌଗୋଳିକ ସ୍ଥିତିରେ ଆସୀନ ହୋଇ ପ୍ରଭାବ ବିସ୍ତାର କରିବା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ପର୍ସନ ଅଫ ଇଣ୍ଡଆନ୍ ଅରିଜିନ(ଭାରତୀୟ ବଂଶୋଦ୍ଭବ, ନନ ରେସିଡେଣ୍ଟ ଇଣ୍ଡିଆନ(ପ୍ରବାସୀ ଭାରତୀୟ) ଓଭରସିଜ ସିଟିଜନ ଅଫ ଇଣ୍ଡିଆ(ବିଦେଶୀ ଭାରତୀୟ) ଆଦି ଭାବରେ ସେମାନେ ପରିଚୟ ଲାଭ କରିଛନ୍ତି।

ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ବିଶ୍ୱରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ୧.୩୪କୋଟି। ସବୁଠାରୁ ଅଧିକ ପ୍ରବାସୀ ଭାରତୀୟ ଆମେରିକାରେ ବାସ କରନ୍ତି। ଆମେରିକାରେ ବିଭିନ୍ନ ପ୍ରବାସୀ ସମୂହମାନଙ୍କ ମଧ୍ୟରେ ଅଧିକ ଆୟକାରୀ ଭାବେ ପ୍ରବାସୀ ଭାରତୀୟଙ୍କ ନାମ ସର୍ବାଗ୍ରେ ରହିଛି। ଅଷ୍ଟ୍ରେଲିଆରେ ମଧ୍ୟ ଭାରତୀୟଙ୍କ ହାରାହାରି ଆୟ ସେଠାକାର ହାରାହାରି ରାଷ୍ଟ୍ରୀୟ ଆୟର ଦେଢ଼ଗୁଣା।

ପ୍ରବାସୀ ଭାରତୀୟ ଭାରତକୁ ଅର୍ଥ ପଠାଇବାରେ ମଧ୍ୟ ଅନ୍ୟ ସବୁ ଦେଶମାନଙ୍କଠାରୁ ବହୁ ଆଗରେ ଅଛନ୍ତି। ୨୦୨୨ରେ ପ୍ରବାସ ଭାରତୀୟଙ୍କ ଦ୍ୱାରା ଭାରତକୁ ପଠାଯାଇଥିବା ଅର୍ଥରାଶି ୧୦୦ ନିୟୁତ ଡଲାରରୁ ଅଧିକ। ୨୦୨୧ରେ ପ୍ରବାସୀଭାରତୀୟମାନେ ଭାରତରେ ରହୁଥିବା ସେମାନଙ୍କ ପରିବାର ଓ ସମ୍ପର୍କୀୟଙ୍କ ପାଖକୁ ୮୭ ନିୟୁତ ଡଲାର ପଠାଇଥିଲେ। ପ୍ରବାସୀମାନଙ୍କ ଦ୍ୱାରା ଆୟ ବା ଅର୍ଥାଗମ ଦେଶ ତାଲିକାରେ ୨୦୦୮ ରେ ଭାରତ ବିଶ୍ୱରେ ସର୍ବାଗ୍ରେ ରହିଥିଲା।

ଅତୀତରେ ଯେତେବେଳେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ନିମ୍ନସ୍ତରକୁ ଆସିଥିଲା ସେତେବେଳେ ପ୍ରବାସୀ ଭାରତୀୟମାନେ ବୈଦେଶିକ ମୁଦ୍ରାପାଣ୍ଠି ବୃଦ୍ଧି କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ୧୯୯୮ ମସିହାରେ ଭାରତ ଯେତେବେଳେ ପରମାଣୁ ପରୀକ୍ଷଣ କଲା ସେତେବେଳେ ଆମେରିକା ସହିତ ବିଶ୍ୱର ବିଭିନ୍ନ ଦେଶଗୁଡ଼ିକ ଆମ ଦେଶ ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଇଲେ। ସେହି ପ୍ରତିବନ୍ଧକର ସମାପ୍ତ ପାଇଁ ଭାରତୀୟ ବଂଶୋଦ୍ଭବ ଓ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କୋଭିଡ୍ -୧୯ ମହାମାରୀର ପ୍ରଥମ ଲହର ସମୟରେ ଦୁନିଆର ବିଭିନ୍ନ ଦେଶମାନଙ୍କରେ ରହିଥିବା ଭାରତୀୟମାନଙ୍କ ଚିନ୍ତା ଓ ଅନିଶ୍ଚିତତା କାଳରେ ପ୍ରବାସୀ ଭାରତୀୟମାନେ ଯଥାସମ୍ଭବ ସହଯୋଗ କରିଥିଲେ। ୨୦୨୧ରେ କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ତଥା ଭୀଷଣ କଷ୍ଟଦାୟକ ସମୟରେ ପ୍ରବାସୀ ଭାରତୀୟମାନେ ଭାରତର ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ବହୁତ ଉଦ୍ୟମ କରିଥିଲେ। ଆମେରିକାରେ ଭାରତୀୟ ବଂଶୋଦ୍ଭବ ଓ ପ୍ରବାସୀ ଭାରତୀୟମାନଙ୍କର ଏକ ସଂଯୁକ୍ତ ସଂଗଠନ ଇଣ୍ଡିଆ ଫିଲୋଂଥ୍ରୋପି ଆଲାୟଂସ (ଆଇପିଏ) ଭାରତର ହିତ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲା।

ଭାରତର ବିକାଶ ଦିଗରେ ପ୍ରବାସୀ ଭାରତୀୟମାନଙ୍କ ଯୋଗଦାନକୁ ଅସ୍ୱୀକାର କରିହେବନାହିଁ। ଭାରତ ସରକାର 'ରାହତ' ଓ 'ସଙ୍କଟ ମୋଚନ' କାର୍ଯ୍ୟକ୍ରମ ମାଧ୍ୟମରେ ୪୫ ଦେଶଗୁଡ଼ିକରୁ ବିଦେଶୀ ନାଗରିକମାନଙ୍କ ସହିତ ୯୦ହଜାରରୁ ଅଧିକ ପ୍ରବାସୀ ଭାରତୀୟଙ୍କୁ ଯୁଦ୍ଧଗ୍ରସ୍ତ ଦେଶମାନଙ୍କରୁ ଉଦ୍ଧାର କରିଥିଲେ। ପ୍ରବାସୀ ଭାରତୀୟଙ୍କ ସୁବିଧା ପାଇଁ ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅଫ ଇଣ୍ଡିଆ, ଡିଜିଟଲ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ମଧ୍ୟମରେ ନୂଆ ଭାରତ ଗଠନର ପ୍ରୟାସ କରୁଛନ୍ତି। ଆଜି ବିଦେଶ ଭୂଇଁରେ କୌଣସି ବି ସ୍ଥାନ ନାହିଁ, ଯେଉଁଠି ଭାରତୀୟମାନେ ନିବାସ କରୁନାହାନ୍ତି। ଆମର ବହୁସ୍ତରୀୟ ସଂସ୍କୃତିର ପ୍ରଭାବ ଦ୍ୱାରା ଭାରତୀୟମାନଙ୍କ ସମ୍ମାନ ବହୁ ଉଚ୍ଚରେ ରହିଛି। ●

ଭୁବନେଶ୍ୱର, ମୋ: ୯୭୭୭୭୪୪୦୭୧

## ବିକଶିତ କୃଷି, ବିକଶିତ ଭାରତ

**ଅଶୋକ କୁମାର ବରାଳ**

କୃଷି ଆମ ସଭ୍ୟତା ଓ ସଂସ୍କୃତ ସହିତ ଓତପ୍ରୋତ ଭାବରେ ଜଡ଼ିତ। କୃଷି ବିନା ପୃଥିବୀ ପୃଷ୍ଠରେ ମାନବ ସଭ୍ୟତା ତିଷ୍ଠିବା ଅସମ୍ଭବ। ଆଜି ଯଦି ମଣିଷ ପ୍ରାଣିଜଗତ ମଧ୍ୟରେ ଶ୍ରେଷ୍ଠ ହୋଇପାରିଛି, ତାହା ହେଉଛି କୃଷି ଓ କୃଷକର ଅବଦାନ। ଆଜିପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ମଣିଷ ଛଡ଼ା ଅନ୍ୟକୌଣସି ପ୍ରାଣୀ ନିଜେ ନିଜର ଖାଦ୍ୟ ପ୍ରସ୍ତୁତି କରି ଶିଖି ନାହାନ୍ତି। ତୃଣଭୋଜି ପ୍ରାଣୀ ଏବେ ବି ପ୍ରକୃତିପୃଷ୍ଠର ତୃଣ ଖାଇ ବଞ୍ଚୁଥିବା ବେଳେ ମାଂସାହାରି ପ୍ରାଣୀ ଖାଦ୍ୟ ଶୃଙ୍ଖଳାରେ ବଞ୍ଚି ରହିଛି।

ମଣିଷ ବଞ୍ଚିବାର ଯେଉଁ ଚାରୋଟି ମୌଳିକ ପଦାର୍ଥ ଆବଶ୍ୟକ ରହିଛି, ସେଥିମଧ୍ୟରୁ ଗୋଟିଏ ମୁଖ୍ୟ ଆବଶ୍ୟକତା ହେଉଛି 'ଖାଦ୍ୟ'। ଏହା କୃଷିରୁ ହିଁ ମିଳିଥାଏ। ସେହି ଖାଦ୍ୟ ଯୋଗାଇ ଦେଇଥାଏ କୃଷକ ଭାଇ, ଯାହାଙ୍କୁ ଆମେ 'ଅନ୍ନଦାତା' ଭାବେ ସମ୍ବୋଧିତ କରିଥାଉ। ଅନ୍ନଦାତା କୃଷକ ଭାଇମାନଙ୍କ ଅବିରତ ଖାଦ୍ୟଶସ୍ୟ ଉତ୍ପାଦନ ଓ ଯୋଗାଣ ଏବଂ ଦେଶର ସାମଗ୍ରିକ ଘରୋଇ ଉତ୍ପାଦନରେ ଅବଦାନକୁ ସ୍ୱୀକୃତି ଓ ସମ୍ମାନ ଦେବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚୌଧୁରୀ ଚରଣ ସିଂହଙ୍କ ଜନ୍ମଦିବସକୁ ପ୍ରତିବର୍ଷ ଆମଦେଶରେ କୃଷକ ଦିବସ ଭାବରେ ପାଳନ କରାଯାଉଛି। କୃଷି ଓ କୃଷକର ବିକାଶ ପାଇଁ ଚୌଧୁରୀ ଚରଣ ସିଂହଙ୍କ ଅବଦାନ ଅତୁଳନୀୟ। ସେ ଭଲଭାବରେ ବୁଝିଥିଲେ ଯେ କୃଷକମାନଙ୍କ ବିକାଶ ବିନା ମାନବ ସମାଜର ବିକାଶ କଳ୍ପନା କରାଯାଇ ନ ପାରେ। କୃଷକମାନଙ୍କୁ ଚାଷ ଜମିର ମାଲିକାନା ସ୍ୱତ୍ତ୍ୱ ପ୍ରଦାନ ପାଇଁ ସେ ପ୍ରଥମ ଜମିଜମା ସଂସ୍କାର ଆଣିଥିଲେ। ସେ ଗ୍ରାମୀଣ ବିକାଶ ସହିତ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରୁଥିଲେ।

ଆଜିର କୃଷି ଆଉ ସେ ସମୟର ପାରମ୍ପରିକ କୃଷି ହୋଇ ରହିନାହିଁ। ଖାଦ୍ୟ ପାଇଁ କୃଷି ଆଜି ବୃତ୍ତିରେ ପରିଣତ ହୋଇଛି। ବହୁ ଉଚ୍ଚଶିକ୍ଷିତ ଯୁବକଯୁବତୀ କୃଷିକୁ ବୃତ୍ତି ଭାବରେ ଗ୍ରହଣ କରିଛନ୍ତି। ୧୯୬୦ ଦଶକର ଦୁର୍ଭିକ୍ଷ ଓ ଖାଦ୍ୟାଭାବ ଜନିତ ଗଣମୃତ୍ୟୁ ଘଟଣା ପରେ ଆମ ଦେଶରେ ଆରମ୍ଭ ହୋଇଥଲା 'ସବୁଜ ବିପ୍ଳବ'। ଏହାର କର୍ଣ୍ଣଧାର ଥିଲେ ଭାରତରତ୍ନ ଏମ.ଏସ୍. ସ୍ୱାମୀନାଥନ। ରୋଗ/ପୋକ ପ୍ରତିଷେଧକ ଅଧିକ ଅମଳକ୍ଷମ ବିହନ ଉଦ୍ଭାବନ ଏବଂ ରାସାୟନିକ ସାରର ପ୍ରୟୋଗ ଫଳରେ ଦେଶରେ ବଢ଼ିଥିଲା ଖାଦ୍ୟଶସ୍ୟ ଉତ୍ପାଦନ। ଆମକୁ ଆଉ ନିର୍ଭର କରିବାକୁ ପଡ଼ି ନ ଥିଲା ଆମେରିକାର ପି .ଏଲ ୪୮୦ ଗହମ ବୋଝେଇ ଜାହାଜ ଉପରେ। ୧୯୯୦ ମସିହା ବେଳକୁ ଆମ ଦେଶ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ଲାଗିଲା। ଦେଶରେ ଅଧିକରୁ ଅଧିକ ଗହମ ଓ ଧାନ ଉତ୍ପାଦନ ହେଲା। ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ସହିତ ଡାଲି, ତୈଳବୀଜ ଓ ପନିପରିବା ଉତ୍ପାଦନ ମଧ୍ୟ ବଢ଼ିଲା। ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେଲା ଦେଶ, ଯେଉଁଥିରେ ରହିଥିଲା କୃଷକ ଭାଇଭଉଣୀମାନଙ୍କର ଅତୁଳନୀୟ ଅବଦାନ।

ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ କୃଷକ ଭାଇଭଉଣୀମାନଙ୍କୁ ବାଧ୍ୟ କରିଥିଲା ଆଧୁନିକ କୃଷିକୁ ଆପଣାଇବା ପାଇଁ। ଅଧିକ ଅମଳକ୍ଷମ ବିହନ ସହିତ ବ୍ୟବହାର କରିବାକୁ ପଡ଼ିଲା ସଙ୍କରଜାତୀୟ ବିହନ ଏବଂ ଆପଣେଇବାକୁ ପଡ଼ିଥିଲା ଯାନ୍ତ୍ରିକ କୃଷି। ଏହାଫଳରେ ଦେଶରେ ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ଦ୍ୱିଗୁଣିତ ହୋଇଥିଲା। ଏଥିସହିତ ତାଳଦେଇ ବଢ଼ିଥିଲା ଦେଶର ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ପାଳନ। କୃଷକ ଭାଇଭଉଣୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିରବଚ୍ଛିନ୍ନ ଉଦ୍ୟମ ବଳରେ ଆଜି ଆମ ଦେଶ ଖାଦ୍ୟ ଶସ୍ୟ ଉତ୍ପାଦନରେ ବଳକା ଦେଶ ହୋଇପାରିଛି। ଏବେ ଭାରତ ଅନ୍ୟ ଦେଶକୁ ଖାଦ୍ୟଶସ୍ୟ ରପ୍ତାନୀ କରୁଛି। ଏଥିପାଇଁ ଦେଶରେ ବୃଦ୍ଧି ପାଉଛି ବିଦେଶୀ ମୁଦ୍ରାର ପରିମାଣ। ଦେଶର ସାମଗ୍ରିକ ଘରୋଇ ଉତ୍ପାଦନକୁ କୃଷି ଓ କୃଷକର ଅବଦାନ ମଧ୍ୟ ଅତୁଳନୀୟ। ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ବିଶ୍ୱରେ ଦେଖା ଦେଇଥିବା ଆର୍ଥିକ ମାନ୍ଦାବସ୍ଥା ଏବଂ କୋଭିଡ-୧୯ ଭଳି ମହାମାରୀର ଆର୍ଥିକ କୁପ୍ରଭାବକୁ ଆମେ ଅକ୍ଳେଶରେ ସାମ୍ନା କରିପାରିଲୁ। ଏହାର କୌଣସି ପ୍ରଭାବ ଆମ ଦେଶ ଉପରେ ପଡ଼ି ନ ଥିଲା। ଦେଶର ଅର୍ଥନୈତିକ ଅଭିବୃଦ୍ଧି ପୂର୍ବଭଳି ବଳବତ୍ତର ରହିଥିଲା। ଆଜି ଆମ ଦେଶର ଆର୍ଥିକସ୍ଥିତି ଦିନକୁ ଦିନ ମଜଭୂତ ହେବାରେ ଲାଗିଛି। ଆମ ଦେଶ ଆଜି ବିଶ୍ୱର ୫ମ ବୃହତ ଅର୍ଥନୀତିରେ ପହଞ୍ଚିଛି।

କୃଷକ ଭାଇଭଉଣୀମାନଙ୍କ ପାଇଁ ଆଜି ଆମ ଦେଶରେ ଗତ ଏକଦଶନ୍ଧି ଧରି ସଫଳତାର ସହିତ କାର୍ଯ୍ୟକାରୀ ହେଉଛି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍। ଏହି ଆଇନ୍ ବଳରେ ଆଜି ଆଉ କାହାରିକୁ ଉପାସ ରହିବାକୁ ପଡୁନାହିଁ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦେଶର ପ୍ରାୟ ୭୦ ଭାଗ ଜନସାଧାରଣଙ୍କୁ ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଇଛି। ଏହି ଖାଦ୍ୟ ଶସ୍ୟକୁ ସରକାର ଚାଷୀଭାଇମାନଙ୍କଠାରୁ ମଣ୍ଡି ମାଧ୍ୟମରେ କିଣି ଏହାକୁ ଜନସାଧାରଣଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଯୋଗାଇ ଦେଉଛନ୍ତି। ଯାହାଫଳରେ କୃଷକ ଭାଇଭଉଣୀମାନଙ୍କୁ ତାଙ୍କ କୃଷି ଉତ୍ପାଦକୁ ବିକ୍ରି କରିବା ପାଇଁ ସୁବିଧା ହେଉଛି।

ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀମାନଙ୍କ ଆର୍ଥିକ ଅବସ୍ଥା ସୁଧାରିବାରେ ସହାୟକ ହୋଇପାରିଛି। ପ୍ରାକୃତିକ ଦୁର୍ବିପାକରେ ହେଉଥିବା କୃଷକର କ୍ଷତିଭରଣା କରୁଛି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା। ବାତ୍ୟା, ବନ୍ୟା, ମରୁଡ଼ି ଓ ଅଦିନିଆ ବର୍ଷାରେ ଫସଲହାନି ହେଲେ ଚାଷୀଙ୍କୁ ମିଳୁଛି କ୍ଷତିପୂରଣ। ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଆଣି ଦେଇଛି କୃଷକମାନଙ୍କ ପାଇଁ ବଡ଼ ସମସ୍ୟା। ଏଥିସହିତ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ଦ୍ୱାରା ବିଶ୍ୱ ବଜାରରେ ବଢ଼ିଛି କୃଷିଜାତ ଦ୍ରବ୍ୟ ବିକ୍ରିବଟାର ପ୍ରତିଯୋଗିତା। ଏହାକୁ ଆଖିଆଗରେ ରଖି ସରକାର ଜାତୀୟ କୃଷି ଖସଡ଼ା ପ୍ରସ୍ତୁତ କରିବା ଆବଶ୍ୟକ, ଯାହାଦ୍ୱାରା କୃଷକମାନଙ୍କ ରୋଜଗାରକୁ ବହୁଗୁଣିତ କରାଯାଇପାରିବ। କୃଷି ଓ କୃଷକର ବିକାଶରେ ନିର୍ଭର କରୁଛି ଦେଶର ବିକାଶ। ବିକଶିତ କୃଷକ ହିଁ ଯୋଗାଇବ ଉତ୍କୃଷ୍ଟ ଖାଦ୍ୟ ଶସ୍ୟ। ତେବେ ଯାଇ ପ୍ରତ୍ୟେକ ଭାରତୀୟ ହେବେ ସୁସ୍ଥ ଏବଂ ସମୃଦ୍ଧ। ●

ଜୟ କିଷାନ୍
ଭୁବନେଶ୍ୱର, ମୋ: ୯୪୩୮୦୪୧୦୭୦

## ଜଳବାୟୁ ପରିବର୍ତ୍ତନ ଓ ଗଛର ଆକାର ବୃଦ୍ଧି

**ଶ୍ରୀନନ**


**ବିଜ୍ଞାନ ବାର୍ତ୍ତା**

କ୍ରମେ ବଢ଼ି ବଢ଼ି ଚାଲିଥିବା ଜାଗତିକ ଉଷ୍ଣତା ଏବଂ ତାହାର ସବୁଠାରୁ ଭୟାନକ ପରିଣାମ ଜଳବାୟୁ ପରିବର୍ତ୍ତନ ପରିବେଶ ଓ ପରିସଂସ୍ଥା ଉପରେ ପକାଉଛି ଅନେକ ଆଶା କରିହେଉ ନଥିବା ବିଚିତ୍ର ପ୍ରଭାବ। ଗଛର ଦ୍ରୁତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ତହିଁରୁ ଅନ୍ୟତମ।

ବାୟୁରେ ଥିବା ଅଙ୍ଗାର (ଅଙ୍ଗାରକାମ୍ଳ ବାଷ୍ପ ରୂପେ) କୁ ଶୋଷଣ କରି ଗଛ ତା'ର ଖାଦ୍ୟ ଉତ୍ପନ୍ନ କରେ ଓ ବଢ଼େ। ଏହି ପ୍ରକ୍ରିୟା ହେତୁ ତହିଁରୁ ଉତ୍ପନ୍ନ ସେଲୁଲୋଜ ତା' କାଣ୍ଡର ଚାରିପାଖରେ ଜମାହୋଇ ଯେଉଁ କଠିନ ବସ୍ତୁ ସୃଷ୍ଟି କରେ, ତାହା ହେଲା କାଠ। ଗଛକୁ ଏହା ଦୃଢ଼ ହେବାକୁ ଦିଏ। ଫଳରେ ତାହାର ଝଡ଼, ପବନ, ବର୍ଷା ଆଦି ସହ୍ୟ କରିବା ଶକ୍ତି ବଢ଼େ।

ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ଯେ ଉତ୍ତର ଆମେରିକା ଓ ୟୁରୋପର ନାତିଶୀତୋଷ୍ଣ ଅଞ୍ଚଳରେ ଗଛଗୁଡ଼ିକ ଏବେ ବିଗତ ଶତାବ୍ଦୀ ତୁଳନାରେ ପ୍ରାୟ ୭୦ ଶତାଂଶ ଦ୍ରୁତ ବେଗରେ ବଢ଼ିବାକୁ ଲାଗିଛନ୍ତି। ପ୍ରଥମେ ଏହାକୁ ପରିବେଶ ପାଇଁ ଏକ ଶୁଭଲକ୍ଷଣ ବୋଲି ମନେ ହୋଇପାରେ। ଯେହେତୁ ଏଥିରୁ ମନେହୁଏ ଯେ ଏହା ଫଳରେ ଅଧିକରୁ ଅଧିକ ଅଙ୍ଗାର ଶୋଷଣ ହେଉଥିବ। ତେବେ ପ୍ରକୃତରେ କଥାଟା ସେଇଆ ନୁହେଁ। କାରଣ ଯଦିଓ ଅସାଧାରଣ ବୃଦ୍ଧି ହେତୁ ତାହା ମୋଟା ଓ ଉଚ୍ଚା ହେଉଛି; କିନ୍ତୁ ସେଗୁଡ଼ିକ ୮ ରୁ ୧୫ ଶତାଂଶ କମ୍ ସାନ୍ଦ୍ର ହେଉଛନ୍ତି। ଏ ପ୍ରକାର ଅବନତିର ଅର୍ଥ ହେଲା ଯେ ପ୍ରକୃତରେ ଗଛଗୁଡ଼ିକ ଆଗ ଅପେକ୍ଷା କମ୍ ଅଙ୍ଗାର ଶୋଷଣ କରୁଛନ୍ତି। ସେଥିପାଇଁ ତାହା କମ୍ ଦିନରେ ମରି ଯାଉଛନ୍ତି। ଅନ୍ୟପକ୍ଷରେ ଏ ଗଛଗୁଡ଼ିକର ଝଡ଼, ବର୍ଷା, ପବନ, ମାଧ୍ୟାକର୍ଷଣ ଆଦି ପ୍ରାକୃତିକ ଚାପ ସହ୍ୟ କରିବା ଶକ୍ତି କମ୍ ରହୁଛି।

ସାଧାରଣତଃ ଶୀଘ୍ର ବଢୁଥିବା ଗଛମାନଙ୍କର ଆୟୁଷ କମ୍ ବୋଲି ଜଣାପଡ଼ିଛି ବିବିଧ ଅଧ୍ୟୟନରୁ। ଏହାର କାରଣ ହେଲା ଯେ ସେଗୁଡ଼ିକ ଋତୁ ଉପରେ ନିର୍ଭର କରି ଅଲଗା ଅଲଗା ସମୟରେ ଭିନ୍ନ ଭିନ୍ନ ପ୍ରକାରର କାଠ ସୃଷ୍ଟି କରନ୍ତି। ଜଳବାୟୁ ପରିବର୍ତ୍ତନ ହେତୁ ଏହି ପ୍ରଜାତିର ଅଧିକ ବଢ଼ିବା ଋତୁ ଦୀର୍ଘ ହୋଇଥାଏ। ଫଳରେ ଏପରି ଗଛରେ ଜମା ହେଉଥିବା ସେହି ଋତୁ ସହିତ ସମ୍ପୃକ୍ତ ଶ୍ରେଣୀର କାଠ ଶୀଘ୍ର ଅଧିକ ପରିମାଣରେ ସୃଷ୍ଟି ହୁଏ, ଯାହାକି ସାଧାରଣତଃ ଦୁର୍ବଳ ଓ କମ୍ ସାନ୍ଦ୍ର ହୋଇଥାଏ।



ଏସବୁ କଥା ବିଚାରକୁ ନେଲେ ଉପସଂହାରରେ ଉପନୀତ ହେବାକୁ ପଡ଼େ ଯେ ଋତୁ ପରିବର୍ତ୍ତନର ପ୍ରଭାବରେ ସମୟକ୍ରମେ ଗଛ ଆକାର ଅଧିକ ବୃଦ୍ଧି ପାଇଲେ ହେଁ ତ'ଦ୍ୱାରା କମ୍ ଅଙ୍ଗାର ଶୋଷିତ ହୋଇ ଜୈବ-ବସ୍ତୁତ୍ୱରେ ପରିଣତ ହୁଏ। ଫଳରେ ତହିଁରୁ ଉତ୍ପନ୍ନ କାଠ ଦୁର୍ବଳ ହୁଏ। ଏ ପ୍ରକାର ଗଛର ଜଙ୍ଗଲର ଅଙ୍ଗାର ଶୋଷଣ ସାମର୍ଥ୍ୟ ମଧ୍ୟ କମ୍।

ଏହା ସତ୍ତ୍ୱେ ବି ଆମକୁ ମନେ ରଖିବାକୁ ହେବ ଯେ ଜଙ୍ଗଲଗୁଡ଼ିକ ହେଲେ ଜାଗତିକ ଉଷ୍ଣତା ହ୍ରାସର ସବୁଠାରୁ ପ୍ରଭାବଶାଳୀ ବ୍ୟବସ୍ଥା। ତେଣୁ ଏହାର ସଂରକ୍ଷଣ ଏବଂ ଚାରାରୋପଣ ଦ୍ୱାରା ଏହାକୁ ସମୃଦ୍ଧ କରିବା ପାଇଁ ଆମେ ଯତ୍ନଶୀଳ ହେବା ହିଁ କେବଳ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ କରିପାରିବ। ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଚର୍ଚ୍ଚିତ ବ୍ୟକ୍ତିତ୍ୱ


ରାଜନୈତିକ ଦୃଷ୍ଟିରୁ ୨୦୨୪ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ବର୍ଷ ପରୀକ୍ଷାର ସମୟ ଥିଲା। ମୁଖ୍ୟ ପରୀକ୍ଷା (ଲୋକସଭା ନିର୍ବାଚନ) ରେ କେହି ମ୍ୟାଜିକ ନମ୍ବର ଛୁଇଁ ପାରି ନ ଥିଲେ। ତେଣୁ ସର୍ବାଧିକ ଆସନ ଜିତିଥିବା ବିଜେପି ସହଯୋଗୀମାନଙ୍କୁ ନେଇ ସରକାର ଗଠନ କରିଥିଲା। ଆଉ ଦେଶ ମଧ୍ୟ ଏକ ମଜବୁତ ବିରୋଧୀ ଦଳ ପାଇଥିଲା। ଏହାପରେ ଆସିଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଶାସକ ଏବଂ ବିରୋଧୀଙ୍କୁ ମିଶ୍ରିତ ସଫଳତା ମିଳିଥିଲା। ଏପରି ସ୍ଥିତିରେ ବିଦାୟୀ ବର୍ଷରେ ନିଜ ନିଜ ଦଳର ମଙ୍ଗ ଧରିଥିବା ଓ କିଛି ଚର୍ଚ୍ଚିତ ବ୍ୟକ୍ତିବିଶେଷଙ୍କୁ ନେଇ ଆମର ବିଶେଷ ଉପସ୍ଥାପନା...

## ନରେନ୍ଦ୍ର ମୋଦୀ




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ଲୋକସଭା ନିର୍ବାଚନ ଲଢ଼ିଥିଲା। କିନ୍ତୁ ୪୦୦ ପାର୍ ସ୍ଲୋଗାନ ଦେଇଥିବା ବିଜେପି ବହୁମତ ବି ଛୁଇଁ ପାରି ନ ଥିଲା। ମାତ୍ର ସହଯୋଗୀ ଦଳଙ୍କ ସମର୍ଥନରେ ନରେନ୍ଦ୍ର ମୋଦୀ ପୁଣିଥରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ପରେ ଦ୍ୱିତୀୟ ନେତା ଭାବେ ମୋଦୀ କ୍ରମାଗତ ଭାବେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହି ସଫଳତା ପାଇଁ ଦେଶବିଦେଶରୁ ମୋଦୀଙ୍କୁ ଶୁଭେଚ୍ଛାର ସୁଅ ଛୁଟି ଥିଲା। ତେବେ ସରକାର ଏଥର ସହଯୋଗୀଙ୍କ ଚାପରେ କାମ କରିବେ ବୋଲି ବିରୋଧୀ ଅଭିଯୋଗ କରିଥିଲେ। ବଜେଟ୍ ଅଧିବେଶନରେ ମଧ୍ୟ ଏପରି ଦେଖିବାକୁ ମିଳିଥିଲା। ଏଥିରେ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ଆନ୍ଧ୍ର ପ୍ରଦେଶ ଏବଂ ନୀତୀଶ କୁମାରଙ୍କ ବିହାର ସରକାରଙ୍କୁ ସ୍ୱତନ୍ତ୍ର ସହାୟତା ଦିଆଯାଇଥିଲା। ଏହାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। ମଜବୁତ ନୁହେଁ ମଜବୁର (ଚାପରେ ପଡ଼ି) ସରକାର ବୋଲି କୁହାଯାଇଥିଲା। ୨୦ ସାଂସଦ ପାଇବା ସତ୍ତ୍ୱେ ଓଡ଼ିଶାକୁ ଅଣଦେଖା କରାଗଲା ବୋଲି କୁହାଯାଇଥିଲା। ସେହିପରି ଧାରା ୩୭୦ ଉଚ୍ଛେଦ ପରେ ହୋଇଥିବା ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ମୋଦୀ ମ୍ୟାଜିକର ପ୍ରଭାବ ପଡ଼ି ନ ଥିଲା। ମାତ୍ର ହରିୟାଣା ଏବଂ ମହାରାଷ୍ଟ୍ରରେ ତାଙ୍କ ନେତୃତ୍ୱରେ ଦଳ ଜିତିଥିଲା। ବିଦେଶରେ ମଧ୍ୟ ମୋଦୀଙ୍କ କ୍ରେଜ୍ ବଢ଼ି ଚାଲିଥିଲା। ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ମୋଦୀଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିବାବେଳେ କାନାଡ଼ାରେ ଖଲିସ୍ତାନୀ ଆତଙ୍କବାଦୀ ହର୍‌ଦୀପ ସିଂହ ନିଜ୍ଜାର ହତ୍ୟା, ବାଂଲାଦେଶ ସ୍ଥିତିକୁ ନେଇ ଭାରତକୁ ଦୋଷ ଦିଆଯାଇଥିଲା। ଅନ୍ୟପଟେ ଦ୍ୱିପାକ୍ଷିକ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ଅନେକ ମୁସ୍‌ଲିମ ଦେଶ ମୋଦୀଙ୍କୁ ନିଜର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରି ସମ୍ମାନିତ କରିଥିଲେ।

## ମୋହନ ଭାଗବତ




ଦେଶରେ ମନ୍ଦିର-ମସ୍‌ଜିଦକୁ ନେଇ ବିବାଦ ବଢୁଥିବାବେଳେ ହିନ୍ଦୁଙ୍କ ପାଇଁ ସମର୍ପିତ ପ୍ରମୁଖ ସଂଗଠନ ଆରଏସଏସର ମୁଖ୍ୟ ମୋହନ ଭାଗବତ ଚଳିତ ବର୍ଷ ସବୁଠୁ ଚର୍ଚ୍ଚାରେ ରହିଥିଲେ। ବିଜେପିଠାରୁ ଭିନ୍ନ ଆଭିମୁଖ୍ୟ ପୋଷଣ କରି ସେ ଶିରୋନାମାରେ ଥିଲେ। ଉତ୍ତର ପ୍ରଦେଶରେ ଗୋଟିଏ ପରେ ଗୋଟିଏ ମନ୍ଦିର-ମସ୍‌ଜିଦ ମାମଲା କୋର୍ଟକୁ ଯାଉଥିବାବେଳେ ବାରମ୍ବାର ସାମ୍ପ୍ରଦାୟିକ ପ୍ରସଙ୍ଗ ଉଠାଇ ଫାଇଦା ନେବାକୁ ଚାହୁଁଥିବା ନେତା ଏବଂ ଦଳକୁ ସେ ସମାଲୋଚନା କରିଥିଲେ। ସବୁ ମସ୍‌ଜିଦ୍‌ରେ ମନ୍ଦିର ନ ଦେଖିବାକୁ ସେ ପରାମର୍ଶ ଦେଇଥିଲେ। ଏପରି ବିବାଦ ଉଠାଇ ଲୋକେ ହିନ୍ଦୁ ନେତା ହେବାକୁ ଚାହୁଁଥିବା କହିଥିଲେ। ଖାଲି ରାମ ମନ୍ଦିର ନିର୍ମାଣ କରିଦେଲେ କେହି ହିନ୍ଦୁ ନେତା ହୋଇଯିବେ ନାହିଁ ବୋଲି ଭାଗବତ ମତ ଦେଇଥିଲେ। ଧର୍ମକୁ ଜାଣି ନ ଥିବା ଲୋକେ ଅତ୍ୟାଚାର ଏବଂ ଉତ୍ପୀଡ଼ନ ଦେଇଥାନ୍ତି ବୋଲି ମଧ୍ୟ କହିଥିଲେ। ସେହିପରି ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ଏବଂ ଆରଏସ୍ଏସ୍ ମଧ୍ୟରେ ବିବାଦ ହୋଇଥିବା କୁହାଯାଇଥିଲା। ନିର୍ବାଚନରେ ଆରଏସ୍ଏସ୍‌ର ସହଯୋଗ ଦରକାର ନାହିଁ ବୋଲି ବଜେପି ଅଧ୍ୟକ୍ଷ ଜେପି ନଡ୍ଡା କହିଥିଲେ। ଏହାକୁ ନେଇ ସଂଘ ଏବଂ ବିଜେପି ମଧ୍ୟରେ ଟଣାଓଟରା ଚାଲିଥିଲା। ଏହାର ଫଳ ଲୋକସଭା ନିର୍ବାଚନ ଫଳାଫଳରେ ଦେଖିବାକୁ ମିଳିଥିବା କୁହାଯାଇଥିଲା। ବିଭିନ୍ନ ପ୍ରସଙ୍ଗରେ ଆରଏସ୍ଏସ୍ ଏବଂ ବିଜେପି ମଧ୍ୟରେ ମତଭେଦ ରହୁଥିବାବେଳେ 'ପ୍ଲେସେସ୍ ଅଫ୍ ଓର୍ସିପ ଆକ୍ଟ' ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଏପରି ସ୍ଥିତିରେ ସରକାର କି ଆଭିମୁଖ୍ୟ ରଖୁଛନ୍ତି ତାହା ଦେଖିବା ବାକି ରହିଲା।

## ଏନ୍ ବୀରେନ ସିଂହ



ହିଂସା ସତ୍ତ୍ୱେ ଗାଦି ମାଡ଼ି ବସିଥିବା ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂହ କାଠ କଣ୍ଢେଇ ପାଲଟି ଯାଇଛନ୍ତି। ସେ ନାମକୁ ମାତ୍ର ପଦରେ ରହିଛନ୍ତି। କିଛି ବି କରୁନାହାନ୍ତି। ରାଜ୍ୟରେ ଜାରି ହିଂସାକୁ ନେଇ ତାଙ୍କୁ ବିରୋଧୀ ଏବଂ ନିଜ ଦଳର ବିଧାୟକ ଏପରି ଭାବେ ସମାଲୋଚନା କରୁଛନ୍ତି। ତାଙ୍କର ସ୍ଥାଣୁତା ଯୋଗୁଁ ରାଜ୍ୟରେ ହିଂସା ବନ୍ଦ ହେଉନାହିଁ। ଏହା ପଛରେ ତାଙ୍କ ହାତ ରହିଛି ବୋଲି ଅଭିଯୋଗ ଲାଗିଛି। ୨୦୨୩ ମେ' ୩ରୁ ଆରମ୍ଭ ହୋଇଥିବା କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ବନ୍ଦ କରିବାକୁ ସେ କିଛି ବି ପଦକ୍ଷେପ ନେଉ ନାହାନ୍ତି। ଏଥିପାଇଁ ଦଳର ମନ୍ତ୍ରୀ, ବିଧାୟକ ଏବଂ ମେଣ୍ଟ ସଦସ୍ୟ ତାଙ୍କୁ ବିରୋଧ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ପଦରୁ ବାହାର କରିବା ପାଇଁ ବିଜେପି ହାଇକମାଣ୍ଡଙ୍କ ନିକଟରେ ମଧ୍ୟ ଫେରାଦ ହୋଇଛନ୍ତି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଗତ ନଭେମ୍ବରରେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ଡାକିଥିବା ବୈଠକରେ ମନ୍ତ୍ରୀଙ୍କ ସହିତ ଅନେକ ବିଧାୟକ ମଧ୍ୟ ଉପସ୍ଥିତ ହୋଇ ନଥିଲେ।

## ଏକନାଥ ସିନ୍ଦେ



ଶିବସେନାରେ ବିଦ୍ରୋହ କରି ବିଜେପି ସହ ମେଣ୍ଟ ସରକାରରେ ମୁଖ୍ୟମନ୍ତ୍ରୀ ହୋଇଥିବା ଏକନାଥ ସିନ୍ଦେଙ୍କ ପାଇଁ ବିଦାୟୀ ବର୍ଷ ଭଟ୍ଟା ସାଜିଥିଲା। ମହାରାଷ୍ଟ୍ର ବିଧାନସଭାରେ ମହାୟୁତି ମେଣ୍ଟ ବିଜୟୀ ହେବା ସତ୍ତ୍ୱେ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ନା ସେ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ ନା ମିଳିଥିଲା ଗୃହ ବିଭାଗ। ମେଣ୍ଟରେ ତାଙ୍କୁ ଖାପଖୁଆଇ ରହିବାକୁ ବାଧ୍ୟ କରାଗଲା। ଏଥିପାଇଁ ସେ ରୁଷି ନିଜ ପୈତୃକ ଗାଁକୁ ମଧ୍ୟ ଚାଲି ଯାଇଥିଲେ। ଦେହ ଖରାପ ଥିବା ଦର୍ଶାଇ କିଛି ଦିନ ପାଇଁ ମୁମ୍ବାଇ ଫେରି ନ ଥିଲେ। ବିଜେପି ନେତା ଦେବେନ୍ଦ୍ର ଫଡ଼ନାଭିସଙ୍କ ଅଧିନରେ ସେ ଉପ-ମୁଖ୍ୟମନ୍ତ୍ରୀ ହେବେ ନାହିଁ ବୋଲି ଅଡ଼ି ବସିଥିଲେ। ଶେଷରେ ଫଡନାଭିସ ବୁଝାଇବାରୁ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ମନପସନ୍ଦର ବିଭାଗ ମଧ୍ୟ ଦିଆଯାଇ ନ ଥିଲା।

## ଡି ୱାଇ ଚନ୍ଦ୍ରଚୂଡ଼



ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି ୱାଇ ଚନ୍ଦ୍ରଚୂଡ଼ ବିଭିନ୍ନ ମାମଲାରେ ଦେଇଥିବା ରାୟ ପାଇଁ ବିଦାୟୀ ବର୍ଷରେ ଶିରୋନାମାରେ ଥିଲେ। ନିର୍ବାଚନୀ ବଣ୍ଡ ମାମଲାରେ ତାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଦେଇଥିବା ରାୟକୁ ସାରା ଦେଶରେ ପ୍ରଶଂସା କରାଯାଇଥିଲା। ସେ ନିର୍ବାଚନୀ ବଣ୍ଡକୁ ସମ୍ବିଧାନ ବିରୋଧୀ କହିଥିଲେ। ଏହା ଟଙ୍କା ଆଦାୟ କରିବା ପାଇଁ ଉଦ୍ଦିଷ୍ଟ। ପ୍ରକ୍ରିୟାରେ କୌଣସି ନିୟମକୁ ପାଳନ କରାଯାଇ ନ ଥିଲା ବୋଲି କହିଥିଲେ। ସେହିପରି ଇଭିଏମ ମାମଲାରେ ତାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଦେଇଥିବା ରାୟକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ବାରମ୍ବାର ଜାଲିଆତି ହେଉଥିବା ରିପୋର୍ଟ ପ୍ରକାଶ ପାଉଥିବାବେଳେ ସୁପ୍ରିମକୋର୍ଟ ଏହାକୁ ବୈଧ ଦର୍ଶାଇବାକୁ ବିରୋଧୀ ସହ୍ୟ କରିପାରି ନ ଥିଲେ। ଏହାକୁ ନେଇ କୌଣସି ମାମଲାରେ ରାୟ ସପକ୍ଷରେ ଆସିଲେ ଭଲ ଏବଂ ବିରୋଧରେ ଗଲେ ସୋସିଆଲ ମିଡିଆରେ ମୋର୍ଚ୍ଚା ଖୋଲି ବିରୋଧ କରିବା ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ଚନ୍ଦ୍ରଚୂଡ଼ କହିଥିଲେ। ଅନ୍ୟପଟେ ମହାରାଷ୍ଟ୍ରର ବିଦ୍ରୋହୀ ବିଧାୟକ ମାମଲାରେ ଶୁଣାଣି ବିଳମ୍ବିତ କରିବାକୁ ନେଇ ଚନ୍ଦ୍ରଚୂଡ଼ଙ୍କୁ ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ଭର୍ତ୍ସନା କରିଥିଲେ। ଚନ୍ଦ୍ରଚୂଡ଼ ଦେଶରେ ନିଆଁ ଲଗାଇ ଚାଲିଗଲେ ବୋଲି କହିଥିଲେ। ମହାରାଷ୍ଟ୍ରରେ ପରାଜୟ ପାଇଁ ତାଙ୍କୁ ଦାୟୀ କରିଥିଲେ।

## ଜଗଦୀପ ଧନଖଡ଼



ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ପାଇଁ ବିଦାୟୀ ବର୍ଷଟି ବିବାଦୀୟ ରହିଥିଲା। ବିରୋଧୀ ଦଳଗୁଡ଼ିକ ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ ଥିଲେ। ରାଜ୍ୟସଭା ଅଧ୍ୟକ୍ଷ ନିରପେକ୍ଷ ହେବା ପରିବର୍ତ୍ତେ ଗୃହରେ ପାତରଅନ୍ତର କରୁଥିବା କହିଥିଲେ। ବିରୋଧୀ ସଦସ୍ୟଙ୍କୁ ମଧ୍ୟ ଅପମାନିତ କରୁଥିଲେ। ଶାସକ-ବିରୋଧୀଙ୍କ ମଧ୍ୟରେ ଯେତିକି ଚର୍ଚ୍ଚା ହେଉ ନ ଥିଲା ଅଧ୍ୟକ୍ଷ ଏବଂ ବିରୋଧୀ ସାଂସଦଙ୍କ ମଧ୍ୟରେ ତାଠୁ ଅଧିକ କଥାକଟାକଟି ହେଉଥିଲା। ଅଭିନେତ୍ରୀ ତଥା ଏସ୍‌ପି ସାଂସଦ ଜୟା ବଚ୍ଚନ ହୁଅନ୍ତୁ ଅବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସମସ୍ତେ ଧନଖଡ଼ଙ୍କ ଅଯଥା ହସ୍ତକ୍ଷେପକୁ ବିରୋଧ କରୁଥିଲେ। ବିରୋଧୀଙ୍କ ପ୍ରତି ଅଧ୍ୟକ୍ଷଙ୍କ ଆକ୍ଷେପକୁ କେହି ସହ୍ୟ କରିପାରୁ ନ ଥିଲେ। ଆଦାନୀ, ମଣିପୁର, ଚାଷୀ ଆଦି ପ୍ରସଙ୍ଗରେ ଚର୍ଚ୍ଚାକୁ ଗ୍ରହଣ କରୁ ନ ଥିଲେ। ଶେଷରେ ଶୀତ ଅଧିବେଶନରେ ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ବିରୋଧୀ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ସେ ଶାସକ ଦଳର ସଦସ୍ୟଙ୍କ ପକ୍ଷ ନେଉଥିବା, ବିରୋଧୀ ଦଳଙ୍କୁ ସୁଯୋଗ ଦେଉ ନ ଥିବା ଏବଂ ଗୃହର ମର୍ଯ୍ୟାଦା ନଷ୍ଟ କରୁଥିବା ଅଭିଯୋଗ କରିଥିଲେ। ତେବେ ଏହି ପ୍ରସ୍ତାବକୁ ରାଜ୍ୟସଭା ଉପ-ସଭାପତି ଖାରଜ କରିଦେଇଥିଲେ। ଧନଖଡ଼ଙ୍କ ଛବିକୁ ଖରାପ କରିବା ପାଇଁ ଏହା ଅଣାଯାଇଥିବା କହିଥିଲେ। ଏହା ସହିତ ଅନାସ୍ଥା ପ୍ରସ୍ତାବରେ ନିୟମ ପାଳନ କରାଯାଇ ନ ଥିବା ଉଲ୍ଲେଖ କରିଥିଲେ।

## କଳ୍ପନା ସୋରେନ

ଓଡ଼ିଆ ଝିଅ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଚଳିତ ବର୍ଷ ଜାତୀୟ ରାଜନୀତିରେ ଚର୍ଚ୍ଚାରେ ଥିଲେ। ସ୍ୱାମୀଙ୍କ ପାଇଁ ଲଢ଼େଇ କରି ସେ ଝାଡ଼ଖଣ୍ଡର ସ୍ୱର ପାଲଟି ଯାଇଥିଲେ। ଆଉ ସଂଘର୍ଷରୁ ସଫଳତା ପାଇଥିଲେ। ରାଜ୍ୟ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ହରାଇ ଗାଣ୍ଡେ ଆସନରୁ ବିଜୟୀ ହୋଇଥିଲେ। ଜମି ଦୁର୍ନୀତି ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ସ୍ୱାମୀ ହେମନ୍ତଙ୍କୁ ଇଡି ଗିରଫ କରିବା ପରେ କଳ୍ପନା ମୁଖ୍ୟମନ୍ତ୍ରୀ ଭାବେ ମଙ୍ଗ ଧରିବେ ବୋଲି ଚର୍ଚ୍ଚା ହେଉଥିଲା। ମାତ୍ର ସେ ମୁଖ୍ୟମନ୍ତ୍ରୀ ନ ହୋଇ ସ୍ୱାମୀଙ୍କ ବିରୋଧରେ ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଉଚିତ ମଣିଥିଲେ। ସେ ସାରା ରାଜ୍ୟ ବୁଲି କେନ୍ଦ୍ର ଏବଂ ଏଜେନ୍ସିଗୁଡ଼ିକ ବିରୋଧରେ ପ୍ରଚାର କରିଥିଲେ। ବିରୋଧୀ ମେଣ୍ଟ ଇଣ୍ଡିଆର ବୈଠକରେ ସାମିଲ ମଧ୍ୟ ହୋଇଥିଲେ। ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲଙ୍କ ସହ ମିଶି ସେ କେନ୍ଦ୍ର ବିରୋଧରେ ମୋର୍ଚ୍ଚା ଖୋଲିଥିଲେ। ରାଜ୍ୟକୁ ଅସ୍ଥିର କରିବା ପାଇଁ କିଭଳି ଭାବେ ଷଡ଼ଯନ୍ତ୍ର କରାଯାଉଛି ତାହା ଉଲ୍ଲେଖ କରିଥିଲେ। ଶେଷରେ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରି ନିଜେ ମଧ୍ୟ ମୈଦାନକୁ ଓହ୍ଲାଇ ଥିଲେ। ଆଉ ସ୍ୱାମୀଙ୍କ ବିଜୟ ରଥର ସାରଥି ସାଜିଥିଲେ।

## ହେମନ୍ତ ସୋରେନ୍




ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପାଇଁ ଚଳିତ ବର୍ଷ ନାଟକୀୟ ଥିଲା। ବାରମ୍ବାର ତାଙ୍କୁ ପରୀକ୍ଷା ଦେବାକୁ ପଡ଼ିଥିଲା। ଅନେକ ଝଡ଼ଝଞ୍ଜା ସତ୍ତ୍ୱେ ସେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆଉ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ବିରୋଧୀଙ୍କ ମୁହଁ ବନ୍ଦ କରିଦେଇଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ହେମନ୍ତ ସୋରେନ ଜମି ଦୁର୍ନୀତି ମାମଲାରେ ଫସି ଥିଲେ। ଇଡି ତାଙ୍କ ବିରୋଧରେ ଏତଲା ଦାଏର କରିଥିଲା। ପରେ ଘରୁ ଗିରଫ କରିଥିଲା। ଏଥିପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ଏଥିପାଇଁ ତାଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ଜେଲ୍ ରହିବାକୁ ପଡ଼ିଥିଲା। ସେ ଜାମିନ ପାଇଁ ନିମ୍ନ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଦୌଡ଼ିଥିଲେ। ଶେଷରେ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ। ଜମି ଦୁର୍ନୀତି ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ତାଙ୍କର ଦୋଷ ନ ଥିବା କହିଥିଲେ। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ କୋର୍ଟ ସମାଲୋଚନା କରିଥିଲେ। ଜେଲ୍‌ରୁ ବାହାରିବା ପରେ ସେ ଚମ୍ପାଇ ସୋରେନଙ୍କୁ ହଟାଇ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ହେମନ୍ତଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲଢ଼ିଥିଲା। ଆଉ ଏଥିରେ ମେଣ୍ଟ ବୃହତ ବିଜୟ ହାସଲ କରିଥିଲା। ହେମନ୍ତ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ରାହୁଲ ଗାନ୍ଧୀ



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାଇଁ ବିଦାୟୀ ବର୍ଷ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ୨୦୧୯ ପରି ସେ ଚଳିତ ବର୍ଷ ଲୋକସଭା ନିର୍ବାଚନରେ ଦଳର ମଙ୍ଗ ଧରିଥିଲେ। ସେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ମଧ୍ୟ ଷ୍ଟାର ପ୍ରଚାରକ ଥିଲେ। ନିର୍ବାଚନରେ ଇଣ୍ଡିଆ ମେଣ୍ଟ ୨୩୪ ଆସନ ଜିତିଥିଲା। କେବଳ କଂଗ୍ରେସ ୯୯ଟି ଆସନ ପାଇଥିଲା। ଏହି ଦଳ ବିରୋଧୀ ଦଳର ମାନ୍ୟତା ପାଇଥିଲା। ପରେ ରାହୁଲ ପ୍ରଥମ ଥର ପାଇଁ ଲୋକସଭାର ବିରୋଧୀ ଦଳ ନେତା (ଦ୍ୱାଦଶ) ହୋଇଥିଲେ। ମଣିପୁର ହିଂସା ହେଉ କି ଚାଷୀ ଆନ୍ଦୋଳନ, ଦରଦାମ୍ ବୃଦ୍ଧି ହେଉ କି ଆଦାନୀ ପ୍ରସଙ୍ଗ ସବୁଥିରେ ସରକାରଙ୍କୁ ଘେରି ଚର୍ଚ୍ଚାରେ ରହିଥିଲେ। ମାତ୍ର ବିଦେଶରେ ଭାରତ ବିରୋଧୀ ମନ୍ତବ୍ୟ ଦେବାକୁ ନେଇ ସମାଲୋଚନାର ଶିକାର ହୋଇଥିଲେ। ତେବେ ରାଜ୍ୟ ବିଧାନସଭା ନିର୍ବାଚନରେ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ସେତେ ଭଲ ପ୍ରଦର୍ଶନ କରିପାରି ନ ଥିଲା। ଜମ୍ମୁ-କାଶ୍ମୀର, ଝାଡ଼ଖଣ୍ଡରେ ଦଳ ଅଧିକ ଆସନ ଜିତି ନ ଥିଲେ ବି ମେଣ୍ଟ ସରକାର ଗଠିତ ହୋଇଥିଲା। ତେବେ ମହାରାଷ୍ଟ୍ର ଏବଂ ହରିୟାଣାରେ ଦଳକୁ ବଡ଼ ଝଟ୍‌କା ଲାଗିଥିଲା। ସେହିପରି ଗତ ଶୀତ ଅଧିବେଶନରେ ସଂସଦ ପରିସରରେ ଅପ୍ରୀତିକର ଘଟଣା ଘଟିଥିଲା। ସଂସଦ ବାହାରେ କଂଗ୍ରେସ-ବିଜେପି ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ରାହୁଲ ଧକ୍କା ଦେବାରୁ ବିଜେପିର ଦୁଇ ସାଂସଦ ପଡ଼ି ଯାଇଥିଲେ ବୋଲି ଅଭିଯୋଗ ହୋଇଥିଲା।

## ପ୍ରିୟଙ୍କା ଗାନ୍ଧୀ ଭଦ୍ରା



କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀଙ୍କ ପାଇଁ ଚଳିତ ବର୍ଷ ସଫଳତା ଆଣି ଦେଇଥିଲା। ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ବିଫଳ ହେବା ପରେ ସେ ବିଦାୟୀ ବର୍ଷରେ ରାଜନୈତିକ କ୍ୟାରିୟର ଆରମ୍ଭ କରି ପ୍ରଥମ ଥର ପାଇଁ ଲୋକସଭାକୁ ଯାଇଥିଲେ। ଲୋକସଭା ନିର୍ବାଚନରେ ଦଳ ପାଇଁ ଷ୍ଟାର ପ୍ରଚାରକ ସାଜିଥିଲେ। ଭାଇ ଦୁଇଟି ଆସନରୁ ବିଜୟୀ ହେବା ପରେ ପାରମ୍ପରିକ ଆସନ ରାଏବରେଲି ରଖି ୱାଏନାଡ଼ ସଂସଦୀୟ କ୍ଷେତ୍ରକୁ ଛାଡ଼ି ଦେଇଥିଲେ। ଏଠାରୁ କଂଗ୍ରେସ ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କରିଥିଲା। ସେ ମଧ୍ୟ ଦଳର ବିଶ୍ୱାସ ବଜାୟ ରଖି ରେକର୍ଡ ଭୋଟ୍‌ରେ ବିଜେପି ପ୍ରାର୍ଥୀଙ୍କୁ ହରାଇ ଥିଲେ। ପ୍ରଥମ ଥର ନିର୍ବାଚିତ ହୋଇ ଜେଜେ ମାଆଙ୍କ ଭଳି ଶାଢ଼ୀ ପିନ୍ଧି ଶପଥ ଗ୍ରହଣ କରିଥିଲେ। ପ୍ରଥମ ଅଭିଭାଷଣରେ ସରକାରଙ୍କୁ ଘେରିଥିଲେ। ୱାଏନାଡ଼ ଭୂସ୍ଖଳନ ପୀଡ଼ିତଙ୍କ ସହିତ ଚାଷୀଙ୍କ ଦାବି ପୂରଣ ନ କରି ସରକାର ଧୋକା ଦେଉଥିବା କହିଥିଲେ।

### ୨୭ରେ ଖୋଲିବ ସରକାରୀ ମଣ୍ଡି

# ବାହାର ରାଜ୍ୟକୁ ଚାଲାଣ ହେଉଛି ଶହଶହ ଟନ୍ ଧାନ

ଭଦ୍ରକ, ୨୩।୧୨(ସମିସ)




ଭଦ୍ରକରେ ସରକାରୀ ଧାନମଣ୍ଡି ଖୋଲିନାହିଁ। ଆସନ୍ତା ୨୭ରେ ଖୋଲିବ। କିନ୍ତୁ ଗତ ୧୫ଦିନ ହେବ ରାଜ୍ୟ ବାହାରର ଧାନ ବେପାରୀ ଏବେ ଜିଲ୍ଲାର ଗାଁ ଗଣ୍ଡାରେ ପସରା ମେଲାଇ ଚାଷୀଙ୍କ ଧାନକୁ ବୋହି ନେଲେଣି। ସରକାର କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ମୂଲ୍ୟ ସହିତ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସବସିଡି (କଥିତ ବୋନସ) ଘୋଷଣା ସତ୍ତ୍ୱେ ତାହା ଚାଷୀଙ୍କୁ ବିଶେଷ ପ୍ରଭାବିତ କରୁନଥିବା ଲକ୍ଷ୍ୟ କରାଯାଉଛି। ସରକାରୀ ମଣ୍ଡି ଖୋଲିବା ଯାଏ ଧୈର୍ଯ୍ୟ ରଖିପାରୁନଥିବା ଚାଷୀ କ୍ୱିଣ୍ଟାଲ ପିଛା ୧୭୦୦ ଟଙ୍କାରେ ବାହାର ବେପାରୀକୁ ଧାନ ବିକ୍ରି କରୁଛି। ଆଉ ନିକଟକରେ ଲଗାଣ ବର୍ଷା ଯୋଗୁଁ ଧାନ ଭିଜିଛି। ତେଣୁ ଏହି ଧାନକୁ କଟ୍‌ନୀ ଛଟନୀ ଆଳରେ ସରକାରୀ ମଣ୍ଡି ନେବାକୁ ବହୁ କଟକଣା କରିବାର ଭୟରେ ବି ଅନେକ ଚାଷୀ ଗତ ୨ଦିନ ହେବ ବାହାର ରାଜ୍ୟର ଦଲାଲଙ୍କ ହାତରେ ବର୍ଷକର ଅମଳ ଦେବାକୁ ନିରାପଦ ମଣୁଛନ୍ତି। ଆଉ ଏହାର ସୁଯୋଗର ସଦ୍‌ପୁଯୋଗ କରି ବାହାର ରାଜ୍ୟର ବେପାରୀମାନେ ଚାଷୀଙ୍କ ଖଳାରୁ ଧାନ ଉଠାଇ ନେଉଛନ୍ତି। ଏମିତି ଦୈନିକ ଶହଶହ ଟନ ଧାନ ଏବେ ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ନଜରକୁ ଆସିଛି।

ପ୍ରକାଶ ଥାଉକି, ଅକ୍ଟୋବରରୁ ଖରିଫ ଋତୁ ଆରମ୍ଭ ହୋଇଥିଲେ ବି ଭଦ୍ରକ ଜିଲ୍ଲାରେ ଏଥରକ ଡିସେମ୍ବର ୨୭ତାରିଖରେ ଧାନମଣ୍ଡିର ଶୁଭାରମ୍ଭ କରାଯିବ ବୋଲି ଘୋଷଣା ଯାଇଛି। ଡିସେମ୍ବର ଶେଷରେ ଧାନ କିଣା ଆରମ୍ଭ କରି ମାର୍ଚ୍ଚ ଶେଷ ସୁଦ୍ଧା କିଣା ସାରିବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ। ତେବେ ବହୁ ଚାଷୀ ଆଗୁଆ ଧାନ ବିକିବାକୁ ଇଚ୍ଛୁକ ଅଥବା ବାଧ୍ୟ ହେଉଥିଲେ ବି ସେମାନଙ୍କ ପାଖେ ରାଜ୍ୟ ବାହାରର ବେପାରୀଙ୍କ ଛଡା ଅନ୍ୟ ବିକଳ୍ପ ନାହିଁ। ତିହିଡ଼ି ଅଞ୍ଚଳର ଚାଷୀ ଯଦୁମଣି ପାଣିଗ୍ରାହୀ କୁହନ୍ତି, ଅମଳ ପରେ ଚାଷୀର ଲକ୍ଷ୍ୟ କେମିତି କରଜ ସୁଝିବ। ତା'ଛଡା ପ୍ରଥମାଷ୍ଟମୀରେ ସବୁ ଚାଷୀ ପରିବାରର ଅନେକ ଖର୍ଚ୍ଚ ଥାଏ। ତେଣୁ ପ୍ରଥମାଷ୍ଟମୀରୁ ଚାଷୀ ଧାନ ବିକିବାକୁ ବ୍ୟସ୍ତ ହୁଏ। ଡିସେମ୍ବର ଶେଷ ଯାଏ ଖଳାରେ ଧାନକୁ ସାଇତିବା ଅନେକଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ନିକଟରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବି ଧାନ ଭିଜିଛି। ଏତିକିବେଳେ ସରକାରୀ ମଣ୍ଡି ଯେତେବେଳେ ଖୋଲିବାର ସମୟ ହୋଇନଥିବାରୁ ବର୍ଷା ପୂର୍ବରୁ ଓ ପରେ ଚାଷୀ ବର୍ଷକର ଉପାର୍ଜନ ଧାନକୁ ବାହାର ରାଜ୍ୟର ଦଲାଲକୁ ବିକିବାକୁ ବାଧ୍ୟ ହୋଇଛନ୍ତି। ଆଗକୁ ଧାନକିଣାରେ ମାନ ଯାଞ୍ଚ ସମସ୍ୟା ଯୋଗୁଁ ବି ଅନେକ ଚାଷୀ କମ ଦରରେ ହେଉ ପଛକେ ଧାନ ବିକିବାକୁ ଅନେକ ବାଧ୍ୟ ହେଉଛନ୍ତି।

ପ୍ରାପ୍ତ ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାରୁ ଦୈନିକ ୭୦ରୁ ୧୦୦ ଟ୍ରକ୍ ଧାନ ବାହାରକୁ ଚାଲାଣ ହେଉଛି। ଧାନ କ୍ରୟ/ବିକ୍ରୟ ଉପରେ ସରକାରଙ୍କ କିଛି କଟକଣା ନାହିଁ। କେବଳ ଏହି ବେପାରୀଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟର ୨ପ୍ରତିଶତ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମସି)ର ଶୁଳ୍କ ଦେବାକୁ ପଡୁଛି। ଅର୍ଥାତ ଚାଷୀ ଠାରୁ କ୍ୱିଣ୍ଟାଲ ପିଛା ୧୭୦୦ ଟଙ୍କାରେ ଧାନ କିଣୁଥିବା ବେପାରୀ ସରକାର/ ଆର୍‌ଏମସିକୁ କିନ୍ତୁ ୨୩୦୦ ଟଙ୍କା ଉପରେ ୨ପ୍ରତିଶତ ହିସାବରେ କ୍ୱିଣ୍ଟାଲ ପିଛା ୪୬ ଟଙ୍କା ଶୁଳ୍କ ପଇଠ କରୁଛି। ଏହାଦ୍ୱାରା ଆର୍‌ଏମସିର ଆୟ କମୁନି, ବେପାରୀ ମାଲାମାଲ ହେଉଛି। ହେଲେ ବିଚରା ଚାଷୀଟି ଲାଭବାନ ହେଉନି ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ସରକାର ଏଥରକ ଅତିରିକ୍ତ ସହାୟତାକୁ ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରିଛନ୍ତି ସତ ହେଲେ ଚାଷୀକୁ ଉତ୍ତମ ଗୁଣାବତ୍ତା ମାନର ଧାନ (ଏଫ୍‌ଏକ୍ୟୁ ମାନ) ମଣ୍ଡିକୁ ଆଣିବାକୁ ପଡ଼ିବ ବୋଲି ଘୋଷଣା କରାଯାଇଛି। ଧାନର ମାନ ଠିକ୍ ନହେଲେ ମଣ୍ଡିରୁ ଧାନ ଫେରାଇ ଦିଆଯିବ ବୋଲି ରୋକଠୋକ୍ ପ୍ରଚାର କରାଯାଇଥିବାରୁ ବହୁ ଚାଷୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆଉ ଲଗାଣ ବର୍ଷାରେ ଭିଜିଥିବା ଚାଷୀର ଉତ୍ପାଦିତ ଧାନ ସରକାରୀ ମାନକୁ ଛୁଇଁପାରିବ କି ନାହିଁ ତାକୁ ନେଇ ଚିନ୍ତା ଦ୍ୱିଗୁଣିତ ହୋଇଛି ଚାଷୀଙ୍କର। ଏହି ଫାଇଦା ସିଧାସଳଖ ବାହାର ରାଜ୍ୟର ବେପାରୀଙ୍କୁ ସୁହାଉଥିବା ପରିଲକ୍ଷିତ ହୋଇଛି।

## ଗମନାଗମନରେ ବାଧା ସୃଷ୍ଟି କରୁଛି ଅଧପନ୍ତରିଆ ରାସ୍ତା



ବନ୍ତ/ଆଗରପଡ଼ା, ୨୩।୧୨(ସମିସ): ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ମଙ୍ଗୁଳି ଠାରୁ ଗଣିଜାଙ୍ଗ ଭାୟା ଗୋପାଳପୁର, ଆମ୍ବଗଡ଼ିଆ ରାସ୍ତା ନିର୍ମାଣ ଅଧପନ୍ତରିଆ ପଡ଼ିରହିଛି। ଏହି ୮.୫୦୦ କିମି ଦୂରତ୍ୱ ବିଶିଷ୍ଟ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିବା ସହ ମରଣଯନ୍ତା ପାଲଟିଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତାକୁ ତାଡ଼ି ମେଣ୍ଟାଲ ପକାଇ ତା' ଉପରେ ଚିପ୍ସଗୁଣ୍ଡ/ଡଷ୍ଟ ବିଛାଯାଇଥିଲା। ଏହି କାର୍ଯ୍ୟ ସରିବାକୁ ୪ମାସ ବିତିବାକୁ ବସିଥିବା ବେଳେ ରାସ୍ତା ଉପରେ ପିଚୁ ପକାଇବା ବିଳମ୍ବ ହେଉଥିବାରୁ ବିଛାଯାଇଥିବା ମେଣ୍ଟାଲ ଗୁଡ଼ିକ ଉପରକୁ ଉଠି ଗମନାଗମନରେ ବିପଦ ସୃଷ୍ଟି କରିବା ସହ ବିଛାଯାଇଥିବା ଡଷ୍ଟ ଉପରେ ସରକାରୀ ନିୟମ ଅନୁସାରେ ପାଣି ଛିଞ୍ଚଣ କରାଯାଉନଥିବାରୁ ଏହା ଉଡିବା ସହ ଏହାର ଧୂଳିଧୂଆଁରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସଂପୃକ୍ତ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏହିପରି ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଉକ୍ତ ଅଞ୍ଚଳ ପାଇଁ ମୁଖ୍ୟ ରାସ୍ତାଥିବାରୁ ଏହା ସାବିତ୍ରୀ ପୀଠ, ଓଡ଼ଙ୍ଗ, ଆଗରପଡ଼ା, ଟିଲୋ, କାଦବରାଙ୍ଗ ଓ ଅନ୍ୟଏକ ପାର୍ଶ୍ୱ ଗୋପାଳପୁର, ଗଣିଜାଙ୍ଗ ଦେଇ ମୁଖ୍ୟ ରାସ୍ତାକୁ ସଂଯୋଗ କରିଛି। ଉକ୍ତ ରାସ୍ତା ବିଭିନ୍ନ ସ୍ଥାନକୁ ସଂଯୋଗ କରିଥିବାରୁ ଓ ଉକ୍ତ ଅଞ୍ଚଳର ଚାଷୀମାନେ ବହୁପରିମାଣରେ ପରିବା ଚାଷ କରୁଥିବାରୁ ବିଭିନ୍ନ ଅଞ୍ଚଳର ଚାଷୀଙ୍କ ସହ ଜନସାଧାରଣ ସମସ୍ୟାରେ ସମ୍ମୁଖିନ ହେଉଛନ୍ତି। ତେଣୁ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଏହାର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଶ୍ରୀବୈରାଗୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ଅସୁରାଳି, ୨୩।୧୨(ସମିସ): ଅସୁରାଳିସ୍ଥିତ ଶ୍ରୀବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସତ୍ୟସୁନ୍ଦର ପାଢିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିବରଣୀ ପାଠ କରିଥିଲେ ପ୍ରଧାନ ଗୁରୁଜୀ ନିତ୍ୟାନନ୍ଦ ପତି। ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁଖ୍ୟବକ୍ତା ଭାବେ ଡ. ନରୋତ୍ତମ ପରିଡ଼ା, ସଭାପତି ଶିକ୍ଷା ବିକାଶ ସମିତି, ପୂର୍ବୋତ୍ତର ସମ୍ଭାଗ ସଙ୍କୁଳ ପ୍ରମୁଖ ସନ୍ତୋଷ ସାହୁ, ଉପଦେଷ୍ଟା ଶକ୍ତିଶ୍ରୀ ଉତ୍କଳ ଭୂଷଣ ନାୟକ, ସରପଞ୍ଚ ମିନତି ସାହୁ, ସମ୍ପାଦକ ଦୀପକ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଦାମୋଦର ନାୟକ ଅତିଥି ପରିଚୟ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପକ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଭିଭାବିକା ସବିତାରାଣୀ ଦାସ, ପୂର୍ବତନ ସମ୍ପାଦକ ସଦାନନ୍ଦ ଦାଶ ଓ ବିଦ୍ୟାଳୟର ଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା କରାଯାଇଥିଲା। ସଂଗ୍ରାମକେଶରୀ ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥିଙ୍କ ଦ୍ୱାରା 'ଶିଶୁ ଶକ୍ତି' ବାର୍ଷିକ ପତ୍ରିକା ଉନ୍ମୋଚିତ କରା ଯାଇଥିଲା। ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନା ଦ୍ୱାରା ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏଏମ୍‌ବି ସ୍କୁଲର ବାର୍ଷିକ ଉତ୍ସବ ପାଳିତ



ଦୋବଲ, ୨୩।୧୨(ସମିସ): ଦୋବଲ କାଳୀପଡ଼ିଆ ଠାରେ ଏଏମ୍‌ବି ଇଂଲିଶ ମିଡିୟମ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ମୁଖ୍ୟ ଏମ୍‌ଡି ଆଜାଦ ଅଲ୍ଲୀ ମୁଖ୍ୟଅତିଥି, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ଶିକ୍ଷକ ମନୋଜ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷିରେ ପ୍ରତିବର୍ଷ ୧୫ଜଣ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ଓମ୍ ପ୍ରକାଶ ବେହେରା, ରଣେନ୍ଦ୍ର ପ୍ରତାପ ପଲତା, ଅବଦୁଲ ରହେମାନ, ଜିବନ ସାମଲ, ଶୈଳବାଳା ସିଂ, ପ୍ରମିଳା ଦାସ, ମହେନ୍ଦ୍ର ଜେନା, ବିଦ୍ୟାଧର ପଣ୍ଡା ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଧାମନଗର ବ୍ଲକରେ ମିଳିତ ଜନଶୁଣାଣି ଶିବିର



ଧାମନଗର, ୨୩।୧୨(ସମିସ): ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଧାମନଗର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୧୯ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୯୭ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗଥିଲା। ଏଥି ମଧ୍ୟରୁ ତତ୍‌କ୍ଷଣାତ ୪ଟି ସମସ୍ୟା ସମାଧାନ କରାଯାଇଥିଲା। ରେଡକ୍ରସ ତରଫରୁ ନେଞ୍ଚରା ଗ୍ରାମର ନିରୂପମା ସାହୁଙ୍କୁ ୩ ହଜାର ଟଙ୍କା ଏବଂ ଫତେପୁର ଗ୍ରାମର ବାସନ୍ତୀ ସ୍ୱାଇଁଙ୍କୁ ୨ ହଜାର ଟଙ୍କା ରେଡ୍‌କ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ଏହି ଶୁଣାଣି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଧାମନଗର ବିଡିଓ ବନବିହାରୀ ଦିଣ୍ଡା ଓ ତହସିଲଦାର ଦୀପକ କୁମାର ଦାସ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଭଦ୍ରକ ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକସ୍ତରୀୟଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ। ଆଗତ ସମସ୍ତ ଅଭିଯୋଗ ସବୁର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ଅଲୋଡ଼ା ହୋଇପଡ଼ିଛି ମାର୍କେଟ କମ୍ପ୍ଲେକ୍ସ

ବନ୍ତ/ଆଗରପଡ଼ା, ୨୩।୧୨(ସମିସ): ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବ୍ୟବହାର ଯୋଗ୍ୟ ହୋଇ ନପାରି ଅଲୋଡ଼ା ହୋଇ ପଡ଼ିରହିଛି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ; ଗୋପିନାଥପୁର ପଞ୍ଚାୟତ ପକ୍ଷରୁ ଆଗରପଡ଼ା ବଜାରଠାରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ନିର୍ମିତ ହେବାର ବର୍ଷାଧିକ କାଳ ପରେ ମଧ୍ୟ ବ୍ୟବହାର ହୋଇପାରିନାହିଁ। ସେହିପରି କାଦବରାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବହୁ ବର୍ଷ ପରେ ମଧ୍ୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ନିର୍ମାଣାଧିନ ୪ ଗୋଟି ଗୃହରୁ ବର୍ତ୍ତମାନ ଗୋଟିଏ ଗୃହ କାର୍ଯ୍ୟକ୍ଷମ ହୋଇଥିବା ଜଣାପଡ଼ିଛି। ଓଡ଼ଙ୍ଗ ପଞ୍ଚାୟତର ଓଡ଼ଙ୍ଗ ଗ୍ରାମରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ସିଏଫସି ପାଣ୍ଠିରୁ ୨ଲକ୍ଷ୧୬ହଜାର୯୨ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କଂପ୍ଲେକ୍ସ ବ୍ୟବହାର ଯୋଗ୍ୟ ହୋଇନପାରି ଗୋରୁଗାଈଙ୍କ ବିଶ୍ରାମସ୍ଥଳୀ ପାଲଟିଛି। ୪ଗୋଟି ଗୃହମଧ୍ୟରୁ ଗୋଟିଏ ଗୃହରେ ଜନସେବା କେନ୍ଦ୍ର ଖୋଲିଥିବା ବେଳେ ଆଉ ୩ଗୋଟି ଗୃହ ବନ୍ଦ ହୋଇ ପଡ଼ିରହିଛି। ଜାମବଣୀ ଛକ ଠାରେ ପଞ୍ଚାୟତ ସମିତି ଭଦ୍ରକ ଆନୁକୂଲ୍ୟରେ କାଉପୁର ପଞ୍ଚାୟତ ତରଫରୁ ସିଏଫସି ପାଣ୍ଠିରୁ ମଞ୍ଜୁର ହୋଇଥିବା ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇପାରି ନଥିଲା। ଏହାକୁ ସଂପୂର୍ଣ୍ଣ କରିବା ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଏସ୍‌ଏଫସି ପାଣ୍ଠିରୁ ପୁଣି ୨ ଲକ୍ଷ ଟଙ୍କା ମଂଜୁର କରାଯାଇଥିଲା। ୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ସୁଦ୍ଧା କଂପ୍ଲେକ୍ସଟି କାର୍ଯ୍ୟକ୍ଷମ ହୋଇପାରୁନଥିଲା। ଉକ୍ତ ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କଂପ୍ଲେକ୍ସରେ ଥିବା ୩ଗୋଟି ଗୃହ ମଧ୍ୟରୁ ଗୋଟିଏ ଗୃହ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଅନ୍ୟ ୨ଗୋଟି ଗୃହ ବନ୍ଦ ପଡ଼ିଛି। କାର୍ଯ୍ୟାଦେଶକୁ ୮ବର୍ଷ ପୂରିସାରିଥିଲେ ସୁଦ୍ଧା ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ମାଣ ପରେ ମଧ୍ୟ ଏହା କାର୍ଯ୍ୟରେ ଲାଗି ପାରୁନଥିବାରୁ ସରକାରଙ୍କ ରାଜସ୍ୱ ହାନି ଘଟୁଛି। ପଞ୍ଚାୟତବାସୀ ଅଧିକ ଅର୍ଥ ବ୍ୟୟରେ ଦୋକାନ ଘର ଭଡ଼ାସୂତ୍ରରେ ନେଉଥିବା ଦେଖିବାକୁ ମିଳୁଛି। କେବଳ ଜନସେବା କେନ୍ଦ୍ର ଓ ଗ୍ରାମୀଣ ଡାକ ସେବା ଆଦିରେ ଉକ୍ତ ଗୃହ ବ୍ୟବହାର ହେଉଥିବା ଜଣାପଡ଼ିଛି।



## ଅବହେଳିତ ବନ୍ତ ତହସିଲ୍

ବନ୍ତ/ଆଗରପଡ଼ା, ୨୩।୧୨(ସମିସ): ବନ୍ତ ତହସିଲର ପ୍ରତିଷ୍ଠାକୁ ଇତି ମଧ୍ୟରେ ୨୭ ବର୍ଷ ପୂରିବା ସହ ନୂତନ ଗୃହ ନିର୍ମାଣର ଶୁଭ ଉଦ୍‌ଘାଟନକୁ ୧୪ବର୍ଷ ପୂରି ସାରିଥିଲେ ସୁଦ୍ଧା ଏହାର ରୂପରେଖରେ କୌଣସି ପରିବର୍ତ୍ତନ ହୋଇପାରୁନଥିବାରୁ ଏହା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଉକ୍ତ କାର୍ଯ୍ୟାଳୟ ଉପରେ ୬ଟି ଆର୍‌ଆଇ ସର୍କଲ ଏବଂ୨୦୬ଟି ରାଜସ୍ୱ ଗ୍ରାମର ଏକଲକ୍ଷ ଜନ ସଂଖ୍ୟା ନିର୍ଭର କରିଥାନ୍ତି। ବର୍ଷବର୍ଷ ଧରି କର୍ମଚାରୀଙ୍କ ଅଭାବ ପରିପୂରଣ ହୋଇପାରୁନଥିବାରୁ ଏହି କାର୍ଯ୍ୟାଳୟ ଅଧୀନରେ ୧୪ରୁ ଊର୍ଦ୍ଧ୍ୱ ବିଭାଗ ଥିବା ବେଳେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସଂପାଦନ ମଧ୍ୟ ହୋଇପାରୁନଥିବା ପରିଲକ୍ଷିତ ହେଉଛି। ଫଳରେ ବହୁ ଦୂରଦୁରାନ୍ତରରୁ ବିଭିନ୍ନ କାର୍ଯ୍ୟନେଇ ତହସିଲକୁ ଆସୁଥିବା ଲୋକେ ନିରାଶରେ ଫେରୁଛନ୍ତି। ଏହି କାର୍ଯ୍ୟାଳୟରେ କିରାଣି ଓ ଅମିନଙ୍କ ଅଭାବ ଦୀର୍ଘବର୍ଷ ହେବ ପରିଲକ୍ଷିତ ହେଉଛି। ଆବଶ୍ୟକୀୟ କର୍ମଚାରୀ ଅଭାବରୁ ବର୍ଷବର୍ଷ ଧରି ପଡ଼ିରହିଥିବା ମାମଲାର ବିଚାରରେ ଅହେତୁକ ବିଳମ୍ବ ହେଉଛି। ଉକ୍ତ କାର୍ଯ୍ୟାଳୟରେ ଚାରିଜଣ ଅମିନଙ୍କ ଆବଶ୍ୟକତା ଥିବା ବେଳେ ତିନିଜଣ ଅମିନଙ୍କଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନରେ ସମସ୍ୟା ଦେଖାଯାଉଛି। ପୂର୍ବ ବର୍ଷରୁ ପଡ଼ିରହିଥିବା ଶତାଧିକ ଡିମାର୍କେସନ ମାମାଲାର ଫଇସଲା ହୋଇପାରୁନି। କମ୍ପ୍ୟୁଟର ଦାୟିତ୍ୱରେ ନିୟୋଜିତ ହୋଇଥିବା ଡାଟାଏଣ୍ଟ୍ରି ଅପରେଟରଙ୍କ ଦ୍ୱାରା କମ୍ପ୍ୟୁଟରରେ ହେଉଥିବା ଖତିଆନ, ବିଭିନ୍ନ ମାମାଲାର ଆଦେଶ, ରେକର୍ଡପତ୍ର ସଂଶୋଧନ, ସ୍ଥାୟୀ ବାସିନ୍ଦା, ଜାତିଗତ, ଅର୍ଥନୈତିକ, ଉତ୍ତରାଧିକାରୀ, ଜନ୍ମ ଓ ମୃତ୍ୟୁ ଆଦେଶ ପ୍ରଦାନରେ ନାନା ସମସ୍ୟା ଦେଖାଯାଉଛି। ସେହିପରି ଉକ୍ତ କାର୍ଯ୍ୟାଳୟରେ ଗତ ତିନିବର୍ଷ ହେବ ପ୍ରୋସେସର (ନୋଟିସର) ପଦବି ଶୁନ୍ୟ ପଡ଼ିଥିଲେ ମଧ୍ୟ ତାହା ମଧ୍ୟ ପୂରଣହେଉନି।

## ପାଠାଗାର ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ବୈଠକ

ଧାମନଗର, ୨୩।୧୨(ସମିସ): ଧାମନଗର ହାଇସ୍କୁଲ ପୁରାତନ ଛାତ୍ର ତଥା ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ବିଶ୍ୱାଳଙ୍କ ସ୍ମୃତିରେ ବିଦ୍ୟାଳୟରେ ଏକ ପାଠାଗାର କେନ୍ଦ୍ର ଉଦ୍‌ଘାଟନ ନିମିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ସ୍ମାରକୀ କମିଟି ସଭାପତି ରସାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ, ପ୍ରଧାନ ଶିକ୍ଷକ ଚିତରଞ୍ଜନ ସେନାପତି, ବରିଷ୍ଠ ନାଗରିକ ସଭାପତି ଅନୀଲ ବାରିକ, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା, ଓକିଲ ସଂଘର ସଭାପତି ଅଶୋକ ଦାସ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଉପସଭାପତି ବିଜୟ ରାମ, ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ରଜତ ପଣ୍ଡା, ବିଜେଡି ନଗର ସଭାପତି ସୁଶାନ୍ତ ରାଉତ, ଶିକ୍ଷାବିତ୍ ହୃଦାନନ୍ଦ କର, ମହେଶ୍ୱର ସ୍ୱାଇଁ, ସେକ ଅବଦୁଲ ହାକିମ, ଗୋଲାମ ଜିଲାନି ହବିବି, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ରାମଚନ୍ଦ୍ର ସାହୁ, ନରେନ୍ଦ୍ର ମଲ୍ଲିକ, ପ୍ରଧାନ ଶିକ୍ଷକ ମନୋଜ ସିଂହ, ପ୍ରଦୀପ ମହାପାତ୍ର, ଆଇନଜୀବୀ ଦେବାଶିଷ ସାମଲ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ବ୍ୟାପକ ଆଲୋଚନା କରିଥିଲେ। ଆସନ୍ତା ଫେବୃୟାରୀ ୨ରୁ ୪ତାରିଖ ୩ଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଥିବା ବେଳେ ଏଥିରେ ମୁଖ୍ୟ ଆୟୋଜକ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ବଡ଼ ପୁଅ ଜୟନ୍ତ ବିଶ୍ୱାଳ, ଡ.ମନ୍ମଥ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

### ସୂଚନା ନ ଦେବା ମହଙ୍ଗା ପଡ଼ିଲା

## ପୂର୍ବତନ ମାର୍କେଟିଂ ଇନ୍ସପେକ୍ଟରଙ୍କୁ ୨୫ହଜାର ଟଙ୍କା ଜରିମାନା

ଭୁବନେଶ୍ୱର,୨୩।୧୨(ସମିସ): ସୂଚନା ଅଧିକାର ଆଇନ ବଳରେ ସୂଚନା ଦେବାରେ ଅବହେଳା ପାଇଁ ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ମାର୍କେଟିଂ ଇନସ୍ପେକ୍ଟର୍ ମନୋରଞ୍ଜନ ମହାପାତ୍ରଙ୍କୁ ୨୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି। ଶ୍ରୀ ମହାପାତ୍ର ଏବେ କନ୍ଧମାଳ ଏଏସ୍‌ଓଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ଅଛନ୍ତି।

**ଜରିମାନା ନ ଦେଲେ ଦରମାରୁ ଭରଣା ପାଇଁ ନିର୍ଦ୍ଦେଶ**

ଜରିମାନା ଅର୍ଥ ନ ଦେଲେ ତାଙ୍କ ଦରମାରୁ ଏହି ଅର୍ଥ ଭରଣା କରିବା ପାଇଁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁସାରେ, ଶ୍ରୀକାନ୍ତ ପୃଷ୍ଟି ୨୦୨୦ ମେ' ୧୫ ତାରିଖରେ ସମ୍ପୃକ୍ତ ପଞ୍ଚାୟତ ସମିତିର ସୂଚନା ଅଧିକାରୀଙ୍କୁ କିଛି ତଥ୍ୟ ମାଗିଥିଲେ। ସେହି ସମୟ ସୂଚନା ଅଧିକାରୀ ସେହି ଆବେଦନକୁ ଯୋଗାଣ ବିଭାଗର ମାର୍କେଟିଂ ଇନ୍ସପେକ୍ଟର ମନୋରଞ୍ଜନ ମହାପାତ୍ରଙ୍କ ନିକଟକୁ ପଠାଇ ସୂଚନା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ମହାପାତ୍ର ସୂଚନା ପ୍ରଦାନ କରିବାରେ ଅବହେଳା କରିଥିବା ନେଇ ଅଭିଯୋଗ ହୋଇଥିଲା। ଆବେଦନକାରୀ ଆୟୁକ୍ତଙ୍କ ନିକଟରେ ଦ୍ୱିତୀୟ ଅପିଲ କରିବା ପରେ ଧାମନଗର ବିଡିଓ୨୦୨୫ ଡିସେମ୍ବର୧୨ତାରିଖରେ୧୦୦ ପୃଷ୍ଠାର ତଥ୍ୟ ଯାଞ୍ଚ କରି ଦେବାକୁ ପରାମର୍ଶ ଦିଆଯାଇଥିଲା। ଏହାର ଉତ୍ତରରେ ଶ୍ରୀ ମହାପାତ୍ର ଦର୍ଶାଇଥିଲେ ଯେ କୋଭିଡ୍ ମହାମାରୀ କାରଣରୁ ତଥ୍ୟ ଦିଆଯାଇପାରି ନଥିଲା। ସୂଚନା ଆୟୁକ୍ତ ଶ୍ରୀ ମହାନ୍ତି ଗତ ୧୬ ତାରିଖରେ ଏହାର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ୩ଟି ମାମଲାରେ ଶ୍ରୀ ମହାପାତ୍ର କୌଣସି ତଥ୍ୟ ପ୍ରଦାନ କରିନଥିବା ଜଣାପଡ଼ିଥିଲା।

## ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଅସୁରାଳି, ୨୩।୧୨(ସମିସ): ଧୂଷୁରୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୧୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଧ୍ୟାପକ ରବୀନ୍ଦ୍ର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନଦିଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ପଣ୍ଡିତ ନୃସିଂହ ଚରଣ ନାୟକ, ଉପସଭାପତି ବଳେଖ ଚନ୍ଦ୍ର ନାୟକ, ସଭ୍ୟ ପ୍ରଦୀପ୍ତ କିଶୋର ଦାସ, ସମ୍ପାଦକ ସୁଧୀର ନାୟକ, ନିରୋଦ ବେହେରା, ଟ୍ରଷ୍ଟି ପରିଚାଳିକା ମଧୁମିତା ନାୟକ, ଶିକ୍ଷା କେନ୍ଦ୍ରର ସମସ୍ତ ଅପା-ଭାଇ ଏବଂ ଅଭିଭାବକ ଅଭିଭାବିକା ମାନେ ଯୋଗଦାନ କରିଥିଲେ। କ୍ରୀଡ଼ାକୁ ପରିଚାଳନା କରିଥିଲେ କ୍ରୀଡା ଶିକ୍ଷକ ବିକେନ୍ଦ୍ର ମହାନ୍ତି। ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ବିଦ୍ୟାଳୟ ୧୨୦ ଜଣ ଛାତ୍ରୀଛାତ୍ର ଭଗନେଇଥିଲେ।

### ଅନ୍ଧାରରେ ଶିଶୁଙ୍କ ଭବିଷ୍ୟତ

## ୨୩୮ କେନ୍ଦ୍ରରୁ ନିର୍ମାଣ ଶେଷ ହୋଇଛି ୧୬୪

ବନ୍ତ/ଆଗରପଡ଼ା, ୨୩।୧୨(ସମିସ)

ଦିନ କେଇଟା ପରେ ଗୃହ ନିର୍ମାଣକୁ ଆଉ ଗୋଟିଏ ବର୍ଷ ଯୋଡ଼ି ହେବାକୁ ଯାଉଥିବା ବେଳେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣକୁ ନେଇ ଅଭିଭାବକମାନେ ଏବେ ଚିନ୍ତାରେ। ବ୍ଲକର ୨୫ଟି ପଞ୍ଚାୟତରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ୨୫ଟି ପଞ୍ଚାୟତକୁ ୧୧ ଗୋଟି ସେକ୍ଟରରେ ଭାଗ କରାଯାଇଛି। ତଥ୍ୟ ଅନୁଯାୟୀ ଏମଜିଏନଆରଇଜିଏସ ଯୋଜନାରେ ୯୩ଟି, ତ୍ରୟୋଦଶ ଅର୍ଥ କମିଶନ ଯୋଜନାରେ ୧୦୨ଟି, ସିଏସପି ଯୋଜନାରେ ୨୬ଟି, ଷ୍ଟେଟ ପ୍ଲାନ ଯୋଜନାରେ ୧ଟି, ପ୍ରି-୧୧ ଯୋଜନାରେ ୧୩ଟି ଏବଂ ଅନ୍ୟ ଏକ ଯୋଜନାରେ ୩ଟି ଏହିପରି ବିଭିନ୍ନ ଯୋଜନା ମାଧ୍ୟମରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଚଳିତ ମାସ ୨୦ ତାରିଖ ସୁଦ୍ଧା ୨୩୮କେନ୍ଦ୍ରରୁ ୧୬୪ କେନ୍ଦ୍ରର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୧ଟି କେନ୍ଦ୍ର ନିର୍ମାଣାଧୀନ ଅବସ୍ଥାରେ ଥିବା ବେଳେ ୫୩ଟି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଉକ୍ତ ୫୩ଟି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଏହି କେନ୍ଦ୍ରରେ ଅଧ୍ୟୟନରତ କୋମଳମତି ଶିଶୁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିଶୁମାନେ କେତେବେଳେ ସ୍କୁଲ ଗୃହରେ ତ ଅନ୍ୟ କେତେବେଳେ ଖୋଲା ଆକାଶ ତଳେ ପଢୁଛନ୍ତି। ଆଉ କେତେବେଳେ ଅନ୍ୟର ଗୃହ ବାରଣ୍ଡାରେ ଶିକ୍ଷା ଲାଭ କରୁଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ ମଧ୍ୟ ହେଉଛି। ଏହିସବୁ କେନ୍ଦ୍ରରେ ଶିଶୁଙ୍କୁ ଟିକାକରଣ, ସ୍ୱାସ୍ଥ୍ୟ, ପୃଷ୍ଟିହୀନତା ଦୂରୀକରଣ, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି କାର୍ଯ୍ୟ ମଧ୍ୟ ଠିକ୍ ଭାବେ ସଂପାଦନା ହୋଇପାରୁନାହିଁ। ଏହି ସବୁକୁ ନେଇ ଅଭିଭାବକଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ଗୋଟିଏ ଶିଶୁର ଶିକ୍ଷାକ୍ଷେତ୍ରର ମୂଳଦୁଆ ପଡ଼ିବାର ପ୍ରଥମ ସୋପାନ। ଏହିଠାରୁ ହିଁ ତାର ଶିକ୍ଷା ଆରମ୍ଭ ହୋଇଥାଏ। ମାତ୍ର ଏହି ଆରମ୍ଭ ବୟସରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରର ବ୍ୟବସ୍ଥାକୁ ନେଇ ନିଜର ହତାଶଭାବ ପ୍ରକାଶ କରୁଛନ୍ତି।

**● ୫୩ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ**



# ଭଦ୍ରକ ଡାକ୍ତରଖାନା; ହାଡ଼ଭଙ୍ଗା ରୋଗୀଙ୍କୁ ଚିକିତ୍ସା ମନା

**ଭଦ୍ରକ,୨୩।୧୨(ସମିସ)**

ଭଦ୍ରକ ଡାକ୍ତରଖାନାରେ ଅସ୍ଥିଶଲ୍ୟ (ହାଡଭଙ୍ଗା) ରୋଗୀଙ୍କୁ ମନା। ଏକଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତ କିଛି ବର୍ଷ ଧରି ଅସ୍ଥିଶଲ୍ୟ ଅପରେସନ୍ ନହେବାରୁ ଏହା ସ୍ୱତଃ ପ୍ରମାଣିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ୧୫୦ରୁ ଅଧିକ ଅସ୍ଥିଶଲ୍ୟ ବା ହାଡ଼ଭଙ୍ଗା ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଗୁରୁତର ଭାବେ ଆହତପ୍ରାପ୍ତ ରୋଗୀଙ୍କୁ ଅପରେସନ ଆବଶ୍ୟକ ପଡ଼େ। ତେବେ ଦୀର୍ଘ ବର୍ଷ ହେବ ଡାକ୍ତରଖାନାରେ ରୋଗୀଙ୍କ ଅପରେସନ ଠପ୍ ହୋଇ ଯାଇଛି। ଚିକିତ୍ସକଙ୍କ ପରାମର୍ଶକ୍ରମେ ରୋଗୀମାନେ ଘରୋଇ ନର୍ସିଂହୋମକୁ ଯାଇ ବିଏସ୍‌କେୱାଇ କାର୍ଡରେ ହେବାକୁ ବାଧ ହେଉଛନ୍ତି। କେବଳ ଧର୍ମକୁ ଆଖିଠାର ଭଳି କିଛି ଛୋଟଛୋଟ ଅପରେସନ ଓ ନର୍ସିଂହୋମରେ ଅପରେସନ ହୋଇ ଅସ୍ତ୍ରୋପଚାର ପରବର୍ତ୍ତୀ ଚିକିତ୍ସା ଆଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରାଯାଉଥିବା ଜଣାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓଟି ବା ଅପରେସନ୍ ଥେଟରରେ ଗତ ଅପ୍ରେଲ ମାସରେ ୧୪, ମଇ ମାସରେ ୧୬, ଜୁନ୍‌ରେ ୨୧, ଜୁଲାଇରେ ୨୬, ଅଗଷ୍ଟରେ ୨୩, ସେପ୍ଟେମ୍ବରରେ ୧୮, ଅକ୍ଟୋବରରେ ୧୪ ଓ ନଭେମ୍ବର ମାସରେ ୧୮ ଜଣଙ୍କ ଅପରେସନ କରାଯାଇଥିବା ସୂଚନା ହସ୍ତଗତ ହୋଇଛି । ତେବେ ଚଳିତ ଡିସେମ୍ବର ମାସରେ ଆଦୌ

## ଅଛନ୍ତି ୪ ବିଶେଷଜ୍ଞ; ହେଲେ ଅସ୍ତ୍ରୋପଚାର ଶୂନ

ଅପରେସନ ହୋଇନଥିବା ଜଣାଯାଇଛି। ତେବେ ଅସଲ କଥା ହେଲା ଡାକ୍ତରଖାନା ଓଟିରେ ବାହାରେ ଅପରେସନରେ ପରେ ହାଡ ଜଏଣ୍ଟ ଲାଗି ଲଗାଯାଇଥିବା ଯନ୍ତ୍ରାଂଶ (ନେଲିଂ)କୁ ବାହାର କରାଯାଇ ଏହାକୁ ଅପରେସନ୍‌ର ଡାଟା ବୋଲି ସୂଚନା ଦିଆଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଭଦ୍ରକ ଡାକ୍ତରଖାନାରେ ଏବେ ୪ଜଣ ଅସ୍ଥିଶଲ୍ୟ (ଅର୍ଥୋପେଡିକ୍) ବିଶେଷଜ୍ଞ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ସରକାର ଦରମା ବାବଦକୁ ମାସିକ ପ୍ରାୟ ୫ଲକ୍ଷ ଟଙ୍କା ଦେଉଛନ୍ତି। ତେବେ ଦୁଃଖର କଥା ଡାକ୍ତରଖାନାରେ ଭିତ୍ତିଭୂମି ଥାଇ ମଧ୍ୟ ଅପରେସସନ ଶୂନ୍ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ନର୍ସିଂହୋମରେ ଶହଶହ ଅସ୍ଥିଶଲ୍ୟ ଅପରେସନ କରାଯାଉଛି। ୩ଜଣ ଅସ୍ଥିଶଲ୍ୟ ବିଶେଷଜ୍ଞ ଗତ ୨ବର୍ଷ ମଧ୍ୟରେ ଅର୍ଥାତ ୨୦୨୨-୨୩ ଓ ୨୦୨୪ନଭେମ୍ବର ମାସ ମଧ୍ୟରେ ମୋଟ ୪୧୩ଜଣ ଅସ୍ଥିଶଲ୍ୟ ରୋଗୀଙ୍କୁ ଡାକ୍ତରଖାନାରୁ ଘରୋଇ ନର୍ସିଂହୋମରେ ବିଏସ୍‌କେୱାଇ କାର୍ଡରେ ଅପରେସନ୍ କରିବାକୁ ପଠାଇଥିବା ଜଣାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅସ୍ଥିଶଲ୍ୟ ଅପରେସନ୍ ପାଇଁ ପ୍ରାୟ ୨୦ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଲାଗିଥିବା ସି-ଆର୍ମ ମେସିନଟି ଏବେ ଅବ୍ୟବହୃତ ହୋଇ ଖତ ଖାଇ ଅଚଳ ହେବାକୁ ବସିଛି । ଡାକ୍ତରମାନେ ଅପରେସନ କରୁନଥିବା ବେଳେ ଏହି ମେସିନ୍‌କୁ ଚଳାଇବାକୁ କେହି ଜଣେ ରେଡିଓଗ୍ରାଫର ନଥିବାରୁ ମୂଲ୍ୟବାନ ମେସିନ୍‌ଟି ମୂଲ୍ୟହୀନ ହୋଇପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇନ୍‌ପ୍ଲାଣ୍ଟ(ଅସ୍ଥିଶଲ୍ୟ ଅପରେସନରେ ବ୍ୟବହୃତ ଯନ୍ତ୍ରାଂଶ)କୁ ବି ଅଣାଯାଉନାହିଁ। ତେଣୁ ଅପରେସନ୍ ନହେବାର ବି ଏହା ଏକ ପ୍ରମୁଖ କାରଣ। ଅପରପକ୍ଷରେ ୪ଜଣ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ମଧ୍ୟରୁ ଜଣେ ଡାକ୍ତର ଆଉଟ୍‌ଡୋରରେ ଡ୍ୟୁଟି କରୁଥିବା ବେଳେ ଅନ୍ୟ ୩ଜଣ ହାଡଭଙ୍ଗା ବିଭାଗରେ ଡ୍ୟୁଟି କରିଥାନ୍ତି । ତେବେ ସେମାନଙ୍କ ଧାର୍ଯ୍ୟ ସମୟ ସକାଳ ୮ରୁ ୧୨ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଡାକ୍ତର ନଆସିବା ଓ ଧାର୍ଯ୍ୟ ସମୟ ପୂର୍ବରୁ ଡାକ୍ତରଖାନା ଛାଡିବା ଯୋଗୁଁ ଦୈନିକ ଶହଶହ ରୋଗୀ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଡାକ୍ତର ସୁଧାଂଶୁଶେଖର ବଳ ଜିଲ୍ଲା ମେଡିକାଲ ଅଫିସର ତଥା ସୁପରିଟେଣ୍ଡାଣ୍ଟଙ୍କ ସହ କଥା ହେବେ ବୋଲି କହିଛନ୍ତି । ଜିଲ୍ଲାର ବହୁ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ଅସ୍ଥିଶଲ୍ୟ ବିଭାଗରେ ଅପରେସନ୍ ନହେବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ରେଲୱେ ଟ୍ରାକ୍‌ରୁ ଲୁହାପ୍ଲେଟ ଚୋରି

**ତିହିଡି,୨୩।୧୨(ସମିସ):** ତିହିଡି ପୁଲିସ ଧାମରା ରେଲୱେ ଟ୍ରାକ୍‌ରୁ ଲୁହାପ୍ଲେଟ ଚୋରି କରିବା ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରିଛି। ଗତ ୨୨ ତାରିଖ ରାତିରେ ଏହି ଥାନା ନନ୍ଦପୁର ରେଳଲାଇନରେ ଥିବା ଖୁଣ୍ଟ ନମ୍ବର-୧୯/୪୬ ଓ ୨୦/୪୬ ମଧ୍ୟରେ ଥିବା ରେଲୱେ ଟ୍ରାକରୁ ୮ଗୋଟି ଜଗଲ ଲୁହାପ୍ଲେଟକୁ ଖୋଲି ଚୋରୀ କରିଥିବା ହୋଇଥିଲା। ତିହିଡି ପୁଲିସ ଏହି ମାମଲାରେ ଆଜି ପାଳିଆବିନ୍ଧା ଗାଁର ୨ଜଣ ଅଭିଯୁକ୍ତ ଦିଲଯାନ ସାହା ଓରଫ ପୁଟି ଓ ରାଜେଶ୍ ସାହା ଓରଫ କାଦ୍ରିଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ୪ ଗୋଟି ଜଗଲ ଲୁହାପ୍ଲେଟକୁ ଜବତ ହୋଇଥିବା ଆଇଆଇସି ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି।

## ସଂଗ୍ରାହକ ବିକାଶ ଶତପଥୀଙ୍କୁ ବହିବନ୍ଧୁ ସମ୍ମାନ



**ବାସୁଦେବପୁର,୨୩।୧୨(ସମିସ):** ରାଜ୍ୟର ଅନ୍ୟତମ ସଂଗ୍ରାହକ ତଥା ବହିମଣିଷ ଭାବେ ପରିଚିତ ବିକାଶ ଶତପଥୀଙ୍କୁ ବହିବନ୍ଧୁ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଟାଇମପାସ ପ୍ରକାଶନୀ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଗୁରୁ କେଲୁଚରଣ ସଭାଗୃହରେ ୨ଦିନ ଧରି ଚାଲିଥିବା ଉତ-ସାହିତ୍ୟର ପ୍ରଥମ ଦିବସରେ ଏହି ପୁରସ୍କାର ଶ୍ରୀ ଶତପଥୀଙ୍କୁ ପ୍ରଦାନ କରାଯାଇଛି। ନିଜର ବ୍ୟକ୍ତିଗତ ସୁଖସୁବିଧାକୁ ପଛକୁ ପକାଇ ତଥା ଜଣେ ଉଚ୍ଚଶିକ୍ଷିତ ହୋଇ ୧୯୯୦ ମସିହାରୁ ପାଠାଗାର ଖୋଲି ଆନ୍ଦୋଳନରେ ନିଜକୁ ସାମିଲ କରିଥିବା ଶ୍ରୀ ଶତପଥୀଙ୍କ ସମର୍ପଣ ଭାବକୁ ଅତିଥିମାନେ ଆଜିର ଯୁବପିଢ଼ିମାନଙ୍କ ପାଇଁ ପ୍ରେରଣାଦାୟୀ ଉଦାହରଣ ଭାବେ ଅବତାରଣା କରିଥିଲେ। ହାତରୁ ମୋବାଇଲ ଛାଡ଼ି ବହି ଖଣ୍ଡିଏ ପଢ଼ିବା ପାଇଁ ଶ୍ରୀ ଶତପଥୀଙ୍କ ପ୍ରଚେଷ୍ଟା ଜାରି ରଖିଛନ୍ତି।

## ଶାରଦା ଦେବୀଙ୍କ ଜନ୍ମ ଉତ୍ସବ

**ବାରିକପୁର,୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବିଶୋଳ ଠାରେ ମା' ସାରଦା ଦେବୀଙ୍କ ୧୭୨ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଗାଁର ବାସୁଳେଇ ପୀଠସ୍ଥିତ ରାମକୃଷ୍ଣ ସାରଦା ଆଶ୍ରମ ଠାରେ ଭାବ ଭକ୍ତିର ସହିତ ଦିବସ ଭରି ଉତ୍ସବ ପାଳନ ହୋଇଛି। ଆଶ୍ରମ ସଭାପତି ସ୍ୱାମୀ ରାମେଶ୍ୱରା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତି ସହିତ ପ୍ରାତଃ ପୂଜା, ହୋମ ଯଜ୍ଞ, ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିବା ବେଳେ ଆଶ୍ରମ ପକ୍ଷରୁ ନୂତନ ବସ୍ତ୍ର ବିତରଣ ହୋଇଥିଲା। ଏହାଛଡା ମା' ସାରଦା ଦେବୀଙ୍କ ଜୀବନ ବ୍ୟାପି ସାଧନା ସମ୍ପର୍କରେ ସଭାପତି ମତବ୍ୟକ୍ତ କରିଥିଲେ। ଏଥିରେ ବୋହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆୟୋଜିତ ଜନ୍ମ ଉତ୍ସବକୁ ବ୍ରହ୍ମ ଚାରିଣୀ ଦ୍ୱୈତୀଙ୍କ ସମେତ ଅହଲ୍ୟା ନାୟକ, କୌଶଲ୍ୟା ରାଉତ, ଶାରଦା ନାୟକ, ନିର୍ମଳ ରାଉତ, ନେହାରାଣୀ ରାଉତ, ବିଶ୍ୱରୂପା ଜେନା, ମାଣିକ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଶସ୍ୟ କ୍ଷୟକ୍ଷତି ଭରଣା ପାଇଁ ଦାବି

**ବାରିକପୁର,୨୩।୧୨(ସମିସ):** ପଶ୍ଚିମା ଝଡ଼ ପ୍ରଭାବରେ ଲଘୁଚାପ ଜନିତ ବର୍ଷା କାରଣରୁ ଖରିଫ୍ ଧାନ ଚାଷକୁ ଅନେକ କ୍ଷତି ପହଞ୍ଚାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚାଷ ହୋଇଥିବା ୧୬ ହଜାର ହେକ୍ଟର ଜମିରେ ଖରିଫ୍ ଧାନ ପ୍ରଭାବିତ ହୋଇଛି। ବିଶେଷ କରି ଯେଉଁ ଧାନ କଟା ହୋଇଥିଲା ତାହା ବର୍ଷାରେ ସମ୍ପୂର୍ଣ୍ଣ ଭିଜି ଯାଇଛି। ବ୍ଲକ ଅଞ୍ଚଳରେ ଗତ ୨ଦିନ ଧରି ବର୍ଷା ଲାଗି ରହିବା କାରଣରୁ ଏବେବି ସୁଦ୍ଧା ଅନେକ ଜମିରେ ପାଣି ଜମି ରହିଛି। ତେଣୁ ପ୍ରଭାବିତ ଚାଷ ଜମି ପରିଦର୍ଶନ କରି କ୍ଷୟକ୍ଷତି ଆକଳନ ପରେ ଏହାକୁ ଭରଣା କରିବା ପାଇଁ ଚାଷୀ କୂଳ ପକ୍ଷରୁ ଦାବି କରାଯାଇଛି। ଚାଷୀ ପ୍ରଦୀପ ସାମଲଙ୍କ ନେତୃତ୍ୱରେ ପ୍ରଦ୍ୟୁମ୍ନ ବେଜ,ଭକ୍ତହରି ମହାନ୍ତି, ଦିନବନ୍ଧୁ ନାୟକ, ସନ୍ତୋଷ କୁମାର ନାୟକ, ରତ୍ନାକର ସାହୁ, ପ୍ରକାଶ ରାଉଳ, ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଏନେଇ ତହସିଲଦାରଙ୍କ ଗୋଚାରର୍ଥେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାଛଡା କୃଷି ଅଧିକାରୀଙ୍କୁ ମଧ୍ୟ ଦାବି ଜଣାଯାଇଛି।

## ଧାନ କ୍ରୟ ପାଇଁ ଚୂଡ଼ାନ୍ତ ପ୍ରଶିକ୍ଷଣ ବୈଠକ

**ବାରିକପୁର,୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ଏକ ଚୂଡ଼ାନ୍ତ ପ୍ରଶିକ୍ଷଣ ବୈଠକ ବିଡିଓ ଦେବଦତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ନିର୍ଦ୍ଦେଶ ମୁତାବକ ମଣ୍ଡି ଗୁଡ଼ିକରେ କେଉଁ ଆଧାରରେ ଶସ୍ୟ କ୍ରୟ ହେବ ସେନେଇ ଉପସ୍ଥିତ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ତହସିଲଦାର ସରୋଜକାନ୍ତ ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସମବାୟ ଅଧିକାରୀ ବସନ୍ତ ରଣା, ବ୍ଲକ ଯୋଗାଣ ନୀରିକ୍ଷକ ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ଧାନ କିଣା ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କର୍ମଶାଳାରେ ସମବାୟ ସମିତି ସମ୍ପାଦକ, ଡିଇଓ, ଏସଏଚଜି କର୍ମକର୍ତ୍ତା, ରାଜସ୍ୱ ନୀରିକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ଜୟନ୍ତୀ



**ଭଦ୍ରକ,୨୩।୧୨(ସମିସ):** ଭଦ୍ରକ ମାଟିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ତ୍ୟାଗ ଓ ଆଦର୍ଶର ସ୍ମୃତିଚାରଣା ସହ ସେଥିରେ ଅନୁପ୍ରାଣୀତ ହେଲେ, ତାହାହିଁ ହେବ ସ୍ୱର୍ଗତ ମହାନ୍ତିଙ୍କ ଅତ୍ମା ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ତାଙ୍କର ୧୨୫ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଜଘାଟ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ। ସ୍ମୃତିକମିଟିର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ପରିବାର ପକ୍ଷରୁ ତାଙ୍କର ସୁଯୋଗ୍ୟା ପୁତ୍ରବଧୂ ଅବସରପ୍ରାପ୍ତ ଅଧ୍ୟକ୍ଷା ଝରଣା ପଟ୍ଟନାୟକ, ନାତି ଜ୍ୟୋତି ପ୍ରକାଶ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ରାଧାରାଣୀ ମହାପାତ୍ର, ବିଜୟ କୁମାର ବହଲୀ, ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ ନାୟକ, ସମାଜସେବୀ ଏସ୍. ଏମ୍. ଫାରୁକ୍ , ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଗାନ୍ଧୀ ବି.।ର ମଂଚର ଶାନ୍ତନୁ ରାଉତ୍, ସମାଜ ସେବୀ ଲକ୍ଷ୍ମୀକାନ୍ତ ବାରିକ ଚରମ୍ପା ସଂସ୍କୃତି ପରିଷଦର ବାବୁଲାଲ ଦାସ, ବିମଳା ନାଟ୍ୟ ସଂସଦର ଗୌରାଙ୍ଗ ଚରଣ ବାରିକ, ସାମ୍ବାଦିକ ଅଶୋକ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଫେଲୋସିପ୍‌ର କର୍ମଚାରୀବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସୁଭଦ୍ରା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି

**ବାରିକପୁର,୨୩।୧୨(ସମିସ):** ଶ୍ୱଶୁରଙ୍କ ନାମରେ ଜମିଥିବାରୁ ବୋହୂଙ୍କୁ ମିଳୁନାହିଁ ସୁଭଦ୍ରା ଟଙ୍କା। ତେଣୁ ଏହାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ବୋହୂ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ଅଭିଯୋଗ ମୁତାବକ ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ମଣାଗଡିଆ ଗ୍ରାମର ଯତୀନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ଭାରତୀ ସ୍ୱାଇଁ ସୁଭଦ୍ରା ସହାୟତା ରାଶି ପାଇଁ ଅନ୍‌ଲାଇନ୍ ଯୋଗେ ଆବେଦନ କରିଛନ୍ତି। ପରିତାପର ବିଷୟ ଯତୀନ୍ଦ୍ରଙ୍କ ବାପା ସ୍ୱର୍ଗତ ଅଭୟ ସ୍ୱାଇଁଙ୍କ ନାମରେ ଜମିଥିବାରୁ ଭାରତୀ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ସ୍ୱର୍ଗତ ସ୍ୱାଇଁଙ୍କ ନାମରେ ଥିବା ଜମି ବଣ୍ଟନ ପତ୍ର ମାଧ୍ୟମରେ ସମସ୍ତ ପୁଅ ଝିଅଙ୍କ ମଧ୍ୟରେ ଆବଣ୍ଟନ ହୋଇଛି। ତଦନୁଯାୟୀ ଯତୀନ୍ଦ୍ର ପୈତୃକ ଜମି ଭାଗ ପାଇ ନିଜ ପରିବାର ସହିତ ପୃଥକ ଭାବେ ରହୁଛନ୍ତି। କିନ୍ତୁ ଅନଲାଇନରେ ସମସ୍ତ ଜମିର ହିସାବକୁ ନେଇ ଭାରତୀଙ୍କୁ ସୁଭଦ୍ରା ଯୋଜନାରୁ ବାଦ କରାଯାଇଥିବା ଜଣାପଡିଛି। ଏନେଇ ଭାରତୀ ସ୍ୱାମୀଙ୍କ ସହିତ ଆଜି ଧାମନଗର ଠାରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ବାବଦରେ କ୍ଷେତ୍ରୀୟ ତଦନ୍ତ କରାଯିବା ସହିତ ସତ୍ୟାସତ୍ୟ ଅନୁସନ୍ଧାନ କରି ତାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ସେ ନିବେଦନ କରିଛନ୍ତି।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



**ମଞ୍ଜୁରୀ ରୋଡ,୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ନିକଟ ରାଜେନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତପନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ୩ଦିନ ଧରି ଅନୁଷ୍ଠିତ ହୋଇଥିବା କ୍ରୀଡା ଉତ୍ସବକୁ ବିଶୋଳ କୁଲଣା ବିଦ୍ୟାଳୟର କ୍ରୀଡା ଶିକ୍ଷକ ପବିତ୍ର କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ଲମ୍ବ ଡିଆଁ, ଦୌଡ଼, ଗୋଲା ପିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବା ବେଳେ ଧ୍ୱଜାବତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର କିଶୋର ଚନ୍ଦ୍ର ଦାସ, ମଧୁସୂଦନ ଜେନା, କରୁଣାକର ଖଣ୍ଡାଇ, ସୁବାସିନୀ କର, କବିତା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଗୁରୁମା ଶୁଭଲକ୍ଷ୍ମୀ ସେନାପତି ଅତିଥି ପରିଚୟ ପ୍ରଦାନ ସହିତ ବନ୍ଦେ ମାତରମ ଗାନ କରିଥିଲେ। କ୍ରୀଡା ଉତ୍ସବକୁ ଗୁରୁଜୀ ନରହରି ନାୟକ, ଗୁରୁମା ରଞ୍ଜୁଲତା ବାରିକ, ପୁଷ୍ପିତା ନାଥ, ପଦ୍ମାଳୟା ମହାପାତ୍ର, ପ୍ରିୟମ୍ବଦା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ମାଳଦା ସମିତିରେ ଯୋଗଦେଲେ ନୂତନ ସମ୍ପାଦକ



**ଭଣ୍ଡାରିପୋଖରୀ,୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ମାଳଦା ପ୍ରାଥମିକ କୃଷି ସମବାୟ ସମିତିରେ ନୂତନ ଭାରପ୍ରାପ୍ତ ସମ୍ପାଦକ ଭାବେ ଅଜୟ କୁମାର ବେହେରା ସୋମବାର ଯୋଗ ଦେଇଛନ୍ତି। ସରସଦା ସମିତି ସମ୍ପାଦକ ଥିବା ଶ୍ରୀ ବେହେରାଙ୍କ ମାଳଦାରେ ଯୋଗଦାନକୁ ସଭାପତି ମୁକୁନ୍ଦ ଚରଣ ମଲ୍ଲିକ ଗ୍ରହଣ କରିଥିଲେ। ମାଳଦା ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ ନୂତନ ସମ୍ପାଦକଙ୍କ ଯୋଗଦାନ ବେଳେ ସମିତିରେ ଅନୁପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ, ମାଳଦା ପୂର୍ବତନ ସରପଞ୍ଚ ମୋହନ ରାୟ, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡା ଓ ସମିତି ପରିଚାଳନା କମିଟି ସଦସ୍ୟଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ନିକଟରେ ମାଳଦା ସମିତି ପରିଚାଳନା କମିଟି ସମ୍ପାଦକ ନିର୍ମଳଚନ୍ଦ୍ର ଦାସଙ୍କ ବିରୋଧରେ ନାନା ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଭଦ୍ରକ ସହକାରୀ ଉପନିବନ୍ଧକ ଆଦେଶ ଜାରି କରିଥିଲେ। ଏହା ସୋମବାର କାର୍ଯ୍ୟକାରୀ ହୋଇଛି। ଶ୍ରୀ ଦାସ ବର୍ତ୍ତମାନ ଧାନ କ୍ରୟ ଦାୟିତ୍ୱରେ ରହିବେ।

## କନ୍ୟା ଶିବିର ଓ ବାଲ୍ ଶିବିର

**ଅସୁରାଳି,୨୩।୧୨(ସମିସ):** ଶିକ୍ଷା ବିକାଶ ସମିତି ଓଡିଶା ଯୋଜନା ଅନୁସାରେ ଧାମନଗର ବ୍ଲକ୍ ଧୂଷୁରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର ଓ ବାଲ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ପୋଖରିଆ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ଥିତପ୍ରଜ୍ଞା କର ଯୋଗଦେଇ ଶିଶୁ ଭାଇ ଭଉଣୀ ମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏହି ଶିବିରରେ ଆତ୍ମରକ୍ଷା କୌଶଳ, ଯୋଗ, ଶାରୀରିକ, ମୁରୁଜପକା, ରୋଷେଇ ପ୍ରସ୍ତୁତି ବିଷୟରେ ଶିକ୍ଷା ଦିଆଯାଇଥିଲା। ବାଲ୍ ଶିବିରରେ ଶିଶୁ ଭାଇମାନଙ୍କୁ ଯୋଗ, ଶାରୀରିକ ଓ ବଗିଚା କାମ ବିଷୟରେ ଶିକ୍ଷା ଦାନ କରାଯାଇଥିଲା। ଗୁରୁମା କଳ୍ପନା ଦେବତା ଅତିଥି ପରିଚୟ କରିଥିଲା ବେଳେ ଦମୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜିନୀ ଯେନା, ରଶ୍ମିତା ସାହୁ, ରାଧସ୍ମିତା ମୁଦୁଲି, ରଶ୍ମିତା ବେହେରା, ପିଙ୍କିରାଣୀ ମାଝୀ, ଶୁଭସ୍ମିତା ପାଗଳ, ସେବିକା ମାମିନା ମହାପାତ୍ର ଓ ସୁମତି ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।



ଗାନ୍ଧୀଘାଟ ଶାସନଠାରେ ଧୂଷୁରୀ ପ୍ରେସ୍ ୟୁନିୟନର ବନ୍ଧୁମିଳନ ଓ ଆଲୋଚନାଚକ୍ର ଅବସରରେ ନିମନ୍ତ୍ରିତ ଅତିଥି

## ବିଜେଡିରେ ଯୋଗଦେଲେ ବିଜେପି କର୍ମୀ

**ଭଣ୍ଡାରିପୋଖରୀ,୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ବିଭିନ୍ନ ରାଜନୈତିକ ବ୍ୟକ୍ତି ବିଜୁ ଜନତା ଦଳରେ ଯୋଗ ଦେଇଥିବା ଜଣାଯାଇଛି। ବିଧାୟକ ସଞ୍ଜିବ କୁମାର ମଲ୍ଲିକଙ୍କ ଭଦ୍ରକ ବାସଭବନରେ ରବିବାର ଅନୁଷ୍ଠିତ ଡିଜିଟାଲ କର୍ମୀ ସମ୍ମିଳନୀ ଅବସରରେ ଗ୍ରାମର ବଳରାମ ମାଝୀ, ଓମପ୍ରକାଶ ନାୟକ, ରତ୍ନାକର ନାୟକ, ସୁଶାନ୍ତ ନାୟକ, ସତ୍ୟାନନ୍ଦ ଦାସ, ଶେଷଦେବ ନାୟକ ପ୍ରମୁଖ ବିଜେପି ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଥିଲେ। ରହଣିଆ ପଞ୍ଚାୟତ ନେତା ତଥା ପୂର୍ବତନ ସରପଞ୍ଚ ବିରେନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନବାଗତମାନଙ୍କୁ ବିଧାୟକ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।



## ଓକିଲ ସଂଘ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ଧାମନଗର,୨୩।୧୨(ସମିସ)**



ଧାମନଗର ଓକିଲ ସଂଘ ପ୍ରତିଷ୍ଠାର ଏକ ଦଶନ୍ଧି ପୂର୍ତ୍ତି ସମାରୋହ ଉଦ୍‌ଯାପିତ ହୋଇଟାଇଛି। ଧାମନଗର ଓକିଲ ସଂଘର ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଉପସ୍ଥିତ ଆଇନଜୀବୀ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ଧାମନଗରର ଉନ୍ନତି ଏବଂ ଓଡିଶାର ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମାନବଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଦାସ, ଅନ୍ୟତମ ବରେଣ୍ୟ ଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଓଡିଶା ବାର କାଉନସିଲ ଉପାଧ୍ୟକ୍ଷ ବିଜୟ ମହାନ୍ତି, ସମାଜସେବୀ ଡା. ଅଜିତପ୍ରସାଦ ଯେନା, ସାହିତ୍ୟିକ ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ସଂଘ ପ୍ରତିଷ୍ଠାର ଏକ ଦଶନ୍ଧି ପୂର୍ତ୍ତି ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ଆଇନଜୀବୀ ରଞ୍ଜିତ ମହାନ୍ତି ସଭା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ଆଇନଜୀବୀ ସ୍ନେହାଶିଷ ପଣ୍ଡା, ଅଜିତ ଦାସ, ମନୋଜ ଗୁପ୍ତା, ପର୍ଶୁରାମ ମହାପାତ୍ର, ପ୍ରଜ୍ଞାପାରମିତା ଦାଶ, ସନ୍ତୋଷ ତ୍ରିପାଠୀ, ଦେବ୍ୟାଜ୍ୟୋତି ଦାସ, ବାବା ହରେକୃଷ୍ଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ଉପସଭାପତି ବିଜୟ କୁମାର ରାମ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଡା. ଅଜିତ ପ୍ରସାଦ ଜେନାଙ୍କ ସହ ଅନ୍ୟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରେଲୱେ ଫାଟକ ସଂଲଗ୍ନ ରାସ୍ତା ଶୋଚନୀୟ

**ମଞ୍ଜୁରୀରୋଡ,୨୩।୧୨(ସମିସ):** ଅନେକ ଦିନର ବ୍ୟବଧାନ ପରେ ଭଣ୍ଡାରିପୋଖରୀ ବ୍ଲକ ଛତାବର ଠାରୁ ବନ୍ତ ବ୍ଲକ ନୀଳକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ନବୀକରଣ କାର୍ଯ୍ୟ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। କେବଳ ସୁବିଧା ଦୃଷ୍ଟିରୁ କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ପୂର୍ତ୍ତ ବିଭାଗ ଓ ଠିକା ସଂସ୍ଥା ଲାଗି ପଡ଼ିଛନ୍ତି। ପରିତାପର ବିଷୟ ମଞ୍ଜୁରୀ ରୋଡ ଫାଣ୍ଡି ଛକ ଠାରୁ ପ୍ରଥମ ରେଲୱେ ଫାଟକ ଏବଂ ନାଆମୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଦ୍ୱିତୀୟ ରେଲୱେ ଫାଟକ ଯାଏଁ ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ବିଶେଷ କରି ଦୁଇ ଫାଟକର ଉଭୟ ପାର୍ଶ୍ୱରେ ପ୍ରାୟ ୧୦୦ମିଟରୁ ଅଧିକ ଯାଏଁ ରାସ୍ତା ଭାଙ୍ଗିରୁଜି ଖାଲ ହୋଇଯାଇଛି। ରାସ୍ତାରୁ ପିଚୁ ଉଠି ଯାଇଥିବା ବେଳେ ଅନେକ ସ୍ଥାନରେ ଛୋଟବଡ ଗର୍ତ୍ତ ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ଏକପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏପରିକି ଯାନବାହାନ ଚଳାଚଳ ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଫାଟକ ପଡ଼ିଥିବା ବେଳେ ପାଣି ଭର୍ତି ଗର୍ତରେ ବାଇକ ଓ ସାଇକେଲ ଆରୋହୀ ମାନଙ୍କ ପାଇଁ ଠିଆ ହେବାକୁ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ସୁଖିଲା ଥିବା ବେଳେ ଭଙ୍ଗାରୁଜା ଡଷ୍ଟ ପିଚରୁ ଧୂଳି ଉଡିବା ଯୋଗୁଁ ସ୍ଥାନୀୟ ବ୍ୟବସାୟୀ ମାନେ ମଧ୍ୟ ଅତିଷ୍ଠ ହେଉଛନ୍ତି। ଏହା ଉପରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ବାଘମରା ଗୁମ୍ଫା: ବିକାଶ ପାଇଁ ନାହିଁ ଆଗ୍ରହ; ତେଜୁଛି ଅସନ୍ତୋଷ

**ମହୁଲଡିହା, ୨୩।୧୨(ସମିସ)**

ପର୍ଯ୍ୟଟନ ଋତୁର ଆଗମନରେ ମୟୂରଭଞ୍ଜ ଜିଲ୍ଲାର ବଣପାହାଡ ଘେରା ପ୍ରାକୃତିକ ପରିବେଶରେ ରହିଥିବା ଦର୍ଶନୀୟ ସ୍ଥାନଗୁଡିକରେ ଜନସମାଗମ ପରିଲକ୍ଷିତ ହୋଇଛି। ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପାହାଡ, ଝରଣା, ଜଙ୍ଗଲରେ ପରିଭ୍ରମଣ କରିବା ସହିତ ଭୋଜିଭାତର ମଜା ଉଠାଉଛନ୍ତି। ଠାକୁରମୁଣ୍ଡା ବ୍ଲକର ଅନେକ ଦର୍ଶନୀୟ ସ୍ଥାନ ଦୃଷ୍ଟି ଆଢୁଆଳରେ ରହିଥିବାରୁ ଆଜିଯାଏ ବିକାଶ ହୋଇପାରୁନାହିଁ। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ଶାଳଚୁଆ ପଞ୍ଚାୟତରେ ରହିଥିବା ପ୍ରାଚୀନ ଐତିହ୍ୟ ବାଘମରା ଗୁମ୍ଫା ସରକାରୀ ଅବହେଳାରୁ ଦୃଷ୍ଟି ଆଢୁଆଳରେ ରହିଛି। ଏହି ଗୁମ୍ଫା ସିଦ୍ଧି ମଠ ଭାବେ ପରିଚିତ। ଏହି ପର୍ଯ୍ୟଟନସ୍ଥଳର ବିକାଶ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଗୁମ୍ଫା ଠାକୁରମୁଣ୍ଡା ବ୍ଲକରୁ ୩୩ କିମି ଦୂର ଶାଳଚୁଆ ଗ୍ରାମପଞ୍ଚାୟତର ବାଉଁଶପାଣି ଓ ନଦା ଗ୍ରାମରୁ ୧ କିମି ଦୂରରେ ରହିଛି। ଘାଗରା ନାଳ ପୋଲଠାରୁ ବାମ ପାର୍ଶ୍ୱକୁ ଗଲେ ମଠସାହି ଦେଇ ଦୁଇ କିମି ପରେ ପଡ଼ିବ ବାଘମରା ଗୁମ୍ଫା। ଚାରିଆଡେ ବିରାଟ ପର୍ବତ ମାଳା ସାଙ୍ଗକୁ ଘଞ୍ଚ ଜଙ୍ଗଲ। ଏହି ସ୍ଥାନ ଅତି ମନୋରମ। ଏଠାରେ ଛୋଟବଡ ବହୁ ଗୁମ୍ଫା ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୂର୍ବରୁ ଏହି ସ୍ଥାନ ଘଞ୍ଚଜଙ୍ଗଲ ରହିଥିବାବେଳେ ବହୁ ସଂଖ୍ୟକ ବାଘ ସମେତ ବଡ ବଡ ସାପ ରହୁଥିଲେ।





ବିଶେଷକରି ଏହି ଗୁମ୍ଫା ମହାବଳ ବାଘଙ୍କ ଆସ୍ଥଳ ପାଲଟିଥିଲା। ଏକଦା ଗୋଟିଏ ବାଘ ପାହାଡରରୁ ଖସି ମୃତ୍ୟୁବରଣ କରିବାରୁ ଏହି ସ୍ଥାନର ନାମ ବାଘମରା ଗୁମ୍ଫା କୁହାଯାଉଥିବା ନେଇ ବରିଷ୍ଠମାନେ ପ୍ରକାଶ କରିଛନ୍ତି। ସାନନ୍ଦ, ସଚ୍ଚିଦାନନ୍ଦ, ସର୍ବାନନ୍ଦଙ୍କ ସାଧନା ପୀଠଭାବେ ମଧ୍ୟ ଏହାର ସୁନାମ ରହିଛି। ଗତ ୭୫ ବର୍ଷ ତଳେ ନିମାଇଁ ଦାସ ନାମକ ଜଣେ ସାଧୁ ପ୍ରଥମେ ଏଠାରେ ଅବସ୍ଥାନ କରିଥିଲେ। ପରେ ବିମ୍ବାଧର ଦାସ, ପରି ଦାସ, ଯୋଗେନ୍ଦ୍ର ଦାସ, ଶ୍ୟାମସୁନ୍ଦର ଦାସ ଏଠାରେ ଶିଷ୍ୟମାନଙ୍କ ଗହଣରେ ଅବସ୍ଥା କରିଥିଲେ। ଗତ ତିନିବର୍ଷ ହେଲା ସୀତାରାମ ବାବା ଗୁମ୍ଫା ଓ ମଠ ଦାୟିତ୍ୱରେ ରହିଛନ୍ତି। ପାହାଡ ପାଦଦେଶରେ ବାବା ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ରହିଛି। ପ୍ରତିବର୍ଷ ଶିବରାତ୍ରି, ମକର ସଂକ୍ରାନ୍ତିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପାହାଡ ଉପରେ ଥିବା ଗୁମ୍ଫା ମଧ୍ୟରେ ମନସା ଦେବୀ, ବନଦୁର୍ଗା ଓ ମହାଦେବଙ୍କ ସ୍ୱତନ୍ତ୍ର ମନ୍ଦିର ରହିଛି। ଭୋଜିଭାତ ପାଇଁ ଏଠାରେ ମନୋରମ ପରିବେଶ ଯୋଗୁଁ ଜିଲା ସମେତ ବାହାର ଜିଲ୍ଲାର ବହୁ ଲୋକଙ୍କ ସମାଗମ ହୋଇଥାଏ। ଗୁମ୍ଫା ବାହାରେ ରହିଥିବା ବିରାଟ ପଥର ଚଟାଣରେ ପିଲାମାନେ ଖେଳକୁଦ କରିବାକୁ ଆନନ୍ଦ ପ୍ରକାଶ କରିଥାନ୍ତି। ତେବେ ଏହି ସ୍ଥାନଟି କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରିବା ସହିତ ମୟୂରଭଞ୍ଜ ରାଜସ୍ୱ ସର୍କଲରେ ରହିଥିବାରୁ ବିକାଶରେ ବାଧାପ୍ରାପ୍ତ ହୋଇଛି। ଠାକୁରମୁଣ୍ଡା ତହସିଲ ଶାଳଚୁଆ ଗ୍ରାମପଞ୍ଚାୟତର ରାଜସ୍ୱ ମୌଜା ବାଘମରା। ନଦା ଗ୍ରାମରୁ କଣ୍ଟିପାଳ ମଠସାହି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ

## ନିର୍ମାଣ ହୋଇପାରୁନି ପକ୍କା ରାସ୍ତା; ପର୍ଯ୍ୟଟକ ହୀନସ୍ତା

ହୋଇଛି। ଗୁମ୍ଫା ପର୍ଯ୍ୟନ୍ତ ଗତବର୍ଷ ମନରେଗାରେ ମାଟି ରାସ୍ତା ନିର୍ମାଣ କରାଯାଇଛି ବୋଲି ଶାଳଚୁଆ ସରପଞ୍ଚ କବିତା ନାଏକ କହିଛନ୍ତି। ତେବେ ଗୁମ୍ଫା ପର୍ଯ୍ୟନ୍ତ ୧ କିମି ମୟୂରଭଞ୍ଜ ଜିଲ୍ଲାରେ ଯାଉଥିବାରୁ ପ୍ରଶାସନ ପକ୍ଷରୁ ପକ୍କା ସଡକ ନିର୍ମାଣ ଦାବି ହେଉଛି। ବର୍ଷାଦିନରେ ଯାତାୟାତ ସମ୍ଭବ ହେଉନାହିଁ। ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୌଣସି ସୂଚନା ଫଳକ ନଥିବାରୁ ବାହାର ଆଗନ୍ତୁକ ଜାଣିପାରୁନାହାଁନ୍ତି। ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ତାଲାଭାଙ୍ଗି ସୁନାଗହଣା ସହ ନଗଦ ଟଙ୍କା ଲୁଟ୍

**ବାଲିଆପାଳ, ୨୩।୧୨ (ସମିସ) :** ଘରେ କେହି ନଥିବା ବେଳେ ତାଲା ଭାଙ୍ଗି ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା, ଦେଢ ଲକ୍ଷ ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଲୁଟି ନେଲେ ଦୁର୍ବୃତ୍ତ ମାନେ। ଏହିଭଳି ଘଟଣା ଘଟିଛି ବାଲିଆପାଳ ଥାନା ଅନ୍ତର୍ଗତ ଅସ୍ତି ପଞ୍ଚାୟତ ପାରଦୀପା ଏବଂ ଅସ୍ତି ଗ୍ରାମରେ। ଅସ୍ତି ଗ୍ରାମର ଦିନେଶ ଭୂୟାଁ ତାଙ୍କ ଶାଶୂ ଦେହ ଖରାପ ହୋଇଥିବାରୁ ଶଶୁର ଘରକୁ ଯାଇଥିଲେ। ଏହାର ସୁଯୋଗ ଦେଖି ଚୋରମାନେ ରାତି ଅଧରେ କେହି ନଥିବାର ସୁଯୋଗ ନେଇ ସବୁ କିଛି ଲୁଟିନେଲେ। ଘରର ଆଗପଟ କବାଟ ଭାଙ୍ଗି ୭ ଲକ୍ଷ ଟଙ୍କା ମୂଲ୍ୟର ସୁନା ସହ ରୂପା ଅଳଙ୍କାର ଓ ନଗଦ ଦେଢ଼ ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ଦିନେଶ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପାରଦୀପା ଗ୍ରାମର କାହ୍ନୁ ଚରଣ ପ୍ରଧାନଙ୍କ ଘରେ ସମସ୍ତେ ନିକଟରେ ଚାଲିଥିବା ଗଣନାଟ୍ୟ ଦେଖିବା ପାଇଁ ଯାଇଥିଲେ। ଏହାରି ସୁଯୋଗ ନେଇ ଚୋର ମାନେ ତାଙ୍କ ଘରେ ମଧ୍ୟ କଳାକନା ବୁଲାଇ ଦେଇଥିବା ଜଣାପଡ଼ିଛି। ସକାଳେ ଅପେରା ଦେଖି ଆସିଲା ପରେ ଘର ତାଲା ଭାଙ୍ଗା ଯାଇଥିବା ଦେଖିଥିଲେ ଘରଲୋକ। ତାଙ୍କ ଘରୁ ମଧ୍ୟ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହିତ ନଗଦ ଟଙ୍କା ଲୁଟି ନେଇଛନ୍ତି। ଉଭୟ ପରିବାରର ଲୋକେ ଘରେ ନ ଥିବା ବେଳେ ବିଳମ୍ବିତ ରାତିରେ ଗ୍ରୀଲର ତାଲା ଭାଙ୍ଗିବା ସହ ଗଡ୍‌ରେଜ ଏବଂ ବାକ୍ସ ଭାଙ୍ଗି ନଗଦ ଟଙ୍କା ଏବଂ ସୂନା ଗହଣା ଦୁର୍ବୃତ୍ତ ଲୁଟି ନେଇଥିବା ଜଣାପଡ଼ିଛି। ଚୋରି ଖବର ପାଇବା ପରେ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଲକ୍ଷ୍ମୀପୋଷି ଅଞ୍ଚଳରେ ବୁଲୁଛି ଦନ୍ତା

**ବାରିପଦା, ୨୩।୧୨(ସମିସ):** ଲକ୍ଷ୍ମୀପୋଷି ଅଞ୍ଚଳରେ ସୋମବାର ସକାଳେ ଏକ ଦନ୍ତାହାତୀ ବିଚରଣ କରୁଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗରୁ ଆସିଥିବା ଏହି ହାତୀଟି ଗୋଠଛଡା ହୋଇ ବାରିପଦା ସହର ପଟୁକୁ ଚାଲି ଆସିଥିଲା। ଲକ୍ଷ୍ମୀପୋଷି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ବିଚରଣ କରୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ବନବିଭାଗକୁ ଖବର ଦେଇଥିଲେ। ପରେ ବାରିପଦା ରେଞ୍ଜରଙ୍କ ସମେତ ଟିମ ପହଞ୍ଚି ହାତୀର ଗତିବିଧିକୁ ଦୃଷ୍ଟି ରଖିଛନ୍ତି। ଗୋଠଛଡା ଦନ୍ତାଟି ସହରଠାରୁ ଦୂର ଭଦୁଆଷୋଳ ଅଞ୍ଚଳର ଜଙ୍ଗଲରେ ବିଚରଣ କରୁଥିବା ନେଇ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ସୂଚନା ଦେଇଛନ୍ତି।

# ବାଲି ବୋଝେଇ ଡମ୍ଫର ଜବତ

**କୁଆଁମରା, ୨୩।୧୨(ସମିସ):** ବେଆଇନ ବାଲି ଚାଲାଣ କରୁଥିବା ଅଭିଯୋଗରେ ଖୁଣ୍ଟା ପୁଲିସ ଏକ ଡମ୍ଫରକୁ ଜବତ କରିଛି। ଉକ୍ତ ଡମ୍ଫରଟି ସ୍ଥାନୀୟ ନଦୀରୁ ବାଲି ବୋଝେଇ କରି ଆସୁଥିବା ବେଳେ ନାଲୁହା ଛକଠାରେ ଧରା ପଡ଼ିଥିଲା। ସମ୍ପୃକ୍ତ ଡମ୍ଫର ଚାଳକ ଗୋଠପୁରାର ଜଗନ୍ନାଥ ଦେହୁରୀଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ ହୋଇଛି।

# ଜାଭିୟର୍ସ ଅଲମ୍ପିକ-୨୦୨୪ ଉଦ୍‌ଘାଟିତ



**ବୈଶିଙ୍ଗା, ୨୩।୧୨(ସମିସ):** ବୈଶିଙ୍ଗା ମହୁରୀ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ 'ଜାଭିୟର୍ସ ଅଲମ୍ପିକ-୨୦୨୪' ଉଦଘାଟିତ ହୋଇଯାଇଛି। ଥାନା ଅଧିକାରୀ ତପନ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ସମାଜସେବୀ ବିବେକାନନ୍ଦ ପଣ୍ଡା ଓ ଜାଭିୟର୍ସ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ରଶ୍ମି ପାଣିଗ୍ରାହୀ ଯୋଗଦେଇ ଅଲମ୍ପିକ ପତାକା ଉତ୍ତୋଳନ କର କରିଥିଲେ। ପରେ ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। ସ୍କୁଲର ଅଧକ୍ଷା ଇପ୍ସିତା କର ଓ ଉପାଧକ୍ଷା ସୋନାଲି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଦେବବ୍ରତ ବାରିକ, ଲକ୍ଷ୍ମୀକାନ୍ତ ବଳବନ୍ତରାୟ, ଅତ୍ୟଜିତ ସାମନ୍ତରାୟ, ରଣଜିତ ନାୟକ, ଶିକ୍ଷୟିତ୍ରୀ ସରସ୍ୱତୀ ଦାସ, ଜାହ୍ନବୀ ସାହୁ, ତୃପ୍ତି କୁମାରୀ, ଜ୍ୟୋତି ବାରିକ, ସ୍ନେହସୁଧା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଅବକାରୀ ବିଭାଗର ଚଢଉ; ୩ କୋର୍ଟ ଚାଲାଣ

**ବେତନଟୀ, ୨୩।୧୨(ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢଉକରି ଚୋରା ଦେଶୀ ମଦ ଜବତ କରିବା ସହିତ ଏହି କାରବାରରେ ଜଡିତ ୩ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବେତନଟୀ ଉପକଣ୍ଠ ଆମ୍ବଯୋଡା ଗ୍ରାମର ଗୁରୁବାରୀ ସୋରେନ, ବଡସାହି ଥାନା ଅଧୀନ ଅର୍ଜୁନବାରିଆ ଗ୍ରାମର ଭଗବତୀ ପାତ୍ର ଏବଂ ଅରିତ ସାହୁ। ସମସ୍ତ ଅଭିଯୁକ୍ତଙ୍କ ନିକଟରୁ ୩୭ଲିଟର ଚୋରା ଦେଶୀମଦ ଜବତ କରାଯାଇଥିଲା। ବେତନଟୀ ଅବକାରୀ ଥାନା ପକ୍ଷରୁ ତିନିଟି ପୃଥକ ମାମଲା ରୁଜୁ ପୂର୍ବକ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷା ପରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ଫଟୋ ଓ ଭିଡିଓ ଭାଇରାଲ ଧମକ ଦେଇ ଯୁବକ ଗିରଫ

**ବୈଶିଙ୍ଗା, ୨୩।୧୨ (ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଅଞ୍ଚଳର ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିବା ଧମକ ଦେଇ ଶାରୀରିକ ସମ୍ପର୍କ ରଖିବା ଏବଂ ପୀଡିତା ପରିବାରଙ୍କୁ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ହେଲେ ମୁରକୁଣ୍ଡିଆ ଗ୍ରାମର ପ୍ରଦୀପ ମହାନ୍ତ। ଅଭିଯୋଗ ଅନୁଯାୟୀ କରୋନା ସମୟରେ ଯୁବତୀଙ୍କ ମା'ଙ୍କ ଦେହ ବାରମ୍ବାର ଖରାପ ରହୁଥିଲା। ଫଳରେ ତାଙ୍କ ବାପାମାଆ ଅଧିକାଂଶ ସମୟ ଅଜା ଘର ବେତନଟୀରେ ରହୁଥିଲେ। ଏହି ସମୟରେ ପୀଡ଼ିତା ନାବାଳିକା ଥିଲେ। ମୁରକୁଣ୍ଡିଆ ଗ୍ରାମର ପ୍ରଦୀପ ମହାନ୍ତ ୨୦୨୦ ମସିହା ଅକ୍ଟୋବର ୨୮ ତାରିଖ ସନ୍ଧ୍ୟା ୭ଟା ସମୟରେ ପୀଡିତାଙ୍କ ଘରେ ପଶି ଦୁଷ୍କର୍ମ କରିଥିଲା। ଏହି ଘଟଣା କାହା ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏଥିସହିତ ଦୁଷ୍କର୍ମ ସମୟରେ ଫଟୋ ଓ ଭିଡିଓ ନିଜ ମୋବାଇଲରେ ଉତ୍ତୋଳନ କରିଥିଲା। ପରେ ଉକ୍ତ ଭିଡିଓ ଓ ଫଟୋକୁ ଭାଇରାଲ କରିବାର ଧମକ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲା। ଗତବର୍ଷ ଅଗଷ୍ଟ ୬ତାରିଖ ପୀଡ଼ିତାଙ୍କୁ ବୁଲାଇ ନେବାକୁ କହି ବାହାରକୁ ନେଇଯାଇଥିଲା। ଗୋଟିଏ ଘରେ ୧୫ ଦିନ ରଖି ଦୁଷ୍କର୍ମ କରିଥିଲା। ପରେ ଯୁବତୀଙ୍କୁ ତାଙ୍କ ଘରେ ଛାଡ଼ି ଦେଇ ପୁଣି ଉକ୍ତ ଘଟଣା ପ୍ରଘଟ କଲେ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଏହିସବୁ ଘଟଣା ପରେ ଏବେ ପୁଣି ଥରେ ପ୍ରଦୀପ ଓ ତାର ସହଯୋଗୀ ହୋତାପୁର ଗ୍ରାମର ସତ୍ୟଭାମା ମାଝୀ ପୀଡିତାଙ୍କ ଘରେ ପହଞ୍ଚି ଗାଳିଗୁଲଜ ଦେବା ସହିତ ବାହାଘର କରାଇ ଦେବେ ନାହିଁ ବୋଲି ଧମକ ଦେଇଥିଲେ। ପରେ ସେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ପ୍ରଦୀପକୁ ରବିବାର ଗିରଫ କରିଛି। ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ।

# ଚୋରି ସାମଗ୍ରୀ ଜବତ; ୨ ଗିରଫ

**ବେତନଟୀ, ୨୩।୧୨(ସମିସ):** ବେତନଟୀ ବ୍ଲକ ପାଟଳୀପୁରା ପଞ୍ଚାୟତ ଅଧୀନ ଶୁଙ୍ଗଳାମୁଣ୍ଡଳୀ ଗ୍ରାମରୁ ଅକ୍ଟୋବର ୧୭ ତାରିଖ ରାତିରେ ବିଦ୍ୟୁତ ଟ୍ରାନ୍ସଫର୍ମରରୁ କୋର ଏବଂ କୋଏଲ ଚୋରି ହୋଇଥିଲା। ଚୋରି ହେବାର ଦୁଇମାସ ପରେ ପୁଲିସ ଯନ୍ତ୍ରାଂଶ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ଗ୍ରାମର ପେଶାଦାର ଅପରାଧୀ ୟୁସୁଫ ଖାନର ପୁଅ ଅନସାର ଖାନ (୨୬) ଏବଂ ବଡସାହି ଥାନା ଅଧୀନ ଭୀମଦା ଗ୍ରାମର ସୁନ୍ଦରମୋହନ ଗିରିର ପୁଅ ଶିବଶଙ୍କର ଗିରି(୨୫)। ବୈଶିଙ୍ଗା ପୁଲିସ ଟାଟାପାୱାର ଅଧିକାରୀ ଇଂ. ପ୍ରଶାନ୍ତ କୁମାର ନାୟକଙ୍କ ଅଭିଯୋଗକ୍ରମେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ଏହି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ଅନସାର ଘରୁ ଚୋରି ଟ୍ରାନ୍ସଫର୍ମରର କୋର ଓ କୋଏଲକୁ ଜବତ କରିଛି ପୁଲିସ। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି।

## ୧୫ ଦିନ ପରେ ବି ଖୋଲୁନି ଅଙ୍ଗନବାଡ଼ି କେନ୍ଦ୍ରର ତାଲା

# ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

**କୁଆଁମରା, ୨୩।୧୨ (ସମିସ):** ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ ମାଣିଚ ଅଙ୍ଗନବାଡିରେ ନୂତନ ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ଦର୍ଶାଇ ଗ୍ରାମବାସୀ ଗତ ୯ ତାରିଖରୁ କେନ୍ଦ୍ରରେ ତାଲା ପକାଇଛନ୍ତି। ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସମାଧାନର ରାସ୍ତା ବାହାରି ପାରିନାହିଁ। ଏ ନେଇ ସୋମବାର ଗ୍ରାମବାସୀ ଉଦଳା ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ତୁରନ୍ତ ଏହି ଘଟଣାର ସମାଧାନ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ସୀତାମଣୀ ବେହେରାଙ୍କ ଗତ ଅକ୍ଟୋବର ମାସରେ ଚାକିରି କାର୍ଯ୍ୟକାଳ ସରିବା ପରେ ଏହି ସ୍ଥାନରେ ଜଣେ ନୂତନ ସହାୟିକାଙ୍କୁ ନିଯୁକ୍ତି ପାଇଁ ସିଡିପିଓଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ୬ ଜଣ ଆବେଦନ କରିଥିବା ବେଳେ ଗ୍ରାମବାସୀ ଜଣେ ମାଆଙ୍କୁ ଏହି ପଦରେ ଅଗ୍ରାଧିକାର ଦେଇ ନିଯୁକ୍ତି ଦେବାକୁ ଦାବି କରିଥିଲେ। ମାତ୍ର କର୍ତ୍ତୃପକ୍ଷ ଜଣେ ଝିଅକୁ ନିଯୁକ୍ତି ଦେବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଏ ନେଇ ଗ୍ରାମବାସୀ ବିଡିଓ ଓ ସରପଞ୍ଚଙ୍କୁ ମଧ୍ୟ ଜଣାଇଛନ୍ତି। ତୁରନ୍ତ ସମାଧାନର ରାସ୍ତା ବାହାର କରିବାକୁ ଦାବି କରିଥିଲେ। ମାତ୍ର ସରପଞ୍ଚ କିମ୍ବା ବିଡିଓ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ପଦକ୍ଷେପ ନେଇନାହାନ୍ତି। ସିଡିପିଓ ନିଜ ଜିଦରେ ଅଟଳ ରହିବା ନେଇ ଗ୍ରାମବାସୀ ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ଘଟଣାର ତଦନ୍ତ ପାଇଁ ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅବିକା କ୍ୟାଲେଣ୍ଡର ଗ୍ରାଣ୍ଡ ଫିନାଲେ: ବାଲେଶ୍ୱର ଝିଅ ଇପ୍ସିତା ନନ୍ଦ 'ଫେସ୍ ଅଫ୍ ଦ ଇୟର'

**ବାଲେଶ୍ୱର, ୨୩।୧୨(ସମିସ):** ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଏବଂ ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ 'ଅବିକା ତରଫରୁ ଆୟୋଜିତ କ୍ୟାଲେଣ୍ଡର ମଡେଲ୍ ପ୍ରତିଯୋଗିତା-୫ରେ 'ଫେସ୍ ଅଫ୍ ଦ ଇୟର-୨୦୨୫' ଭାବେ ମନୋନୀତ ହୋଇଛନ୍ତି ବାଲେଶ୍ୱର ଝିଅ ଇପ୍ସିତା ନନ୍ଦ। ସ୍ଥାନୀୟ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଆୟୋଜିତ 'ଅବିକା କ୍ୟାଲେଣ୍ଡର ଗ୍ରାଣ୍ଡ ଫିନାଲେ-୫' ଉତ୍ସବରେ ବିଜୟିନୀଙ୍କୁ ମାନପତ୍ର, ଉପଢୌକନ, ମୋମେଣ୍ଟୋ ସହ ସମ୍ମାନିତ କରିଥିଲେ ଓଲିଉଡର ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର, ନିର୍ଦ୍ଦେଶକ ଓ ପ୍ରଯୋଜକ ସ୍ଥିତ ପଟ୍ଟନାୟକ ଏବଂ ଲେଖକ ଓ ପ୍ରକାଶକ ସରୋଜ ବଳ। ଏଥିସହିତ ସୋହାନି ସ୍ମୃତିକ୍ରିପା, ସାନଭି ପାଣି, ସାଇ ପ୍ରିୟଂସ ଦାସ, ଦିବ୍ୟାଂଶୀ ଭୁକ୍ତା, ଦ୍ରିସାନା ସାମନ୍ତରା, ପ୍ରିୟମ୍ ପ୍ରିୟଂସି ବେହେରା, ସାଇନି ସନୟା ବେହେରା, ସସ୍ମିତା ଜେନା, ଶ୍ରୀନିକା ପାଲ୍ ଆଦି ୯ ଜଣଙ୍କୁ 'ଫେସ୍ ଅଫ୍ ଦ ମନ୍ଥ-୨୦୨୫' ଭାବେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଅତିଥିମାନେ ଓଡ଼ିଶା ହସ୍ତତନ୍ତର ଆଧୁନିକୀକରଣ ସପକ୍ଷରେ ମତ ରଖି ଅବିକାର ଏଇ ପ୍ରୟାସକୁ ପ୍ରଶଂସା କରିଥିଲେ। 'ଅବିକା ୨୦୨୫ କ୍ୟାଲେଣ୍ଡର ଗ୍ରାଣ୍ଡ ଫିନାଲେ-୫'କୁ କବି, ଗୀତିକାର, ସଂଳାପକାର ବିଜୟ ମଲ୍ଲ ସଞ୍ଚାଳନ କରିଥିବା ବେଳେ, ଧନ୍ୟବାଦ ଅର୍ପଣ କରିଥିଲେ 'ଅବିକା'ର ନିର୍ଦ୍ଦେଶକ ଅବିନାଶ ସାହୁ।



# ବିଭିନ୍ନ ଦାବି ନେଇ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ

**ଉଦଳା, ୨୩।୧୨(ସମିସ):** ସୋମବାର ସିପିଆଇଏମ୍ ଉଦଳା ଶାଖା ମୟୂରଭଞ୍ଜ ଜିଲ୍ଲା କମିଟି ତରଫରୁ ୧୫ ଦଫା ସମ୍ବଳିତ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉଦଳା ପରେଡ଼ ପଡ଼ିଆରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ବାସନ୍ତୀ ଛକ ନିକଟରେ ପହଞ୍ଚି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବିଗୁଡ଼ିକ ହେଲା ଉଦଳା ଉପଖଣ୍ଡରେ ସରକାରୀ ଭିନ୍ନକ୍ଷମ ବିଦ୍ୟାଳୟ ସ୍ଥାପନ, ୧୮ ବର୍ଷରୁ ଉର୍ଦ୍ଧ୍ୱ ସବୁ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ, ବୃଦ୍ଧବୃଦ୍ଧା ପେନସନକୁ ପ୍ରତିମାସ ୧୦ ତାରିଖ ମଧ୍ୟରେ ପ୍ରଦାନ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କା ତୁରନ୍ତ ପ୍ରଦାନ, ଆବେଦନର ଏକ ସପ୍ତାହ ମଧ୍ୟରେ ସୁଭଦ୍ରା ରାଶି ପ୍ରଦାନ, ସୁଭଦ୍ରା ରାଶି ପ୍ରତି ମାସରେ ୫୦୦୦ ଟଙ୍କା କରି ପ୍ରଦାନ, ସମସ୍ତ ଭୂମିହୀନକୁ ୪ ଡେ଼ସିମିଲ ଘରଡ଼ିହ ପଟ୍ଟା ପ୍ରଦାନ, ୬୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବସରେ ଯାତାୟତ ପାଇଁ ୫୦% ରିହାତି, ପ୍ରତି ଭତ୍ତାଧାରୀଙ୍କୁ ଏକ ଲିଟର ମାଗଣା କିରୋସିନି, ପ୍ରତ୍ୟେକ ଅସହାୟ ଭତ୍ତାଧାରୀଙ୍କୁ ୩୫ କିଗ୍ରା ଚାଉଳ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ଉଦଳାରେ ଏକ ସରକାରୀ ଶୀତଳଭଣ୍ଡାର ସ୍ଥାପନ, ବାଲେଶ୍ୱର-ନୀଳଗିରି ରେଳ ଲାଇନକୁ ଉଦଳା ପର୍ଯ୍ୟନ୍ତ ସମ୍ପ୍ରସାରଣ, ରବି ଫସଲ ପାଇଁ କାଳବନ୍ଧ ଓ ସୋନ ବନ୍ଧର ପାଣିକୁ ଚାଷପାଇଁ ଜାନୁୟାରୀ ୧୫ ସୁଦ୍ଧା ଛାଡ଼ିବା ଆଦି ଦାବି ରହିଛି।




# ମଣ୍ଡଳ ସଭାପତି ଚୟନରେ ବଡ଼ସାହି ବିଧାୟକଙ୍କୁ ବିରୋଧ କରି ହଟ୍ଟଗୋଳ

**ବାରିପଦା, ୨୩।୧୨(ସମିସ):** ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ମଣ୍ଡଳ ସଭାପତି ଚୟନକୁ ନେଇ ବିଜେପି ବୈଠକରେ ହଟ୍ଟଗୋଳ ହେବା ସହିତ ଚେୟାରରେ ଆକ୍ରମଣ ଉଦ୍ୟମ ହୋଇଛି। ସୋମବାର ସନ୍ଧ୍ୟାରେ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବଡ଼ସାହି ବିଧାୟକ ସନାତନ ବିଜୁଳି ନିଜ ସମର୍ଥକଙ୍କୁ ମଣ୍ଡଳ ସଭାପତି ଭାବେ ଚୟନ କରିବା ପ୍ରସ୍ତାବକୁ ଉପସ୍ଥିତ କର୍ମକର୍ତ୍ତା ବିରୋଧ କରିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ବଡ଼ସାହି, ମାଣତ୍ରି, ବେତନଟୀ, ବୈଶିଙ୍ଗା ଓ ଅଁଳା ମଣ୍ଡଳର ସଭାପତି ଚୟନ ପାଇଁ ଏହି ବୈଠକ ବସିଥିଲା। ତେବେ ବିରୋଧାଭାସ ନେଇ ବିଧାୟକ ପୂର୍ବରୁ ସୂଚନା ପାଇ ବୈଠକକୁ ନିର୍ବାଚନ ମଣ୍ଡଳୀ ଭିତରେ ନ କରି ବାରିପଦାରେ କରିଥିଲେ। ବଡ଼ସାହି ମଣ୍ଡଳ ବ୍ୟତୀତ ଅବଶିଷ୍ଟ ୪ଟି ମଣ୍ଡଳର ସଭାପତି ପାଇଁ ୩ଟି ଲେଖାଏଁ ନାମ ରାଜ୍ୟକୁ ପଠାଯାଇଛି। ସେଠାରୁ ଯାହାକୁ ମନୋନୀତ କରାଯିବ ସେ ମଣ୍ଡଳ ସଭାପତି ଭାବେ ନିଯୁକ୍ତ ହେବେ। ଏ ନେଇ ବିଧାୟକଙ୍କ ମତାମତ ପାଇଁ ଯୋଗାଯୋଗ କରିବାରୁ ସମ୍ଭବ ହୋଇପାରିନାହିଁ। ସୂଚନାଯୋଗ୍ୟ ଯେ, ଶ୍ରୀ ବିଜୁଳି ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚିତ ହେବା ପରେ ପୁରୁଖା କର୍ମକର୍ତ୍ତା ଓ କର୍ମୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଥିଲା; ଯାହାର ପୁଞ୍ଜିଭୂତ ଅସନ୍ତୋଷ ଆଜିର ବୈଠକରେ ପ୍ରତିଫଳିତ ହୋଇଛି। ବଡସାହି ମଣ୍ଡଳରେ ବୁଥ କମିଟି ଗଠନ ଲକ୍ଷ୍ୟଧାର୍ଯ୍ୟ ପୂର୍ଣ୍ଣ ହୋଇନଥିବାରୁ କାହାରି ନାମ ସୁପାରି ହୋଇନାହିଁ।

# ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣାର ତଦନ୍ତ ଜାରି

**ବସ୍ତା ବ୍ଲକ, ୨୩।୧୨ (ସମିସ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରେ ରବିବାର ଘଟିଥିବା କଙ୍ଗାରୁ କୋର୍ଟରେ ଯୁବକଙ୍କୁ ଚୋରି ଅଭିଯୋଗରେ ପିଟି ପିଟି ହତ୍ୟା କରିବା ଘଟଣାରେ ପୁଲିସ ବାପ ଓ ପୁଅକୁ ନିଜ। ରେ ରଖି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ କୌଣସି କାରଣ ନଥାଇ ତ୍ରିଲୋଚନଙ୍କୁ ସେହି ଗ୍ରାମର ଅଜୟ ଦାସ (୬୦), ତାଙ୍କ ପୁଅ ଶମ୍ଭୁନାଥ ଦାସ ଓ ଅଜୟ ଦାସ ଏବଂ ବଂଶୀଧର ଦାସଙ୍କ ପୁଅ କାଳୀ ଚରଣ ଦାସ ଘରୁ ଉଠାଇ ନେଇ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିବା ନେଇ ମୃତ ତ୍ରିଲୋଚନର ସ୍ତ୍ରୀ କୁଞ୍ଜଲତା ଥାନାରେ ଲିଖିତ ଅଭିଯୋଗ କରିଥଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିବା ସହିତ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାରମ୍ଭିକ ତଦନ୍ତ କରି ଏହି ଘଟଣାରେ ସମ୍ପୃକ୍ତି ଥିବା ଅଜୟ ଓ ତାଙ୍କର ଏକ ପୁଅକୁ ଅଟକ ରଖିଛି। ଘଟଣାର ଅନ୍ୟାନ୍ୟ ଦିଗ ଓ ସମ୍ପୃକ୍ତି ନେଇ ତଦନ୍ତ ଚାଲିଥିବା ସିଂଲା ଥାନା ଭାରପ୍ରାପ୍ତ ଅଧିକାରୀ ଭୁବନ ମୋହନ ସେଠୀ ସୂଚନା ଦେଇଛନ୍ତି।

# ତିରିଂ 'ଆସେକା'ର କମ୍ୟୁନିଟି ହଲ୍ ଉଦ୍‌ଘାଟିତ




**ରାଇରଙ୍ଗପୁର, ୨୩।୧୨(ସମିସ):** ସାନ୍ତାଳୀ ଭାଷା ଦିବସ ଅବସରରେ ତିରିଂ ବ୍ଲକ ଭୁଣ୍ଡୁ ଗ୍ରାମ ନିକଟ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ (ଆସେକା) କାର୍ଯ୍ୟାଳୟ ପରିସରରେ ନିର୍ମିତ ସାନ୍ତାଳ ସାଓଁତା କମ୍ୟୁନିଟ ହଲ୍ ଉଦ୍‌ଘାଟିତ ହୋଇଯାଇଛି। ସାନ୍ତାଳୀ ସମାଜ ଓ ବିଭିନ୍ନ ସଂଗଠନ ପକ୍ଷରୁ ଡିସେମ୍ବର ୨୨ ତାରିଖରେ ବିଭିନ୍ନ ସ୍ଥାନରେ ସାନ୍ତାଳୀ ଭାଷା ଦିବସ ପାଳିତ ହୋଇଛି। ଏହି ଅବସରରେ ତିରିଂ ଆସେକା ଶାଖା କାର୍ଯ୍ୟାଳୟରେ ଭାଷା ଦିବସ ପାଳନ କରାଯିବା ସହିତ କମ୍ୟୁନିଟି ହଲ୍ ଉଦଘାଟିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାଇରଙ୍ଗପୁର ବିଧାୟକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସଂଘର ପତାକା ଉତ୍ତୋଳନ କରିଥିଲେ। ପରେ ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ କମ୍ୟୁନିଟି ହଲ୍‌କୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଦେବାଶିଷ ମାର୍ଣ୍ଡି, ସ୍ୱର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୁଗୁବୁରୁ ସମିତି ସମ୍ପାଦକ ନବୀନ ମୁର୍ମୁ, ସୁରେନ୍ଦ୍ର ଟୁଡୁ (ଗଡ଼େତ), ରାଉରକେଲା ସାମାଜିକ ଓ ସାଂସ୍କୃତିକ ସଂଘର ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ସମ୍ପାଦକ ଲେମ୍ବୋ ମୁର୍ମୁ, ନୋହା ତିରଲା ଗାଓଁତା ସଂଗଠନ ସଚିବ ଦିକୁମଣି ସୋରେନ୍, ଯୁଆନ୍ ଗାଓଁତା ଆସେକା ସମ୍ପାଦକ ସାଲଖୁ ମାର୍ଣ୍ଡି, ସାନ୍ତାଳୀ ବ୍ୟାଙ୍କ ଏମ୍ପ୍ଲୟିଜ ୱେଲଫେୟାର ଆସୋସିଏସନ ସଭାପତି ସୁନ୍ଦର ମୋହନ ମାର୍ଣ୍ଡି, ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ଅଧକ୍ଷ ଚୁନିୟନ ରଘୁନ ମୁର୍ମୁ, ଭୀମୱାର ମୁର୍ମୁ ଏବଂ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା ଓ ସମ୍ପାଦକ ମୋନରଞ୍ଜନ ମୁର୍ମୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆସନ୍ତା ୨୦୨୫ ମସିହାରେ ସାନ୍ତାଳୀ ଲିପି ଅଲଚିକି ଉଦ୍ଭାବନର ଶତବାର୍ଷିକ ପୂର୍ତ୍ତି ହେବାକୁ ଯାଉଥିବା ନେଇ ସାନ୍ତାଳ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପରେ ତିରିଂ ପିଢ ପାରଗାନା ତଥା ଆସେକାର ତିରିଂ ଶାଖା ସଭାପତି ଛୋଟରାୟ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାଶୀନାଥ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ନାଥ ହେମ୍ବ୍ରମ, ଚୈତନ୍ୟ ପ୍ରସାଦ ମାଝୀ, ସାନ୍ତାଳୀ ସାହିତ୍ୟ ଏକାଡେମୀ ସଂଯୋଜକ ପରିଚାଳନାରେ ସହଯୋଗ କରିଥିଲେ।

ଭାରତୀୟ ଦଳରେ ଶିବୁନ ନନ୍ଦ

# ସମୟର ପ୍ରତିକୂଳରୁ ସଫଳତାର ଶିଖର..

ମନ୍ଦିର ଓ ପର ଘରେ ପୂଜାପାଠ କରି ଯେତିକି ରୋଜଗାର କରନ୍ତି ବାପା, ସେତିକିରେ ପରିବାର ଚଳେ ଆଉ ପୁଅ ପାଇଁ ବି କିଣାହୁଏ ଖେଳ ସରଞ୍ଜାମ। ଏପଟେ ଜନ୍ମରୁ କଥା କହି ପାରୁନଥିବା ପୁଅର କ୍ରିକେଟ ଖେଳିବାର ଜିଦ୍ ଆଗରେ ସବୁ ଜଞ୍ଜାଳକୁ ପଛରେ ପକାଇ ଦିଅନ୍ତି ପରିବାର ଲୋକେ। ତଥାପି ସମୟର ପ୍ରତିକୂଳ ପରିସ୍ଥିତିରେ ଧିରେଧିରେ ପ୍ରତିଭା ପ୍ରସ୍ଫୁଟିତ ହୁଏ। ଗାଁ ବିଲରୁ କ୍ରିକେଟ ଖେଳ ଆରମ୍ଭ କରିଥିବା ଛୋଟ ପିଲାଟି ଏବେ ଭାରତୀୟ କ୍ରିକେଟ ଦଳରେ ସ୍ଥାନ ପାଇଛି। ମାର୍ଚ୍ଚରେ ହେବାକୁ ଥିବା ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଘୋଷିତ ମୁକବଧିର ଜାତୀୟ ଦଳରେ ସ୍ଥାନ ପାଇଥିବା ଏହି ପ୍ରତିଭା ଜଣକ ହେଉଛନ୍ତି ଶିବୁନ ନନ୍ଦ..

(ରିପୋର୍ଟ- କୁମାରଶ୍ରୀ)



**କଟକ, ୨୩।୧୨(ସମିସ):** ଆସନ୍ତା ମାର୍ଚ୍ଚ ୨ରୁ ୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ମୁକବଧିର ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ ଖେଳାଯିବ। ଭାରତ ସମେତ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣଆଫ୍ରିକା ଏହି ସିରିଜରେ ଭାଗ ନେବେ। ଏହା ପରେ ଅଷ୍ଟ୍ରେଲିଆ ବିପକ୍ଷରେ ଏକଦିବସୀୟ ସିରିଜ ମଧ୍ୟ ଭାରତ ଖେଳିବ। ଉକ୍ତ ଦୁଇଟି ଯାକ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଘୋଷିତ ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଶିବୁନ ନନ୍ଦ ସ୍ଥାନ ପାଇଛନ୍ତି। ତାଙ୍କର ଏହି ସଫଳତା ନେଇ ଓସିଏ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ବ୍ରହ୍ମପୁର ଗେଟ୍‌ବଜାର ଅନ୍ତର୍ଗତ ରାଧାକୃଷ୍ଣ ବିଲସାହିର ସୁକାନ୍ତ କୁମାର ନନ୍ଦ ଏବଂ ଅନୁରାଧା ନନ୍ଦଙ୍କ ପୁଅ ଶିବୁନ। ବାପା ସୁକାନ୍ତ ଜଣେ ପୂଜକ। ପୂଜାପାଠ କରି ବହୁ କଷ୍ଟରେ ପରିବାର ଚଳାନ୍ତି। ସୁକାନ୍ତ କହିବା ଅନୁସାରେ, ଛୋଟ ବେଳୁ ଶିବୁନଙ୍କ କ୍ରିକେଟ ପ୍ରତି ଆକର୍ଷଣ ଥିଲା। ଘରେ କାହା କଥା ନଶୁଣି ସାହି ପିଲାଙ୍କ ସହ ବିଲରେ କ୍ରିକେଟ ଖେଳନ୍ତି। ସ୍କୁଲ ଛୁଟି ପରେ କେମିତି କ୍ରିକେଟ ଖେଳିବେ ସେହି ଚିନ୍ତାରେ ଯେମିତି ରୁହନ୍ତି। କ୍ରିକେଟ ପ୍ରତି ଅହେତୁକ ଦୁର୍ବଳତା ଦେଖି ୯ ବର୍ଷ ବୟସରେ ତାଙ୍କୁ କୋଚ୍ ଅମିତ ଦାସଙ୍କ ପାଖକୁ ନିଆଯାଇଥିଲା। ବିବେକାନନ୍ଦ ବାଲ୍ୟ ମନ୍ଦିରରେ ପାଠପଢ଼ା ସହ ଧିରେଧିରେ ଶିବୁନ କ୍ରିକେଟ ସହ ଅଧିକ ଜଡିତ ହୋଇଥିଲେ।

କଥା ନକହି ପାରିବା କେବେ ବି ଶିବୁନଙ୍କ କ୍ଷେତ୍ରରେ ପ୍ରତିବନ୍ଧକ ସାଜି ନଥିଲା ବୋଲି ବାପା ସୁକାନ୍ତ କୁହନ୍ତି। ସାଧାରଣ ପିଲାଙ୍କ ଭିତରେ ଖେଳିବା ବେଳେ ଠାର ଦ୍ୱାରା ସେ ନିଜ କଥା ଅନ୍ୟକୁ ବୁଝାଇ ପାରନ୍ତି। ୨୦୨୨ ମସିହାରେ ସେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଆସିଥିଲା। ମାତ୍ର ଫିଟ୍‌ନେସ୍ ପରୀକ୍ଷାରେ ସେ ଫେଲ୍ ହୋଇ ଭାଙ୍ଗି ପଡ଼ିଥିଲେ। ପରେ କ୍ରମାଗତ ଦୁଇଥର ଶିବୁନ କୁଚ ବିହାର ଟ୍ରଫିରେ ରାଜ୍ୟ ପକ୍ଷରୁ ଖେଳିଛନ୍ତି। ଗଞ୍ଜାମ ଜିଲ୍ଲା ଦଳ ତରଫରୁ ସେ କଳାହାଣ୍ଡି କପ୍‌ରେ ମଧ୍ୟ ପ୍ରତିନିଧିତ୍ୱ କରି ଆସୁଛନ୍ତି। ରାଜ୍ୟ ମୁକବଧିର ଦଳର ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। ଏପରିକି ପୂର୍ବାଞ୍ଚଳ ମୁକବଧିର ଦଳରୁ ଖେଳି ଶିବୁନ ୪ଟି ମ୍ୟାଚ୍‌ରୁ ୧୦ଟି ୱିକେଟ ଅକ୍ତିଆର କରି ସର୍ବାଧିକ ୱିକେଟ ଦଖଲକାରୀ ତାଲିକାର ଦ୍ୱିତୀୟ ସ୍ଥାନରେ ରହି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ମଧ୍ୟକ୍ରମ ବ୍ୟାଟିଂ ଓ ଓପନିଂ ସ୍ପେଲ୍‌ରେ ମିଡିୟମ ପେସ୍ ବୋଲିଂ କରୁଥିବା ଶିବୁନ ମହେନ୍ଦ୍ର ସିଂହ ଧୋନୀ ଏବଂ ଯଶପ୍ରୀତ ବୁମ୍‌ରାଙ୍କୁ ଆଦର୍ଶ ବୋଲି ମାନନ୍ତି।

## ମହିଳା ଏକଦିବସୀୟ କ୍ରିକେଟ୍: ଶେଫାଳିଙ୍କ ୧୯୭ ରନ ବୃଥା

# ରନ୍ ଚେଜ୍‌ରେ ବେଙ୍ଗଲର ବିଶ୍ୱରେକର୍ଡ

**ସୌରାଷ୍ଟ୍ର, ୨୩।୧୨ (ଏଜେନ୍ସି):** ମହିଳା ଏକଦିବସୀୟ କ୍ରିକେଟ୍ (ଲିଷ୍ଟ-ଏ)ଇତିହାସରେ ସର୍ବାଧିକ ରନ୍ ଚେଜ୍ କରି ବେଙ୍ଗଲ ଦଳ ରେକର୍ଡ ବହିରେ ନାମ ଲିପିବଦ୍ଧ କରିଛି। ବିସିସିଆଇ ଆନୁକୂଲ୍ୟରେ ଏଠାରେ ଖେଳାଯାଉଥିବା ଜାତୀୟ ସିନିଅର ମହିଳା ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତାର ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ ହରିୟାଣା ପକ୍ଷରୁ ଧାର୍ଯ୍ୟ ୩୯୦ ରନର ବିଶାଳ ଲକ୍ଷ୍ୟକୁ ବେଙ୍ଗଲ ୫ ୱିକେଟ୍ ଓ ୫ ବଲ୍ ବଳକା ଥାଇ ଐତିହାସିକ ବିଜୟ ହାସଲ କରିଥିଲା। ତନୁଶ୍ରୀ ସରକାର ୧୧୩ ରନର ଦ୍ରୁତ ଶତକୀୟ ପାଳି ଖେଳି ଦଳକୁ ରେକର୍ଡ ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାରା ଗୁଜର (୬୯), ଷଷ୍ଠୀ ମଣ୍ଡଳ (୫୨), ପ୍ରିୟଙ୍କା ବାଲା (୮୮) ମଧ୍ୟ ଉଲ୍ଲେଖନୀୟ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ହରିୟାଣା ଅଧିନାୟିକା ଶେଫାଳି ବର୍ମା ୮ଜଣ ବୋଲରଙ୍କୁ ବ୍ୟବହାର କରିଥିଲେ ମଧ୍ୟ ବେଙ୍ଗଲକୁ ରୋକି ପାରି ନ ଥିଲେ।





ତନୁଶ୍ରୀ ସରକାର

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହରିୟାଣା ଓପନର୍ ଶେଫାଳିଙ୍କ ୧୯୭ ରନର ବିସ୍ଫୋରକ ଶତକୀୟ ପାଳି ବଳରେ ୫ ୱିକେଟ୍‌ରେ ୩୮୯ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଜାତୀୟ ଦଳରୁ ବାଦ୍ ପଡ଼ିଥିବା ଶେଫାଳି ତାଙ୍କ ୧୧୫ ବଲ୍ ପାଳିରେ ୨୨ ଚୌକା ଓ ୧୧ ଛକା ମାରିଥିଲେ। ଓପନିଂ ୱିକେଟ୍ ଯୋଡ଼ିରେ ଶେଫାଳି ଓ ରୀମା ସିସୋଦିଆ (୫୮) ୧୭୩ ରନର ଦୃଢ଼ ମୂଳଦୁଆ ପକାଇଥିଲେ। ଶେଫାଳିଙ୍କ ଏହି ଧୂଆଁଧାର ପାଳି କିନ୍ତୁ ଶେଷରେ ବୃଥା ଯାଇଥିଲା। ବୋଲିଂରେ ବେଙ୍ଗଲ ପାଇଁ ତନୁଶ୍ରୀ ସରକାରଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ତନୁଶ୍ରୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମହିଳା ଏକଦିବସୀୟ କ୍ରିକେଟ୍ ଇତିହାସରେ ପୂର୍ବରୁ ସର୍ବାଧିକ ରନ୍ ଚେଜ୍ ନ୍ୟୁଜିଲାଣ୍ଡର ନର୍ଦନ ଡିଷ୍ଟ୍ରିକ୍ଟସ୍ ଦଳ ନାମରେ ରହିଥିଲା। ୨୦୧୯ରେ ନ୍ୟୁଜିଲାଣ୍ଡର ଘରୋଇ ଏକଦିବସୀୟ ପ୍ରତିଯୋଗିତାର କାଣ୍ଟବେରୀ ବିପକ୍ଷ ମ୍ୟାଚରେ ନର୍ଦନ ଡିଷ୍ଟ୍ରିକ୍ଟ ୩୦୯ ରନର ଲକ୍ଷ୍ୟକୁ ପିଛା କରିଥିଲା। ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କା ଚଳିତ ବର୍ଷ ୩୦୨ ରନର ଲକ୍ଷ୍ୟକୁ ସଫଳତାର ସହ ହାସଲ କରିଥିଲା।

### ସଂକ୍ଷିପ୍ତ ସ୍କୋର

**ହରିୟାଣା:** ୩୮୯/୫, ୫୦ ଓଭର (ଶେଫାଳି- ୧୯୭, ସୋନିଆ- ୬୧, ରୀମା- ୫୮, ତନୁଶ୍ରୀ- ୩/୫୬)।
**ବେଙ୍ଗଲ:** ୩୯୦/୫, ୪୯.୧ ଓଭର (ତନୁଶ୍ରୀ- ୧୧୫, ପ୍ରିୟଙ୍କା- ୮୮, ଧାରା- ୬୯, ତ୍ରିବେଣୀ ବଶିଷ୍ଠ- ୨/୬୯)।

### ମହିଳା ଲିଷ୍ଟ-ଏ'ରେ ସର୍ବାଧିକ ରନ ଚେଜ୍

| ରନ୍ | ଦଳ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ୩୯୦ | ବେଙ୍ଗଲ | ହରିୟାଣା | ୨୦୨୪ |
| ୩୦୯ | ନର୍ଦନ ଡିଷ୍ଟ୍ରିକ୍ସ | କାଣ୍ଟରବେରୀ | ୨୦୧୯ |
| ୩୦୨ | ଶ୍ରୀଲଙ୍କା | ଅଷ୍ଟ୍ରେଲିଆ | ୨୦୨୪ |
| ୨୯୨ | ୱେଷ୍ଟର୍ଣ୍ଣ ଷ୍ଟ୍ରମ | ଥଣ୍ଡର | ୨୦୨୧ |
| ୨୯୦ | ଡ୍ରାଗନ୍ସ | ଟାଇଫୁନ୍ସ | ୨୦୨୩ |

# ଓଡ଼ିଶାର ୨୩ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଘୋଷିତ

**କଟକ, ୨୩।୧୨(ସମିସ):** ଗୋଆରେ ଚଳିତବର୍ଷ ବିସିସିଆଇ ଘରୋଇ ୨୩ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶା ମହିଳା କ୍ରିକେଟ ଚୟନ କମିଟି ସଦସ୍ୟା ଗଙ୍ଗୋତ୍ରୀ ବେହେରା ଓ ହେଡ୍ କୋଚ୍ କାଦମ୍ବିନୀ ମହାକୁଡ଼ ଆଜି ଏକ ୧୬ ଜଣିଆ ଖେଳାଳି ଦଳ ଘୋଷଣା କରିଛନ୍ତି। ଅଲିପ୍ସା ବିଶ୍ୱାଳଙ୍କୁ ଏହି ଦଳର ନେତୃତ୍ୱ ଦିଆଯାଇଛି। ଦଳରେ ଦୁଇ ଜଣ ୱିକେଟରକ୍ଷକ ଦିବ୍ୟା ରାଉତରାୟ ଓ ତନ୍ୱିରଞ୍ଜନା ରହିଛନ୍ତି। ଓଡ଼ିଶା ଖେଳିବାକୁ ଥିବା ଗ୍ରୁପ୍ ମ୍ୟାଚ୍ ପୋର୍ଭୋରିମ୍ ଓ ମାର୍ଗାଓରେ ଖେଳାଯିବ। ଜାନୁଆରୀ ୫ରେ ସୌରାଷ୍ଟ୍ର ବିପକ୍ଷ ମୁକାବିଲାରୁ ଓଡ଼ିଶା ତାହାର ଅଭିଯାନ ଆରମ୍ଭ କରିବ। ଜାନୁଆରୀ ୬ରେ ବିହାର, ୮ରେ ହାଇଦ୍ରାବାଦ୍, ୧୦ରେ ମୁମ୍ବାଇ ଓ ୧୨ରେ ରାଜସ୍ଥାନ ସହ ଖେଳିବ। ମନୋନୀତ ହୋଇଥିବା ଖେଳାଳିମାନେ ହେଲେ- ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ପୂଜାରାଣୀ ଦାସ, ଅଙ୍କିତା ଗିରି, ସୁଚିସ୍ମିତା ପଣ୍ଡା, କୁସୁମ ତିରିଆ, ଦିବ୍ୟା ରାଉତରାୟ, ତନ୍ୱି ରଞ୍ଜନା, କଳାଂଶି ଧୃତ୍ୟ, ନମ୍ରତା ରଘୁବଂଶୀ, ପ୍ରିୟଙ୍କା ବର୍ମା, ସୋନାଲି ହେମ୍ବ୍ରମ, ଜ୍ୟୋତି କେ. ପ୍ରସାଦ, ଲକ୍ଷ୍ମୀ ସିଂ, ଜିଏମ୍ ଅଳକାନନ୍ଦା, ତନ୍ମୟୀ ବେହେରା ଓ ଶୁଭ୍ରାନିର୍ଝରିଣୀ ସ୍ୱାଇଁ। ହେଡ୍ କୋଚ୍- କାଦମ୍ବିନୀ ମହାକୁଡ।

ଏଟିଏଫ୍ ଜୁନିଅର ସିରିଜ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଅଂଶଗ୍ରହଣ କଲେ ୫୮ ପ୍ରତିଯୋଗୀ



**ଭୁବନେଶ୍ୱର, ୨୩।୧୨(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରଠାରେ ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଆନୁକୂଲ୍ୟରେ ସୋମବାରଠାରୁ ଏଟିଫ୍ ୧୬ ବର୍ଷରୁ କମ୍, ଅଣ୍ଡର ଗ୍ରେଡ-୨ ଜୁନିଅର ସିରିଜ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ୨୭ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟ ଦ୍ୱାରା ଏଟିଏଫ୍ ୧୪ ଓ ଅଣ୍ଡର ସର୍କିଟ ଏବଂ ଆଇଟିଏଫ୍ ଜୁନିଅର ସର୍କିଟ୍ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବାକୁ ପ୍ରୟାସ କରାଯାଇଛି। ଏହା ଦ୍ୱାରା କନିଷ୍ଠ ଖେଳାଳିମାନେ ଜୁନିୟରସ୍ତରରୁ ଅନ୍ତର୍ଜାତୀୟ ଟେନିସକୁ ଉନ୍ନତି କରିବାର ସୁଯୋଗ ତଥା ପ୍ଲାଟଫର୍ମ ପାଇବେ।

ଓଟିଏ ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅସିତ ତ୍ରିପାଠୀ ମୁଖ୍ୟ ଅତିଥି ଓ ସମ୍ପାଦକ ସତ୍ୟଜିତ ମହାନ୍ତି ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଟିଏ ସମ୍ପାଦକ ତଥା ଅବସରପ୍ରାପ୍ତ ଆଇପିଏସ୍ ସତ୍ୟଜିତ୍ ମହାନ୍ତି (ରୁବୁନା), ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଏଟିଏଫ୍ ସୁପରଭାଇଜର ପ୍ରବୀଣ କୁମାର ନାୟକ ଓ ଓଟିଏ କୋଚ୍ ଓ ଅଫିସିଆଲ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ୍ ଉପରେ ୫୮ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ଏକକ ଚାମ୍ପିଅନ ୩୦୦ ଏସିଆନ ର୍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିବେ। ସେହିପରି ରନର୍ସଅପ୍ ୨୫୦ ପଏଣ୍ଟ ପାଇବେ।

# ଜାତୀୟ ସିନିଅର ହ୍ୟାଣ୍ଡବଲ୍ ପାଇଁ ୧୮ ଜଣିଆ ଓଡ଼ିଶା ଦଳ



**ଭୁବନେଶ୍ୱର, ୨୩।୧୨ (ସମିସ):** କେରଳର ଅଲେପିଠାରେ ଆସନ୍ତା ୨୬ ତାରିଖରୁ ଜାତୀୟ ବରିଷ୍ଠ ପୁରୁଷ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୫୩ତମ ସଂସ୍କରଣ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଲାଗି ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ଚନ୍ଦନ ପତ୍ରୀଙ୍କୁ ଦିଆଯାଇଛି। ସୋମବାର କେରଳ ଯାତ୍ରା ପୂର୍ବରୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ହକି ଏଚ୍‌ପିସି ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଦଳର ଖେଳାଳିଙ୍କୁ ଭେଟି ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଚନ୍ଦନ ପତ୍ରୀ, ବିଜୟ ବେହେରା, ରାଜାରାମ ପଣ୍ଡା, ଆର୍ଯ୍ୟନ ବ୍ରାହ୍ମୀନ, ରୀତିକ ହୋ, ସତ୍ୟଜିତ୍ ସାମଲ, ଅନୁରାଗ ଦାସ, ବିକାଶ ସାମଲ, ଅବିନାଶ ମେଧୀ, ଦିନେଶ ପୃଷ୍ଟି, ସାଗର ସ୍ୱାଗତ ସ୍ୱାଇଁ, ସିଲୁ ପାଲ, ରମେଶ ପୃଷ୍ଟି, ଅଙ୍କିତ ସିଂ, ଶମ୍ଭୁନାଥ ମଣ୍ଡଳ, କାହ୍ନୁଚରଣ ମହାରଣା, ଅନେଶ ବେହେରା ଓ ଅଭିଜିତ ଆଶିଷ ଲେଙ୍କା। ଦୁଷ୍ମନ୍ତ ଜେନା ପ୍ରଶିକ୍ଷକ ଓ ରଞ୍ଜିତ ମହାନ୍ତି ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଛନ୍ତି। ରାଜ୍ୟ ସଂଘର ସମ୍ପାଦକ ଇଂ ମାନସ ସିଂ, ସଭାପତି ବିପ୍ଲବ ଚୌଧୁରୀ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

■ ବିଶ୍ୱ ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍

# ଓଡ଼ିଶାର ୩ ଖେଳାଳିଙ୍କୁ ପଦକ







**ଭୁବନେଶ୍ୱର, ୨୩।୧୨ (ସମିସ):** ଆବୁଧାବିରେ ଉଦ୍‌ଯାପିତ ହୋଇଥିବା ୫ମ ବିଶ୍ୱ ଜୁନିଅର ଓ ସବ୍‌ଜୁନିଅର ଏବଂ ୨୦ତମ ସିନିଅର ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍‌ରେ ୩ ଓଡ଼ିଆ ଖେଳାଳିଙ୍କୁ ପଦକ ସଫଳତା ମିଳିଛି। ଅନିଶ ଶର୍ମା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମାଷ୍ଟର କାଟାଗୋରୀରେ ଶରତ ଦାସ ରୌପ୍ୟ ହାସଲ କରିଥିଲେ। ସେହିଭଳି ଭିଦିତ ଗୁପ୍ତା କାଂସ୍ୟ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୬ଜଣ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି ପ୍ରେମ ସିଂ ଥାପ୍ପା ରେଫରୀ ଭାବେ ପ୍ରତିଯୋଗିତା ପରିଚାଳନା କରିବା ଲାଗି ମନୋନୀତ ହୋଇଥିଲେ। ଏହି ପଦକ ସଫଳତା ଲାଗି ଓଡ଼ିଶା ପେଙ୍କାକ୍ ସିଲାଟ୍ ସଂଘର ସଭାପତି ତାପସ ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ଉପଦେଷ୍ଟା ସୁମନ ମୋଦି, ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର ରାଉତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାଜ୍ୟ ପାରା ଆଥଲେଟିକ ଚାମ୍ପିଅନ୍‌ସିପ୍ ଆରମ୍ଭ

# ୧୦୦ମି.ରେ ଜୟନ୍ତୀ, ଜାନକୀ ପ୍ରଥମ

**ଭୁବନେଶ୍ୱର, ୨୩।୧୨(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ପାରା ଆଥଲେଟିକ ଚାମ୍ପିଅନ୍‌ସିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମୟୂରଭଞ୍ଜର ଆଥଲେଟମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁରୁଷ ଟି-୧୧ ୧୫୦୦ମି ଦୌଡ଼ରେ ମୟୂରଭଞ୍ଜର ରାମ ମୁର୍ମୁ ୬:୪୧.୨୩ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଛନ୍ତି। ସେହିପରି ପୁରୁଷ ଟି-୧୨ ୧୫୦୦ମି.ରେ ଯଦୁନାଥ ମାଝି, ପୁରୁଷ ଟି-୨୦ ୧୫୦୦ମି.ରେ ଖୋର୍ଦ୍ଧାର ସିଦ୍ଧାର୍ଥ ମହାନ୍ତି, ପୁରୁଷ ଟି- ୪୬/୪୭ ୧୫୦୦ମି.ରେ ଜଗତସିଂହପୁରର ଯୋଗେଶ୍ୱର ବେଗ୍, ପୁରୁଷ ଟି-୧୩ ୧୫୦୦ମି.ରେ ଧନପତି ଗୌଡ଼, ଟି-୧୨ ୧୦୦ମି.ରେ ବାଦଲ ଦୀପରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଅପରପକ୍ଷରେ ମହିଳା ଟି-୧୩ ୧୫୦୦ମି.ରେ ବାଲେଶ୍ୱର ଫୁଲ ସୋରେନ, ମହିଳା ଟି-୪୬.୪୭ ୧୦୦ମିଟରରେ ପୁରୀର ତାରକା ଧାବିକା ଜୟନ୍ତୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ଟି-୫୪ ୧୦୦ମି.ରେ କୁନିଲତା ବାରିକ, ମହିଳା ଟି-୩୭ ୧୦୦ମି.ରେ ଇତିଶ୍ରୀ ନନ୍ଦୀ, ମହିଳା ଟି-୪୪ ୧୦୦ମି.ରେ ହୋଲି ସ୍ୱାଇଁ, ମହିଳା ଟି-୬୩ ୧୦୦ମି.ରେ ମୋନାଲି ସ୍ୱାଇଁ, ମହିଳା ଟି-୧୧ ୧୦୦ମି.ରେ ଗିରିବାଳା ଶବର ଓ ମହିଳା ଟି-୧୨ ୧୦୦ମି.ରେ ଜାନକୀ ଓରାମ ପ୍ରଥମ ସ୍ଥାନରେ ରହିଛନ୍ତି। ପୁରୁଷ ଟି-୪୫/୪୬/୪୭ ୧୦୦ମି.ରେ ନିକଲାସ ପ୍ରଧାନ, ପୁରୁଷ ଟି-୩୬ ୧୦୦ମି.ରେ ଜୟପ୍ରକାଶ ବାରିକ, ପୁରୁଷ ଟି-୩୭ ୧୦୦ମି.ରେ ସ୍ୱସ୍ତିକ ସାହୁ, ପୁରୁଷ ଟି-୪୧ ୧୦୦ମିରେ ଗିରୁଆ ଶଙ୍କର ସ୍ୱାଇଁ, ପୁରୁଷ ଟି-୫୩ ୧୦୦ମି.ରେ କମଳାକାନ୍ତ ନାୟକ ପ୍ରଥମ ସ୍ଥାନରେ ରହିଛନ୍ତି।



# ବିଜୟ ହଜାରେ ଟ୍ରଫି: ଶେଷ ବଲ୍‌ରେ ଜିତିଲା ଆସାମ

**କଟକ, ୨୩।୧୨(ସମିସ):** ଜୟପୁରର କେ.ଏଲ. ସାଇନି ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ବିଜୟ ହଜାର ଟ୍ରଫିର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୫ ୱିକେଟରେ ଆସାମ ଠାରୁ ପରାସ୍ତ ହୋଇଛି। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୨୬୮ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଆସାମ ଶେଷ ବଲ୍‌ରେ ମ୍ୟାଚ୍ ଜିତିଥିଲା। ଅନ୍ତିମ ଓଭରରେ ୯ରନ ଆବଶ୍ୟକ ଥିବା ବେଳେ ୫ମ ବଲ ସୁଦ୍ଧା ମ୍ୟାଚ୍ ବରାବର ସ୍ଥିତିରେ ପହଞ୍ଚିଥିଲା। ଅନ୍ତିମ ବଲ୍‌ରେ ଚୌକା ମାରି ସାହିଲ ଜୈନ ଦଳକୁ ଜିତାଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ୨୬ ତାରିଖରେ ଉତ୍ତରାଖଣ୍ଡ ବିପକ୍ଷରେ ଦଳ ୩ୟ ଲିଗ ମ୍ୟାଚ୍ ଖେଳିବ।

ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

କାର୍ତ୍ତିକ ଓ ଆଶୀର୍ବାଦଙ୍କ ଅର୍ଦ୍ଧଶତକ ବୃଥା



କାର୍ତ୍ତିକ ବିଶ୍ୱାଳ



ଆଶୀର୍ବାଦ ସ୍ୱାଇଁ

ଆସାମ ଅଧିନାୟକ ଶିବଶଙ୍କର ରୟ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଓପନର ଗୌରବ ଚୌଧୁରୀ ମାତ୍ର ୧୨ରନରେ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ସ୍ୱସ୍ତିକ ସାମଲଙ୍କ ୪୦ରନ ସହ ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କ ୩୪ରନ, ଗୋବିନ୍ଦ ପୋଦ୍ଦାରଙ୍କ ୩୩ରନ ସହାୟତାରେ ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳିଥିଲା। କାର୍ତ୍ତିକ ବିଶ୍ୱାଳ ୭୨ବଲରୁ ୬୬ରନ ଏବଂ ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ୪୫ବଲରୁ ୫୮ରନ୍ କରିବା ଯୋଗୁଁ ଓଡ଼ିଶା ୫ ୱିକେଟ ହରାଇ ୨୬୭ରନ ସଂଗ୍ରହ କରିଥିଲା। ଆସାମ ପକ୍ଷରୁ ମୃଣ୍ମୟ ଦତ୍ତ ୨ଟି ୱିକେଟ ଅକ୍ତିଆର କରିଥିଲେ। ୫ ୱିକେଟ ହରାଇ ଆସାମ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ରିଷଭ ଦାସ ସର୍ବାଧିକ ୭୩ରନ କରିଥିଲେ। ଅଧିନାୟକ ଶିବଶଙ୍କର ୬୬ରନ, ୱିକେଟକିପର ଏସ୍ ଘଡିଗାଁଓକର ୪୭ରନର ଉପଯୋଗୀ ପାଳି ଖେଳିଥିଲେ। ନିମ୍ନକ୍ରମରେ ସାହିଲ ଜୈନ ୧୧ବଲରୁ ୧୬ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶାର ରାଜେଶ ମହାନ୍ତି ୨ଟି, ସ୍ୱସ୍ତିକ ସାମଲ, ଜାମଲା ଭଞ୍ଜନ ମହାପାତ୍ର ଏବଂ ଅଭିଷେକ ରାଉତ ଗୋଟିଏ ଲେଖାଏ ୱିକେଟ ଦଖଲ କରିଛନ୍ତି।

ସୋସାଇଟି ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଟ୍ରାଇଡେଣ୍ଟ ଗାଲାକ୍ସି ଚାମ୍ପିଅନ




**ଭୁବନେଶ୍ୱର, ୨୩।୧୨(ସମିସ):** ଷ୍ଟ୍ରଙ୍ଗର ଟୁଗେଦର ଚ୍ୟାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ସୋସାଇଟି ପ୍ରିମିୟର ଲିଗ୍ (ଏସ୍‌ପିଏଲ୍)ର ୫ମ ସଂସ୍କରଣ ସଫଳତାର ସହ ଆୟୋଜିତ ହୋଇଛି। ଫାଇନାଲ ମୁକାବିଲାରେ ଟ୍ରାଇଡେଣ୍ଟ ଗାଲାକ୍ସି ୪ ୱିକେଟ ବିପୁଳ ଗାର୍ଡେନ୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବିପୁଳ ଗାର୍ଡେନ୍ସ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଜବାବରେ ଟ୍ରାଇଡେଣ୍ଟ ୯.୨ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇ ବାଜି ମାରିଥିଲା। ଟ୍ରାଇଡେଣ୍ଟର ତନ୍ମୟ ପରିଡ଼ା ଫାଇନାଲରେ ଓ ପ୍ରିୟବ୍ରତ ଗୌତମ ଲିଗ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ବିମଳେନ୍ଦୁ ପ୍ରଧାନ, ଭିଜିଆରଡବ୍ଲ୍ୟୁଏ ସଭାପତି ଅଭିରାମ ଶତପଥୀ, ସନସାଇନ୍ ହସ୍ପିଟାଲ ନିର୍ଦ୍ଦେଶକ ଅୟଶକାନ୍ତ ମହାନ୍ତି, ଫାଇଭଫୋଲ୍ଡ ରିନେୱେବଲ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ପଦ୍ମଲୋଚନ ସାହୁ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ମେଲବୋର୍ଣ୍ଣରେ ବକ୍ସିଂ ଡେ ଟେଷ୍ଟ ଗୁରୁବାରଠାରୁ

# ଭାରତ ଓ ଅଷ୍ଟ୍ରେଲିଆର ଜୋର୍‌ଦାର୍ ପ୍ରସ୍ତୁତି





**ମେଲବୋର୍ଣ୍ଣ, ୨୩।୧୨(ଏଜେନ୍ସି):** ଚଳିତ ବର୍ଡର ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍‌ର ଚତୁର୍ଥ ଟେଷ୍ଟ ମେଲବୋର୍ଣ୍ଣରେ ଆସନ୍ତା ୨୬ ତାରିଖ ଗୁରୁବାରଠାରୁ ଖେଳାଯିବ। ଏହି ଟେଷ୍ଟ ଲାଗି ଉଭୟ ଦଳର ଖେଳାଳି ଗତ କିଛିଦିନ ହେଲା ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଅଭ୍ୟାସ କରି ଆସୁଛି। କିନ୍ତୁ ସୋମବାର ଭାରତୀୟ ଖେଳାଳିମାନେ ବିଶ୍ରାମ ନେବାକୁ ଉଚିତ ମଣିଥିବାରୁ ଏହି ଦିନ ଖେଳାଳିମାନେ ଆଦୌ ଅଭ୍ୟାସ କରିନାହାନ୍ତି। ଅଷ୍ଟ୍ରେଲିଆ ଦଳ କିନ୍ତୁ ନେଟ୍‌ସରେ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ। ଏହି ଟେଷ୍ଟ ପୂର୍ବରୁ ବ୍ରିସ୍‌ବେନ୍‌ରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଟେଷ୍ଟ ଡ୍ର ରହିଥିଲା। ପ୍ରଥମ ଦୁଇଟି ଟେଷ୍ଟ ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଏଭଳି ସ୍ଥିତିରେ ମେଲବୋର୍ଣ୍ଣରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଏହି ସିରିଜ୍ କବ୍‌ଜା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ବ୍ୟତୀତ ଜୁନ୍‌ରେ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପ୍ରବେଶ କରିବା ଲାଗି ମଧ୍ୟ ପାଦେ ଅଗ୍ରସର ହେବ। ଏଥିଲାଗି ଏହି ଟେଷ୍ଟଟି ଉଭୟ ଦଳ ଲାଗି ବେଶ ଗୁରୁତ୍ୱ ବହନ କରୁଛି।

ବକ୍ସିଂ ଡେ'ରେ ଭାରତ ମେଲବୋର୍ଣ୍ଣରେ ଖେଳିଥିବା ଶେଷ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଆଜିଙ୍କ୍ୟା ରାହାଣେଙ୍କ ନେତୃତ୍ୱରେ ଭାରତ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୮ ୱିକେଟରେ ହରାଇଥିଲା। କିନ୍ତୁ ଏଠାରେ ଖେଳାଯାଇଥିବା ପ୍ରଥମ ୭ଟି ବକ୍ସିଂ ଡେ ଟେଷ୍ଟ ମଧ୍ୟରୁ ଅଷ୍ଟ୍ରେଲିଆ ୫ଟିରେ ବିଜୟୀ ହୋଇଥିଲା ବେଳେ ୨ଟି ଡ୍ର ରହିଥିଲା। କିନ୍ତୁ ଗତ ଦୁଇଟି ମୁକାବିଲା ଯଥା ୨୦୧୮ ଓ ୨୦୨୦ରେ ହୋଇଥିବା ମୁକାବିଲାରେ ଭାରତ ବିଜୟୀ ହୋଇଛି। ଏହାର ଅର୍ଥ ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆର ପ୍ରାଧାନ୍ୟ କମିଛି ଓ ଭାରତର ବିଜୟ ଶତକଡ଼ା ବୃଦ୍ଧି ପାଇଛି।

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ମୁକାବିଲା ବେଶ ରୋଚକ ରହିଛି। ଏହି ମୁକାବିଲାରେ ଅଷ୍ଟ୍ରେଲିଆ ୪୬ଟି ଓ ଭାରତ ୩୩ଟି ଟେଷ୍ଟରେ ବିଜୟୀ ହୋଇଛି। ଅନ୍ୟ ୩୦ଟି ଟେଷ୍ଟ ଡ୍ର ରହିଛି ଓ ମାଡ୍ରାସରେ ଖେଳାଯାଇଥିବା ଗୋଟିଏ ଟେଷ୍ଟ ଟାଇ ରହିଛି। ଅଷ୍ଟ୍ରେଲିଆ ମାଟିରେ ଘରୋଇ ଅଷ୍ଟ୍ରେଲିଆ ଦଳ ୩୧ଟିରେ ଜିତିଥିଲାବେଳେ ଭାରତ ମାତ୍ର ୧୦ଟି ଟେଷ୍ଟ ବିଜୟ ହାସଲ କରିଛି। ଅନ୍ୟ ୧୪ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି।

ଗତ ୧୦ ବର୍ଷ ମଧ୍ୟରେ ହୋଇଥିବା ମୁକାବିଲାରେ ଅଷ୍ଟ୍ରେଲିଆ ୮ଟି ଟେଷ୍ଟ ଜିତିଛି। ଏହା ମଧ୍ୟରୁ ଘରୋଇ ମାଟିରେ ୫ଟି, ଭାରତରେ ୨ଟି ଓ ନିରପେକ୍ଷ କେନ୍ଦ୍ରରେ ଗୋଟିଏ ମ୍ୟାଚ୍ ରହିଛି। ଏହି ସମୟରେ ଭାରତ ୯ଟି ଟେଷ୍ଟରେ ବିଜୟ ହାସଲ କରିଛି। ଏହା ମଧ୍ୟରୁ ଭାରତରେ ୪ଟି ଓ ଅଷ୍ଟ୍ରେଲିଆରେ ୫ଟି ଟେଷ୍ଟ ଜିତିବାର ସୌଭାଗ୍ୟ ଲାଭ କରିଛି।


ବକ୍ସିଂ ଡେ ଟେଷ୍ଟରେ ଭାରତର ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଯଦି ୬ଟି ୱିକେଟ ଅକ୍ତିଆର କରିବାରେ ସମର୍ଥ ହୁଅନ୍ତି, ତେବେ ସେ ଭାରତର ଦ୍ୱାଦଶ ବୋଲର ଭାବେ ଟେଷ୍ଟ କ୍ରିକେଟରେ ୨୦୦ ୱିକେଟ କ୍ଲବ୍‌ରେ ସାମିଲ ହେବେ। ଏହି ସିରିଜ୍‌ର ପ୍ରଥମ ୩ଟି ଟେଷ୍ଟରେ ସେ ୧୦.୯୦ ହାରରେ ୨୧ଟି ୱିକେଟ ନେଇସାରିଲେଣି। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭେନ ସ୍ମିଥ ଆଉ ୧୯୧ ରନ୍ କରିପାରିଲେ ସେ ନିଜ ଦେଶ ଚତୁର୍ଥ ବ୍ୟାଟର ଭାବେ ଟେଷ୍ଟ କ୍ରିକେଟରେ ୧୦, ୦୦୦ ରନ୍ ପୂରଣ କରିବାରେ ସମର୍ଥ ହେବେ। ଅଷ୍ଟ୍ରେଲିଆ ଏଠାରେ ଖେଳିଥିବା ଶେଷ ୩ଟି ଟେଷ୍ଟରେ ପ୍ରଥମ ୨୦ଟି ବଲରେ ୨୭ ଜଣ ବ୍ୟାଟରଙ୍କୁ ଆଉଟ କରିବାରେ ସମର୍ଥ ହୋଇଛନ୍ତି। ଏଣୁ ଭାରତୀୟ ଟପ୍ ଅର୍ଡର ପୁଣିଥରେ ଅଷ୍ଟ୍ରେଲୀୟ ବୋଲରଙ୍କ ଟାର୍ଗେଟରେ ରହିଛନ୍ତି। ବିଶେଷ କରି ଫର୍ମରେ ନ ଥିବା ବିରାଟ କୋହଲି ୨୦୨୪ରେ ୮ ଥର ଦୁଇ ଅଙ୍କ ଛୁଇଁବା ପୂର୍ବରୁ ଆଉଟ ହୋଇଛନ୍ତି।

## ଭାରତୀୟ ଦଳରେ ତନୁଷ କୋଟିଆନ



**ନୂଆଦିଲ୍ଲୀ, ୨୩।୧୨(ଏଜେନ୍ସି):** ଅଫ୍ ସ୍ପିନ୍ ଅଲରାଉଣ୍ଡର ତନୁଷ କୋଟିଆନ୍‌ଙ୍କୁ ପ୍ରଥମଥ ଲାଗି ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଇଛି। ଏହି ୨୬ ବର୍ଷୀୟ ମୁମ୍ବାଇ ଖେଳାଳି ଏବେ ଅହମ୍ମଦାବାଦ୍‌ରେ ବିଜୟ ହଜାରେ ଟ୍ରଫି ଖେଳୁଛନ୍ତି ଓ ସୂଚନା ଅନୁଯାୟୀ ସେ ଆସନ୍ତାକାଲି ବା ମଙ୍ଗଳବାର ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ କ୍ରିକେଟ ଦଳ ସହ ମେଲବୋର୍ଣ୍ଣରେ ଯୋଗଦେବେ। କୋଟିଆନ ଏଯାଏ କୌଣସି ପ୍ରକାର ଅନ୍ତର୍ଜାତୀୟ ମ୍ୟାଚରେ ଖେଳି ନାହାନ୍ତି। ଏବେ ସେ ନିକଟରେ ଭାରତ-ଏ' ଦଳ ସହ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ସଫଳତା ଲାଭ କରିଥିଲେ। କିମ୍ବଦନ୍ତୀ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଦେଶର ପ୍ରମୁଖ ଅଫ୍ ସ୍ପିନ ଅଲରାଉଣ୍ଡର ଭାବେ ବିବେଚିତ ହେଉଛନ୍ତି। ମୁମ୍ବାଇ ପକ୍ଷରୁ ସେ ୩୩ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳି ୪୧.୨୧ ହାରରେ ୧୫୨୫ ରନ୍ କରିଥିଲାବେଳେ ୨୫.୭୦ ହାରରେ ୧୦୧ଟି ୱିକେଟ ନେଇଛନ୍ତି। ୨୦୨୩-୨୪ ସିଜନରେ ମୁମ୍ବାଇ ରଣଜୀ ଟ୍ରଫି ଚାମ୍ପିଅନ ହେବାରେ କୋଟିଆନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ସିଜନରେ ସେ ୪୧.୮୩ ହାରରେ ୫୦୨ ରନ୍ କରିଥିଲାବେଳେ ୧୬.୯୬ ହାରରେ ୨୯ଟି ୱିକେଟ ଅକ୍ତିଆର କରିଛନ୍ତି।

## ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ସାମି ଅନ୍‌ଫିଟ୍



ସମୟଚକ୍ରରେ ସ୍ୱଦେଶ ଫେରୁଥିବା ଦେବଦତ୍ତ ପାଡିକଲ ଅଷ୍ଟ୍ରେଲିଆରେ ଟେଷ୍ଟ ଖେଳିଲେ। ଧ୍ରୁବ ଜୁରେଲଙ୍କର ମଧ୍ୟ ସମାନ ଅବସ୍ଥା। ଅଶ୍ୱିନ ଅବସର ନେବେ ବୋଲି କେହି ଭାବି ନ ଥିଲେ। କିନ୍ତୁ ତନୁଷ କୋଟିଆନ୍‌ଙ୍କୁ ଜାତୀୟ ଦଳରେ ସାମିଲ କରାଗଲା। କିନ୍ତୁ ଆଘାତ ସମସ୍ୟାରୁ ମୁକୁଳିବା ଲାଗି ସମସ୍ତ ପ୍ରକାର ଚେଷ୍ଟା ଚଳାଇଥିବା ମହମ୍ମଦ୍ ସାମି ଘରୋଇ କ୍ରିକେଟ ଖେଳିଥିଲେ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଫିଟ୍ ହୋଇନାହାନ୍ତି। ବେଙ୍ଗଲ ପକ୍ଷରୁ ରଣଜୀ ଟ୍ରଫି ଖେଳି ୪୩ ଓଭର ବୋଲିଂ କରିବା ଓ ସୟଦ ମୁସ୍ତାକ ଅଲି ଟି-୨୦ରେ ସମସ୍ତ ୯ଟିଯାକ ମ୍ୟାଚ୍ ଖେଳିବା ପରେ ତାଙ୍କ ଗୋଡ ଫୁଲିଯାଇଛି। ଏହା କିନ୍ତୁ ଗୁରୁତର ନୁହେଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଏହା ଫଳରେ ଅଷ୍ଟ୍ରେଲିଆ ସହ ଟେଷ୍ଟ ଖେଳିବା ସମ୍ଭବ ହେବ ନାହିଁ। ବିସିସିଆଇ ମେଡିକାଲ ଟିମ୍‌ର କହିବା ଅନୁଯାୟୀ ଅସ୍ତ୍ରୋପଚାର ହୋଇଥିବା ସାମିଙ୍କ ଆଣ୍ଠୁ ଲାଗି ଅଧିକ ସମୟ ଆବଶ୍ୟକ। ଏଣୁ ସେ ଅଷ୍ଟ୍ରେଲିଆ ଯାଇପାରିବେ ନାହିଁ।

## କାମ୍ବ୍ଳୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର



**ଥାନେ, ୨୩।୧୨(ଏଜେନ୍ସି):** ପୂର୍ବତନ କ୍ରିକେଟ ବିନୋଦ କାମ୍ବ୍ଳୀ ସ୍ୱାସ୍ଥ୍ୟାବସ୍ଥା ପୁଣିଥରେ ବିଗିଡି ଯାଇଛି। ତାଙ୍କୁ ଥାନେର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୫୨ ବର୍ଷୀୟ କାମ୍ବ୍ଳୀଙ୍କ ଗୁରୁତର ଅଛନ୍ତି ବୋଲି ହସ୍ପିଟାଲ ସୂତ୍ରରୁ ଜଣାଯାଇଛି। ଏବେ ସେ ହୃଦ୍‌ଜନିତ ସମସ୍ୟା ଓ ଡିପ୍ରେସନ୍ ଦେଇ ଗତି କରୁଛନ୍ତି। ୨୦୧୩ରେ ତାଙ୍କର ଦୁଇଥର ହୃଦ୍‌ଘାତ୍ ହୋଇଥିଲା ଓ ପିଲାବେଳର ବନ୍ଧୁ ତଥା କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ତାଙ୍କର ହାର୍ଟ ଅସ୍ତ୍ରୋପଚାର କରାଇଥିଲେ। ସେ ଏକ ୟୁଟ୍ୟୁବ ଚ୍ୟାନେଲରେ ଏ ନେଇ ଖୁଲାସା କରିଥିଲେ।

■ **ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

## ସ୍ୱାଗତ, କ୍ରିଷ୍ଣାଙ୍କ ଅର୍ଦ୍ଧଶତକ; ଓଡ଼ିଶା ଆଗୁଆ

**କଟକ, ୨୩।୧୨(ସମିସ):** ମଧ୍ୟପ୍ରଦେଶର ମୋରେନାସ୍ଥିତ ଏମପିସିଏ ଗ୍ରାଉଣ୍ଡରେ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା ଏବଂ ହରିୟାଣା ବିପକ୍ଷ ମ୍ୟାଚ୍ ଖେଳାଯାଉଛି। ଏଥିରେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ସହ ଦୃଢ଼ ସ୍ଥିତିରେ ରହିଛି। ହରିୟାଣା ପ୍ରଥମ ଇନିଂସରେ ୧୯୨ ରନରେ ଅଲଆଉଟ ହୋଇଥିଲା। ରବିବାର ଖେଳର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୨ ୱିକେଟ ବିନିମୟରେ ୬୪ ରନ କରିଥିଲା। ସୋମବାର ଏହି ଅସମାପ୍ତ ଇନିଂସରୁ ଖେଳ ଆରମ୍ଭ କରି ଓଡ଼ିଶା ଷ୍ଟମ୍ପ ସୁଦ୍ଧା ୬ ୱିକେଟ ବିନିମୟରେ ୨୪୮ ରନ କରିବା ସହ ୫୬ରନରେ ଆଗୁଆ ରହିଛି। ଅସୀମ ବରାଡ ୨୯ ରନ ଏବଂ ସୌମ୍ୟରଞ୍ଜନ ସିଂହ ୧୫ରନରେ ଅପରାଜିତ ରହିଛନ୍ତି। ସେହିଭଳି ଅଧିନାୟକ ସ୍ୱାଗତ ସୌରଭ ମିଶ୍ର ୫୪ ଏବଂ କ୍ରିଷ୍ଣା ସାମଲ ୮୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଅଗ୍ରଣୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।





■ **ରାଜ୍ୟ କନିଷ୍ଠ ତୀରନ୍ଦାଜୀ ପ୍ରତିଯୋଗିତା**


## ଅର୍ଣ୍ଣବ, ଅନ୍ୱେଷା ଶ୍ରେଷ୍ଠ ଖେଳାଳି

**କଟକ, ୨୩।୧୨(ସମିସ):** କଟକ ଜିଲ୍ଲା ତୀରନ୍ଦାଜୀ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ସତ୍ୟବ୍ରତ ପଡ଼ିଆରେ ରାଜ୍ୟ କନିଷ୍ଠ ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୮ ଜିଲ୍ଲାରୁ ୩୩ଜଣ ବାଳିକା ଏବଂ ବାଳକ ତୀରନ୍ଦାଜ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ସମ୍ବଲପୁରର କ୍ରୀଷ୍ଣା ନାଗ ସ୍ୱର୍ଣ୍ଣ, ମୟୂରଭଞ୍ଜର ନିହିତ କୁମାର ମହନ୍ତ ରୌପ୍ୟ, କଟକର ଦିବ୍ୟାଂଶ କ୍ରୀଷ୍ଣା ରାଉତ କାଂସ୍ୟ, ବାଳିକା ବିଭାଗରେ ସମ୍ବଲପୁରର ଅନ୍ୱେଷା ଦେହୁରୀ ସ୍ୱର୍ଣ୍ଣ, ସୁନ୍ଦରଗଡ଼ର ଅନୟା ଏକ୍କା ରୌପ୍ୟ, ଦିବ୍ୟାଂଶୀ ନାଏକ କାଂସ୍ୟ ପଦକ ଜିତିଥିଲେ। ରିକର୍ଭ ରାଉଣ୍ଡ ବାଳକ ବିଭାଗରେ ସମ୍ବଲପୁରର ଅର୍ଣ୍ଣଭ ଦେହୁରୀ ସ୍ୱର୍ଣ୍ଣ, କଟକର ଗୌରବ ସ୍ୱାଇଁ ରୌପ୍ୟ, ମୟୂରଭଞ୍ଜର ଜଗନ୍ନାଥ ମୁର୍ମୁ କାଂସ୍ୟ, ବାଳିକା ବିଭାଗରେ କଟକର ଆରୁହି ଦାସ ସ୍ୱର୍ଣ୍ଣ, ଅଭିଲିପ୍ସା ସ୍ୱାଇଁ ରୌପ୍ୟ ଏବଂ କିସର ସୁଦୀକ୍ଷା ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଅର୍ଣ୍ଣବଙ୍କୁ ନରସିଂହ ପ୍ରତିହାରୀ ଟ୍ରଫି ଏବଂ ଅନ୍ୱେଷାଙ୍କୁ ବିଦ୍ୟୁଲତା ପ୍ରତିହାରୀ ଟଫ୍ରି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାପକ କିଶୋର ଚନ୍ଦ୍ର ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ତୀରନ୍ଦାଜୀ ସଂଘ ସଭାପତି ପରିକ୍ଷୀତ ମହାରଣା, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ବିବାହ ବନ୍ଧନରେ ଆବଦ୍ଧ ସିନ୍ଧୁ-ଭେଙ୍କଟ





**ଉଦୟପୁର, ୨୩।୧୨(ଏଜେନ୍ସି):** ଡବଲ୍ ଅଲିମ୍ପିକ୍ସ ପଦକ ବିଜୟିନୀ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିଶିଷ୍ଟ ବ୍ୟବସାୟୀ ଭେଙ୍କଟ ସାଇଦତ୍ତାଙ୍କ ସହ ସେ ରବିବାର ବିବାହ କରିଛନ୍ତି। ରାଜସ୍ଥାନ ଉଦୟପୁରର ଉଦୟ ସାଗର ହ୍ରଦରେ ଥିବା ପଞ୍ଚ ତାରକା ହୋଟେଲରେ ରାଫେଲ୍ସରେ ଏହି ହାଇପ୍ରୋଫାଇଲ ବିବାହ ଅନୁଷ୍ଠିତ ହୋଇଛି। ଏହି ବିବାହରେ କ୍ରୀଡ଼ା, ରାଜନୀତି ଓ ସିନେ ଜଗତର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏଥିରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ଉପ- ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ସମେତ ବହୁ ରାଜନେତା ଓ ସିନେ ତାରକା ଯୋଗ ଦେଇଥିଲେ। ଅତିଥିମାନଙ୍କ ପାଇଁ ଏହି ବିଳାସପୂର୍ଣ୍ଣ ହୋଟେଲର ୧୦୦ଟି ରୁମ୍ ବୁକ୍ କରାଯାଇଥିଲା।

### ୧୪ରେ ହୋଇଥିଲା ନିର୍ବନ୍ଧ

ଡିସେମ୍ବର ୧୪ରେ ଦୁହିଁଙ୍କ ନିର୍ବନ୍ଧ ହୋଇଥିଲା। ସିନ୍ଧୁଙ୍କ ସ୍ୱାମୀ ହାଇଦରାବାଦ୍‌ରେ ରହୁଛନ୍ତି। ସେ ପୋସିଡେକ୍ସ ଟେକ୍ନୋଲୋଜି କମ୍ପାନୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଫାଇନାନ୍ସ, ଡାଟା ସାଇନ୍ସ ଓ ଆସେଟ୍ ମ୍ୟାନେଜମେଣ୍ଟରେ ତାଙ୍କର ବହୁ ଅଭିଜ୍ଞତା ରହିଛି। କ୍ରିକେଟ ସହିତ ମଧ୍ୟ ତାଙ୍କର ସମ୍ପର୍କ ରହିଛି। ସେ ଜେଏସ୍‌ଡବ୍ଲ୍ୟୁ ତରଫରୁ ଆଇପିଏଲ୍‌ର ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ୍‌ର କାର୍ଯ୍ୟ ମଧ୍ୟ ସମ୍ଭାଳିଛନ୍ତି।

## ଦିନିକିଆ ସିରିଜ୍‌ରେ ପାକିସ୍ତାନର କ୍ଲିନ୍ ସୁଇପ୍

**ଜୋହାନ୍ସବର୍ଗ, ୨୩।୧୨(ଏଜେନ୍ସି):** ବର୍ଷା ବାଧାପ୍ରାପ୍ତ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ଡିଏଲ୍‌ଏସ୍ ପ୍ରଣାଳୀରେ ୩୬ ରନରେ ବିଜୟୀ ହୋଇଛି। ଏଥିସହ ପାକିସ୍ତାନ ୩-୦ରେ ସିରିଜ ପୋଛି ନେଇଛି। ପାକିସ୍ତାନ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ମାଟିରେ ଦିନିକିଆ ସିରିଜ କ୍ଲିନ୍ ସୁଇପ୍ କରି ଇତିହାସ ସୃଷ୍ଟି କରିଛି। ପୂର୍ବରୁ ପାକିସ୍ତାନ ପ୍ରଥମ ଦିନିକିଆରେ ୩ ୱିକେଟରେ ଓ ଦ୍ୱିତୀୟରେ ୮୧ ରନରେ ବିଜୟ ହାସଲ କରିଥିଲା। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୯ ୱିକେଟ ହରାଇ ୩୦୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସଇମ ଆୟୁବ ୧୦୧, ବାବର ଆଜମ ୫୨, ମହମ୍ମଦ ରିଜୱାନ ୫୩ ରନ୍ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୪୨ ଓଭରରେ ୨୭୧ ରନକରି ଅଲଆଉଟ ହୋଇଥିଲା।

## ନେଟ୍‌ଫ୍ଲିକ୍ସରେ ୨୦୨୭, ୨୦୩୧ ଫିଫା ମହିଳା ବିଶ୍ୱକପ୍ ପ୍ରସାରଣ

**କାଲିଫର୍ଣ୍ଣିଆ, ୨୩।୧୨(ଏଜେନ୍ସି):** ୨୦୨୭ ଓ ୨୦୩୧ରେ ଆୟୋଜନ ହେବାକୁ ଥିବା ଫିଫା ମହିଳା ବିଶ୍ୱକପ୍ ନେଟ୍‌ଫ୍ଲିକ୍ସରେ ପ୍ରସାରଣ ହେବ। ନେଟ୍‌ଫ୍ଲିକ୍ସକୁ ଏହି ପ୍ରସାରଣ ଅଧିକାର ମିଳିଛି। ଫଳରେ ପ୍ରଥମଥର ପାଇଁ ଫିଫା ମହିଳା ବିଶ୍ୱକପ୍ କୌଣସି ଷ୍ଟ୍ରିମିଂ ସର୍ଭିସ୍‌ରେ ପ୍ରସାରଣ ହେବ। ଏ ସଂକ୍ରାନ୍ତରେ ଫିଫା ଓ ନେଟ୍‌ଫ୍ଲିକ୍ସ ମଧ୍ୟରେ ଏକ ଐତିହାସିକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ୨୦୨୭ ବିଶ୍ୱକପ୍ ବ୍ରାଜିଲରେ ଆୟୋଜନ ହେବ ଓ ଏହା ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୨୫ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବିଶ୍ୱରେ ଶ୍ରେଷ୍ଠ ୩୨ଟି ଦଳ ଅଂଶଗ୍ରହଣ କରିବେ।

## ଖୋର୍ଦ୍ଧା ଜିଲ୍ଲା ଚେସ୍ ୨୭ରୁ

**ଭୁବନେଶ୍ୱର, ୨୩।୧୨ (ସମିସ):** ଖୋର୍ଦ୍ଧା ଜିଲ୍ଲା ଚେସ୍ ଚାମ୍ପିଅନସିପ୍ ଆସନ୍ତା ୨୭ରୁ ୟୁନିଟ୍-୩ ସ୍ଥିତ ସେଣ୍ଟ ଜୋଶେଫ୍ ହାଇସ୍କୁଲରେ ଆରମ୍ଭ ହେବ। ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କେବଳ ଖୋର୍ଦ୍ଧା ଜିଲ୍ଲାର ଚେସ୍ ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ଏଥିରେ ଶ୍ରେଷ୍ଠ-୧୫ ଜଣ ଖେଳାଳିଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେହିଭଳି ବିଭିନ୍ନ ବର୍ଗରେ ୫୬ଟି ଟ୍ରଫି ଦିଆଯିବ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଥିବା ଖେଳାଳି ଡିସେମ୍ବର ୨୬ ସୁଦ୍ଧା ପ୍ରବେଶିକା ଦେୟ (୫୦୦) ଡିପୋଜିଟ୍ କରି ନାମ ରେଜିଷ୍ଟର କରିପାରିବେ। ଅଧିକ ବିବରଣୀ ଲାଗି ଆୟୋଜନ କମିଟି ସମ୍ପାଦକ ସ୍ୱାଂଶୁ ସତ୍ୟକାମ (ମୋ- ୯୯୩୭୦୦୭୯୪୫), ସରୋଜ ବେହେରା (ମୋ- ୯୮୬୧୦୮୩୭୬୪) କିମ୍ବା ଶୁଭାଶିଷ ପଟ୍ଟନାୟକ (ମୋ- ୯୮୬୧୩୯୧୨୫୮) ଙ୍କୁ ଯୋଗାଯୋଗ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

**ଜାତୀୟ ସିନିଅର ମହିଳା ଫୁଟ୍‌ବଲ**

# ଓଡ଼ିଶା ପୁଣିଥରେ ରନର୍ସଅପ୍‌ରେ ସନ୍ତୁଷ୍ଟ



**ଭୁବନେଶ୍ୱର, ୨୩।୧୨ (ସମିସ):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଛତିଶଗଡ଼ରେ ଚାଲିଥିବା ୨୯ତମ ଜାତୀୟ ସିନିଅର ମହିଳା ଫୁଟ୍‌ବଲ ଚାମ୍ପିଅନସିପ୍ ତଥା ରାଣୀ ଜିଜାବାଇ ଟ୍ରଫିରେ ଓଡ଼ିଶାକୁ ପୁଣିଥରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସୋମବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଭାରତୀୟ ମହିଳା ଫୁଟ୍‌ବଲର ପାୱାର ହାଉସ୍ ଭାବେ ବିବେଚିତ ମଣିପୁର ୧-୦ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚର ୫୫ତମ ମିନିଟ୍‌ରେ ରୋଜା ଦେବୀଙ୍କ ଗୋଲ୍ ମଣିପୁରକୁ ୨୩ତମ ଟାଇଟଲ୍ ଜିତାଇବାରେ ଯଥେଷ୍ଟ ହୋଇଥିଲା।

**ମଣିପୁରକୁ ୨୩ତମ ଟାଇଟଲ୍**

**ଫାଓ ପକ୍ଷରୁ ୨.୬୦ ଲକ୍ଷ ଟଙ୍କା ପୁରସ୍କାର**

ପରାଜୟ ସହ ପ୍ୟାରୀ ଖାଖା'ଙ୍କ ନେତୃତ୍ୱାଧୀନ ଓଡ଼ିଶା ୧୪ ବର୍ଷ ପରେ ୨ୟଥର ଚାମ୍ପିଅନ ହେବାରୁ ଅଳ୍ପକେ ବଞ୍ଚିତ ହୋଇଛି। ଓଡ଼ିଶା ପ୍ରଥମ ଓ ଶେଷଥର ଲାଗି ୨୦୧୦-୧୧ ସଂସ୍କରଣରେ ଚାମ୍ପିଅନ ହୋଇଥିଲା। ଏଥିସହ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ୬ଷ୍ଠଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଉପବିଜେତା ହୋଇଛି। ଓଡ଼ିଶା ଯେଉଁ ୬ଥର ରନର୍ସଅପ୍ ହୋଇଛି ସବୁଥରେ ମଣିପୁର ନିକଟରୁ ହାରି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଛି। ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରା ରୌପ୍ୟ ବିଜୟୀ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ସେ ୨୬ ଜଣିଆ ଦଳକୁ ମୋଟ୍ ୨.୬୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ ନେଇ ଘୋଷଣା କରିଛନ୍ତି। ଫଳରେ ପ୍ରତ୍ୟେକ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ୧୦ ହଜାର ଟଙ୍କା ଲେଖାଏ ପାଇବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS